

ରାସନକାର୍ଡ ପାଇଁ କେୱାଇସି ଜରୁରି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଏମ୍‌ଏସିସିଆଇଏର ନବନିର୍ମିତ ମୁଖ୍ୟାଳୟ ଉଦ୍‌ଘାଟନ କଲେ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୧ | Vol. 22 No-81 | 21 JUNE 2025 SATURDAY, BHUBANESWAR | ଶନିବାର, ୨୧ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଦେଶ ପ୍ରଗତିର ଆଧାର ଓଡ଼ିଶାର ବିକାଶ ମନ୍ତ୍ର






- ଜଗନ୍ନାଥ ମହାପ୍ରଭୁ ମୋତେ ଓଡ଼ିଶା ଟାଣି ଆଣିଛନ୍ତି
- ରାଜ୍ୟରେ ବିକାଶର ଡବଲ ଇଞ୍ଜିନ ଚାଲୁ ରହିଛି
- ବିଜେପି କେବଳ ବିକାଶରେ ବିଶ୍ୱାସ କରେ
- ପାରାଦୀପରୁ ଝାରସୁଗୁଡ଼ା ହୋଇଛି ଔଦ୍ୟୋଗିକୀ ବିକାଶ
- ପେଟ୍ରୋକେମିକାଲ୍ସର ହବ ହେବ ଓଡ଼ିଶା
- ଓଡ଼ିଶା ଭିଜନ-୨୦୩୬, ୨୦୪୭ ଉନ୍ମୋଚିତ
- ୧୯ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ
- ୨୭୫୦ କୋଟି ଟଙ୍କାର ବିଭିନ୍ନ ରେଳପ୍ରକଳ୍ପ ଆରମ୍ଭ
- ଲକ୍ଷପତି ଦିଦିଙ୍କ ପାଦ ଛୁଇଁଲେ ମୋଦୀ

ଭୁବନେଶ୍ୱର,୨୦।୬(ଭାସ୍କର ନ୍ୟୁଜ): ଓଡ଼ିଶା ହେଉଛି ଭାରତ ଐତିହ୍ୟର ଦିବ୍ୟ ତାରକା। ଭାରତୀୟ ସଭ୍ୟତାକୁ ସମୃଦ୍ଧ କରିଛି ଓଡ଼ିଶା। ବିକାଶର ଆଧାର ହୋଇଛି ରାଜ୍ୟ। ଭାରତର ବିକାଶରେ ଓଡ଼ିଶାର ଭୂମିକା ଅତୁଳନୀୟ ବୋଲି ଶୁକ୍ରବାର ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଆୟୋଜିତ ସମାରୋହରେ ଯୋଗଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜୟ ଜଗନ୍ନାଥ, ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମ ନେଇ ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜିର ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜି ଓଡ଼ିଶାର ପ୍ରଥମ ବିଜେପି ସରକାର ସଫଳତାର ସହ ଗୋଟିଏବର୍ଷ ପୂରଣ କରିଛି। ଏହି ବର୍ଷପୂର୍ତ୍ତି କେବଳ ସରକାରଙ୍କର ନୁହେଁ, ଏହା ସୁଶାସନ ସ୍ଥାପନର ଏକବର୍ଷ। ଏହି ଗୋଟିଏବର୍ଷ ଜନସେବା ଓ ଜନବିଶ୍ୱାସକୁ ସମର୍ପିତ। ଏହା ଓଡ଼ିଶାର କୋଟି କୋଟି ମତଦାତାଙ୍କ ଭରସାକୁ ପୂରଣ କରିବାର ଏକ ସ୍ମରଣୀୟ ବର୍ଷ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ଆଉ କହିଥିଲେ, ଆପଣ ସମସ୍ତେ ପ୍ରଶଂସନୀୟ କାମ କରି ଓଡ଼ିଶାର ବିକାଶକୁ ନୂଆ ଦିଶା ଦେଇଛନ୍ତି। ମୋଦୀ ଆହୁରି କହିଥିଲେ ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ଏହା ଶହଶହ ବର୍ଷଧରି ଭାରତୀୟ ସଭ୍ୟତା ଓ ଆମ ସଂସ୍କୃତିକୁ ସମୃଦ୍ଧ କରୁଛି। ଏଥିପାଇଁ ଆଜି ଯେତେବେଳେ ବିକାଶ ଓ ଐତିହ୍ୟର ମନ୍ତ୍ର ଭାରତର ବିକାଶ ପାଇଁ ମନ୍ତ୍ର ପାଲଟିଛି, ସେତେବେଳେ ଓଡ଼ିଶାର ଭୂମିକା ଆହୁରି ଅଧିକ ହୋଇଛି। ଗତ ୧ବର୍ଷରେ ଓଡ଼ିଶା ବିକାଶ ଓ ଐତିହ୍ୟ ମନ୍ତ୍ରକୁ ସାର୍ଥକ କରିଛି। ଏହି ମନ୍ତ୍ରକୁ ନେଇ ଓଡ଼ିଶା ଆଗକୁ ବଢୁଛି। ଏଥିସହିତ ଆହୁରି ଏକ ଭଲ ସଂଯୋଗ ଯେ ବିଜେପିର ଓଡ଼ିଶା ସରକାର ଏକବର୍ଷ ପୂରଣ କରୁଥିବାବେଳେ ଭଗବାନ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି। ମହାପ୍ରଭୁ ଜଗନ୍ନାଥ ଆମପାଇଁ ଆରାଧ୍ୟ ଓ ପ୍ରେରଣା। ଏଠି ସରକାର ହେଉ ହେଉ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲି ଦିଆଗଲା। ସେ ଆହୁରି କହିଥିଲେ, ମୁଁ ଦୁଇଦିନ ତଳେ କାନାଡ଼ାରେ ଜି-୭ ସମ୍ମିଳନୀ ପାଇଁ ରହିଥିଲି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୋତେ ଫୋନ୍ କରି ୱାଶିଂଟନ ଗସ୍ତ ପାଇଁ ଆମନ୍ତ୍ରଣ କରିଥିଲେ। ମୁଁ ତାଙ୍କୁ ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇ କହିଥିଲି ଯେ ମହାପ୍ରଭୁଙ୍କ ମାଟିକୁ ଯିବା ମୋ ପାଇଁ ଅଧିକ ଜରୁରି। ଆପଣମାନଙ୍କ ସ୍ନେହ ମୋତେ ମହାପ୍ରଭୁଙ୍କ ମାଟିକୁ ଟାଣି ଆଣିଛି ବୋଲି ସେ କହିଥିଲେ। ସେ କହିଥିଲେ, କଂଗ୍ରେସ ମଡେଲରେ ସୁଶାସନ ନଥିଲା। ବିକାଶ ଯୋଜନାକୁ ଝୁଲାଇ ରଖିବା, ବାଟମାରଣା କରିବା ଓ ମହାଦୁର୍ନୀତିରେ ସାମିଲ ହେବା କଂଗ୍ରେସର ବିକାଶ ମଡେଲର ପରିଚୟ ଥିଲା। ଗତ ଦଶନ୍ଧିରେ ଦେଶ ବ୍ୟାପକ ରୂପେ ବିଜେପିର ବିକାଶ ମଡେଲ ଦେଖୁଛି। ଏବେ ପ୍ରାୟ ଅଧିକାଂଶ ରାଜ୍ୟରେ ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ନୂଆଯୁଗ ଆରମ୍ଭ ହୋଇଛି। ଆମର ଓଡ଼ିଶା ବି ଦଶନ୍ଧି ହେଲା ଅନେକ ସମସ୍ୟା ଭୋଗ କରୁଥିଲା। ଗରିବ, ଚାଷୀଙ୍କ ନିକଟରେ ସେମାନଙ୍କ ହକ୍ • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶା ପାଇଁ ଆଜି ଗୌରବର ଦିନ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୬(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଶୁକ୍ରବାର ଜନତା ମଇଦାନରେ ଆୟୋଜିତ ହୋଇଥିଲା ଭବ୍ୟ ସମାରୋହ। ଏଥିରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆଜି ଓଡ଼ିଶା ପାଇଁ ଏକ ଗୌରବର ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ଦେଶ ସୁରକ୍ଷିତ। ଦେଶ ଆଜି ବିଶ୍ୱର ଚତୁର୍ଥ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ବର୍ଷେ ଶାସନର ସୌଭାଗ୍ୟ ମିଳିଛି। ବର୍ଷକ ଭିତରେ ଅନେକ ଉପଲବ୍ଧି ମଧ୍ୟ ମିଳିଛି ବୋଲି ଶ୍ରୀ ମାଝୀ କହିବା ସହ ଓଡ଼ିଶାର ବିକାଶ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ସମସ୍ତ ୩୦ଟି ଜିଲ୍ଲା ଗସ୍ତକରି ଲୋକଙ୍କ ସମସ୍ୟା ବୁଝୁଛି। ୧୭ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମର୍ଥ ହୋଇଛୁ। ଲକ୍ଷପତି ଦିଦି ସୃଷ୍ଟିରେ ସାରା ଦେଶରେ ଓଡ଼ିଶା ହେଉଛି ପ୍ରଥମ। ସେହିପରି ଚାଷୀଙ୍କୁ ୮ଶହ ଟଙ୍କା ଇନପୁଟ୍ ସବ୍‌ସିଡି ପ୍ରଦାନ କରୁଛୁ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଆୟୁଷ୍ମାନ ଯୋଜନା, ସୁଭଦ୍ରା ଯୋଜନା ଓ ନୂଆ ଶିକ୍ଷାନୀତି ଭଳି ବହୁ ଯୋଜନା ମୋ ସରକାର ସମୟରେ ଲାଗୁ କରାଯାଇଛି। ଓଡ଼ିଶାରେ ପୂର୍ବୋଦୟର ବିକାଶ ହେବ। ଶିଳ୍ପ କେବଳ ଏମଓୟୁରେ ଅଟକିବ ନାହିଁ। ୧ଲକ୍ଷ ୮୦ ହଜାର କୋଟି ଟଙ୍କାର ନିବେଶ କରାଯିବ। ୨୦୩୬ ସୁଦ୍ଧା ୫ ମିଲିୟନ ଅର୍ଥନୀତିରେ ପହଞ୍ଚିବୁ। ଖୁବ୍‌ଶୀଘ୍ର ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ।

## ଭୟାନକ ହେଉଛି ଇରାନ-ଇସ୍ରାଏଲ ଯୁଦ୍ଧ

# ଏଥର ଆରପାର୍ ଲଢେଇ: ନେତାନ୍ୟାହୁ



ନୂଆଦିଲ୍ଲୀ,୨୦।୬: ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଏବେ ଭୟାନକ ରୂପ ଧାରଣ କରିଛି। ଉଭୟପକ୍ଷ କେହି କାହାକୁ ଛାଡ଼ିବା ସ୍ଥିତିରେ ନାହାନ୍ତି। ଏପରିକି ଏହି ଯୁଦ୍ଧ ଏବେ ଭୟାନକ ରୂପ ନେଉଥିବା ପ୍ରତିରକ୍ଷା ବିଶେଷଜ୍ଞ କହୁଛନ୍ତି। ଏହି ଯୁଦ୍ଧରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ମଧ୍ୟ ଘଟୁଛି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ରୋକିବା ପାଇଁ ନିକଟରେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲା। ଏଥିରେ ଇରାନ ପରମାଣୁ ବୈଜ୍ଞାନିକଙ୍କ ସମେତ ସେନାମୁଖ୍ୟଙ୍କର ମୃତ୍ୟୁ ହୋଇଥିଲା। ଏହାର ଜବାବରେ ଇରାନ ପକ୍ଷରୁ ବୈଜ୍ଞାନିକ ଗବେଷଣା କେନ୍ଦ୍ର ଉପରେ ମିସାଇଲ ମାଡ଼ କରାଯାଇଛି। ଏଥିରେ ଅନେକ ଲ୍ୟାବ୍ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ଏହି ଯୁଦ୍ଧ ଏବେ ତୀବ୍ରରୂପ ନେଉଥିବାରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇଛି। ସଂଘର୍ଷର ଅଷ୍ଟମ ଦିନରେ ଉଭୟ ଦେଶ ପରସ୍ପର ଉପରେ ବଡ଼ଧରଣର ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଇସ୍ରାଏଲ ଗୁରୁବାର ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବାବେଳେ ଇରାନ ମଧ୍ୟ ଏହାର କଡ଼ା ଜବାବ ଦେଉଛି। ଏସବୁ ଭିତରେ ଯୁଦ୍ଧ ମଇଦାନକୁ ଏଣ୍ଟ୍ରି କରିଛି ହିଜବୁଲ୍ଲା। ହିଜବୁଲ୍ଲାର ଉପନେତା ଶେଖ ନଇମ୍ କାସେମ ଇସ୍ରାଏଲ • ପୃଷ୍ଠା ୫ ଦେଖନ୍ତୁ

## ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ସଂକ୍ରମଣ ହ୍ରାସ

# ସଚେତନତା ଜାରି ରଖିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୦।୬ (ଭାସ୍କର ନ୍ୟୁଜ): ବିଭିନ୍ନ ବିଭାଗ ମାନଙ୍କର କ୍ଷେତ୍ର ସ୍ତରରେ ସମନ୍ୱିତ ଏବଂ ଏକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ଆସିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ.ଙ୍କ ସମୀକ୍ଷାରୁ ଏହା ଜଣାପଡ଼ିଛି । ସମୀକ୍ଷାରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଯାଜପୁର ଜିଲ୍ଲାରେ ଚଳିତ ମାସ ୧୦ ତାରିଖ ଦିନ ଦେଖା ଦେଇଥିବା ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି । ଗତ ୭ ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାମାନଙ୍କରେ ସଂକ୍ରମିତ ଡାଇରିଆ ରୋଗୀଙ୍କ ଆଡ଼ମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି । ଜୁନ୍ ୧୦ ତାରିଖ ଦିନ ୧୨୬ ଜଣ ଆକ୍ରାନ୍ତ ହୋଇଥିଲେ । ଜୁନ୍ ୧୧ ତାରିଖ ଦିନ ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସ ନଗର ପୌରାଞ୍ଚଳ ଆଦି ଅଞ୍ଚଳରୁ ୧୫୦ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଆଡ଼ମିଶନ ହୋଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ମାନଙ୍କରେ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ୧୨ ତାରିଖ ଠାରୁ ସଂକ୍ରମିତ ସଂଖ୍ୟା କମିବା ଆରମ୍ଭ ହୋଇଥିଲା । ୧୨ ତାରିଖ ଦିନ ୧୩୫ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ୧୫ ତାରିଖ ବେଳକୁ ୧୨୧ କୁ ଏବଂ ୧୮ ତାରିଖ ବେଳକୁ ୯୧କୁ କମିଥିଲା । ସୁକିନ୍ଦା ଏବଂ ବଡ଼ଚଣାର କେତେକ ଜାଗାରେ କାଁ ଭାଁ ବିକ୍ଷିପ୍ତ ଭାବେ କିଛି ବ୍ୟକ୍ତିଙ୍କ ସଂକ୍ରମଣ ଜଣାପଡିବା ମାତ୍ରେ ଆଶୁ ସେବା ଦଳ (ରାପିଡ୍ ରେସପନସ୍ ଟିମ୍) ସଂପୃକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କରିଥିଲେ । • ପୃଷ୍ଠା ୫ ଦେଖନ୍ତୁ

## ପଶ୍ଚିମ ଓଡ଼ିଶାକୁ ମାଡ଼ିଲା

ଭୁବନେଶ୍ୱର/ସମ୍ବଲପୁର,୨୦।୬(ଭାସ୍କର ନ୍ୟୁଜ): ରାଜ୍ୟରେ ଝାଡ଼ାବାନ୍ତି ଓ ହଇଜା ସ୍ଥିତି ବେଲଗାମ ହୋଇପଡ଼ିଛି। ବ୍ୟାପକ ସଚେତନତା ସତ୍ତ୍ୱେ ଏହା ନିୟନ୍ତ୍ରଣକୁ ଆସିପାରୁ ନାହିଁ। ରାଜ୍ୟର ଉପକୂଳ ଓ ଉତ୍ତର ଓଡ଼ିଶାରେ ଡାଇରିଆ କଲବଲ କରୁଥିବାବେଳେ ଏବେ ଏହା ପଶ୍ଚିମ ଓଡ଼ିଶାକୁ ମାଡ଼ିବା ଆରମ୍ଭ କରିଛି। ସମ୍ବଲପୁରରେ ଶତାଧିକ ରୋଗୀ ସଦର ହସ୍ପିଟାଲରେ ଚିକିତ୍ସା ହେବା ଘଟଣା ଏହା ପ୍ରମାଣିତ କରୁଛି । ପୂର୍ବରୁ ସମ୍ବଲପୁରରେ ମଧ୍ୟ ଡାଇରିଆ ଓ ଜଣ୍ଡିସ ଆତଙ୍କ ଖେଳାଇଥିଲା। ତେବେ ଏବେ ଏହି ରୋଗ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିବା ଘଟଣା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ଯାଜପୁରରୁ ଆରମ୍ଭ ହୋଇଥିବା ଡାଇରିଆକୁ ଇତିମଧ୍ୟରେ ୧୦ଦିନ ବିତି ଯାଇଥିବାବେଳେ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ସ୍ଥିତି ଅସମ୍ଭାଳ ରୂପ ନେଲାଣି। ଦୂଷିତ ପାଣି ଓ ଖାଦ୍ୟ ପାଇଁ ଡାଇରିଆ ବ୍ୟାପୁଥିବା କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଛନ୍ତି। ଏହାକୁ ନଜରରେ • ପୃଷ୍ଠା ୫ ଦେଖନ୍ତୁ

## ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ



ବସ୍ତା/ବାଲେଶ୍ୱର,୨୦।୬(ଭାସ୍କର ନ୍ୟୁଜ): ଲଘୁଚାପ ତଥା ମୌସୁମୀ ଜନିତ ବର୍ଷାରେ ସୁବର୍ଣ୍ଣରେଖାର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ସୁବର୍ଣ୍ଣରେଖା ବିପଦ ସଂକେତ ଟପିଛି। ବିପଦ ସଂକେତର ସ୍ତର ୧୦.୩୬ ମିଟର ରହିଥିବାବେଳେ ୧୧.୮୮ ମିଟର ଉପରେ ଜଳ ପ୍ରବାହିତ ହେଉଛି। ତଳି ଅଞ୍ଚଳରେ ପାଣି ପଶିଯିବାର ସମ୍ଭାବନା ଥିବାରୁ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ସ୍ଥିତି ଉପରେ ଜଳସମ୍ପଦ ବିଭାଗ କଡ଼ା ନଜର ରଖିଛି। ଆଗକୁ ବଡ଼ ଧରଣର ବନ୍ୟା ଆଶଙ୍କା ଥିବାରୁ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କୁ ଛୁଟିକୁ ପ୍ରଶାସନ ପକ୍ଷରୁ ବାତିଲ କରି ଦିଆଯାଇଛି। ଏପରିକି ହେଡକ୍ୱାର୍ଟର ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏବେ ରାଜ୍ୟରେ ମୌସୁମୀ ଦୁର୍ବଳ ହୋଇପଡ଼ିଥିବାରୁ ବର୍ଷା ପରିମାଣରେ ହ୍ରାସ ପାଇଛି। ତଥାପି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଉରକେଲାର ବାଲୁଘାଟ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ବନ୍ୟାପାଣି ଘରେ ପଶିବାରୁ ୨୫ ପରିବାର ଜଳବନ୍ଦୀ ହୋଇ ପଡ଼ିଛନ୍ତି। ସେମାନେ ନିକଟସ୍ଥ ସ୍କୁଲରେ ପରିବାର ସହ ଆଶ୍ରୟ ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଚଳିତବର୍ଷ ଶୀଘ୍ର ମୌସୁମୀ ପ୍ରବେଶ କରିଥିଲା। ଆଶା କରାଯାଉଥିଲା, ମୌସୁମୀ ସମୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। କିନ୍ତୁ ମୌସୁମୀ ଦୁର୍ବଳ ହୋଇଥିବାରୁ ବର୍ଷା ପରିମାଣ କମିଯାଇଛି। ଯେଉଁସବୁ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ତାହା ମୌସୁମୀ ବର୍ଷାରେ ପୂରଣ ହେବ ବୋଲି ଆଶା କରାଯାଉଥିବାବେଳେ ଚାଷୀମାନେ ନିରାଶ ହୋଇଛନ୍ତି।



ଉମରକୋଟ(ଭାସ୍କର ନ୍ୟୁଜ):ଉମରକୋଟ ବ୍ଲକରେ ଥିବା ତିନୋଟି ଓ ପୌର ପରିଷଦରେ ଗୋଟିଏ ବାତ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସହାୟତା କରାଯାଇ ପାରିବ ତାକୁ ନେଇ ଉମରକୋଟ ବ୍ଲକର ଚାରୋଟି ବାତ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେକୌଣସି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତାହାର ମୁକାବିଲା କରି ଲୋକଙ୍କ ଧନ ଜୀବନକୁ କିପରି ସୁରକ୍ଷା ଦିଆଯାଇ ପାରିବ ତାକୁ ଦୃଷ୍ଟିରେ ରଖି ଏହି ମକଡ୍ରିଲ କାର୍ଯ୍ୟକ୍ରମ ପ୍ରତିବର୍ଷ ଜୁନ ୧୯ ତାରିଖରେ କରାଯାଇଥାଏ। ଉମରକୋଟ ଡିଏନକେ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମକଡ୍ରିଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲ୍ଲା ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ,ପୌର ଅଧ୍ୟକ୍ଷା,ଉମରକୋଟ ତହସିଲଦାର ମେଘବାନ ବାଘ ପୌର ପରିଷଦ କାର୍ଯ୍ୟନିର୍ବାହି ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝୀ , ଓଡ୍ରାଫ ଟିମ , ସମସ୍ତ କାଉନସିଲର, ପୌର ପରିଷଦ ନିର୍ବାହୀ କନିଷ୍ଠ ସହକାରୀ ଉମ୍ବରୁଧର ମାଝୀ,ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ କୁନା ସାହୁ ଏବଂ ସମସ୍ତ ସଦସ୍ୟ ଅଙ୍ଗନୱାଡି ଆଶାକର୍ମୀ ଏସଏଚଜି ମହିଳା, ସମସ୍ତ ୱାର୍ଡର କାଉନସିଲର, ପୌର ପରିଷଦର କର୍ମଚାରୀ ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମାନେ ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ଓ ଫନି, ହୁଡହୁଡ ଓ ବାହାନଗା ଟ୍ରେନ ଦୁର୍ଘଟଣାକୁ କ୍ଷୟକ୍ଷତି ଘଟିଥିବା ଉଦାହରଣ ଦେଇଥିଲେ। ସରକାର କିପରି ତାର ମୁକାବିଲା କରିବାରେ ସଫଳ ହୋଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ ତାର ଡେମୋ ଦେଖାଇଥିଲେ।

# ଡାକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ୱେଷ୍ଟ ସବଡ଼ିଭିଜନ ଅନ୍ତର୍ଗତ ଫୁଲନଖରା ସବ୍‌ପୋଷ୍ଟ ଅଫିସ ଅଧିନସ୍ଥ ମହିଧରପଡ଼ା ଶାଖା ଅରଡ଼ିଆପଦା ଗ୍ରାମର ପ୍ରାଥମିକ ବିଦ୍ୟାଳୟଠାରେ ୧୩ ତାରିଖ ଦିନ ଡାକଘର ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଓ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସବଡିଭିଜନ ମୁଖ୍ୟ ବରିଷ୍ଠ ଡାକପାଳ ଅପରାଜିତ ପଟ୍ଟନାୟକ, ୱେଷ୍ଟ ସବଡିଭିଜନ ମୁଖ୍ୟ ଶିଶିର କୁମାର ଦେହୁରୀ , ଓଭରସିୟର ଅମୂଲ୍ୟ ପାଣି ଓ ରାଜୀବ ଲୋଚନ ସାହୁ, ମହିଧରପଡା ଶାଖା ପୋଷ୍ଟ ଅଫିସ୍ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା ଅରଡ଼ିଆପଦା ଗ୍ରାମର ୫ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଶିବିରରେ ଉପସ୍ଥିତ ରହି ଡାକ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ନେଇଥିଲେ । ୧୦୦ରୁ ଊର୍ଦ୍ଧ୍ୱ ଡାକ କର୍ମଚାରୀ ମଧ୍ୟ ଶିବିରରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା ।

# ମଙ୍ଗଳା ମନ୍ଦିର ହୁଣ୍ଡି ଟଙ୍କା ବ୍ୟାଙ୍କରେ ଜମା

## ଆହୁରି ୮ ବସ୍ତାରୁ ଊର୍ଦ୍ଧ୍ୱ ରେଜା ଟଙ୍କା ଗଣତି ହେବ

କାକଟପୁର(ଭାସ୍କର ନ୍ୟୁଜ୍): ବିଭିନ୍ନ ସମୟରେ ମଙ୍ଗଳା ମନ୍ଦିର ଦାନ ହୁଣ୍ଡିରୁ ବାହାରିଥିବା ଦାନ ଅର୍ଥର ନୋଟ ଗୁଡିକୁ ଗଣାଯାଇଥିବା ବେଳେ ବଳକା ରେଜା ଟଙ୍କାକୁ ମନ୍ଦିର କାର୍ଯ୍ୟାଳୟରେ ଗଚ୍ଛିତ ରଖାଯାଇଥିଲା। ଗୁରୁବାର ସ୍ଥାନୀୟ ପୋଲିସ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ନିଯୋଗଙ୍କ ଉପସ୍ଥିତିରେ ସମସ୍ତ ରେଜାରୁ ଦଶ ଟଙ୍କିଆ ଓ ୫ ଟଙ୍କିଆ ରେଜା ଟଙ୍କାକୁ ଗଣତି



କରାଯାଇ ମୋଟ ୨ ଲକ୍ଷ ୬ ହଜାର ୫ ଶହ ଟଙ୍କାକୁ ମନ୍ଦିର ଖାତାରେ ଜମା କରାଯାଇଛି। ଅବଶିଷ୍ଟ ଖୁଚୁରା କରାଯାଇ ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି । ଆଜିର ଏହି ଗଣତି କାର୍ଯ୍ୟକ୍ରମରେ ଦାୟିତ୍ୱରେ ମନ୍ଦିର ଟ୍ରଷ୍ଟି ତଥା ଅତିରିକ୍ତ ତହସିଲଦାର ହେମାଙ୍ଗିନୀ ମାଝୀ, କାକଟପୁର ଥାନାଧିକାରୀ ଉମେଶ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ସେବାୟତ ନିଯୋଗ ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସଢ଼ା ହଳଦୀ ମଞ୍ଜି ବର୍ଣ୍ଟନ ଅଭିଯୋଗ

## ବିଭାଗୀୟ ଅଧିକାରୀ ଜାଣନ୍ତିନି କିଏ ନେଇଛି



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ଉଦ୍ୟାନ ବିଭାଗକୁ ଚଳିତ ବର୍ଷ ୪୫ କୁଇଣ୍ଟାଲ ହଳଦୀ ମଞ୍ଜି ଆସିଥିଲା। ଏହି ହଳଦୀ ମଞ୍ଜିକୁ ଜଣେ ଚାଷୀ ପିଛା ୬ ଗୁଣ୍ଠକୁ ଦେଢ଼ କୁଇଣ୍ଟାଲ ଲେଖା ଦେବାକୁ ନିୟମ ରହିଛି। ସରକାରୀ ରିହାତି ଜଣଚାଷୀ ପିଛା ୬ ହଜାର ଟଙ୍କା ରହିଥିବା ବେଳେ ୪୫ କୁଇଣ୍ଟାଲ ହଳଦୀ ମଞ୍ଜି କୁ ଏକ ନିର୍ଦ୍ଧିଷ୍ଟ ରାଜନୀତିକ ଦଳର କର୍ମୀମାନଙ୍କୁ ବାଣ୍ଟି ଦିଆଯାଇଛି। ଏହି ଘଟଣା ଏବେ ପଦାକୁ ଆସିଛି ଯେତେବେଳେ ହଳଦୀ ମଞ୍ଜି ସଢ଼ା ପଡିଛି। ଏମିତିକି ରାଜନୀତିକ ଦଳର କର୍ମୀ ମାନେ ନେଇଥିବା ହଳଦୀ ମଞ୍ଜିକୁ ନେଇ ଉଦ୍ୟାନ ବିଭାଗ ଉପରେ ବର୍ଷିବା ଆରମ୍ଭ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଚାଷୀମାନଙ୍କ ପାଇଁ ଆସିଥିବା ହଳଦୀ ମଞ୍ଜିକୁ କାହିଁକି ଏକ ନିର୍ଦ୍ଧିଷ୍ଟ ରାଜନୀତିକ ଦଳରେ ବଣ୍ଟାଗଲା। କଣ୍ଟାପଡା ବ୍ଲକ କୃଷି ବିଭାଗ ଅଧିକାରୀ ଙ୍କୁ ପଚାରିବାରୁ ହଳଦୀ ମଞ୍ଜିକୁ କେଉଁ ଚାଷୀ ନେଇଛି ମୁଁ ଜାଣି ନାହିଁ। ତଦନ୍ତ କଲା ପରେ ଯାଇଁ କହିବି। ସୂଚନା ଥାଉ କି ଉଦ୍ୟାନ ବିଭାଗର କେଉଁ କର୍ମଚାରୀ ଦଳୀୟ ଭିତ୍ତିରେ ହଳଦୀ ମଞ୍ଜି ବଣ୍ଟନ କରିଛନ୍ତି ନା ଏଥିରେ କୌଣସି ଅଧିକାରୀ ସମ୍ପୃକ୍ତ ଅଛନ୍ତି। ଉକ୍ତ ଘଟଣା ର ବିଧିବଦ୍ଧ ତଦନ୍ତ କରାଗଲେ ହଳଦୀ ମଞ୍ଜିକୁ ଏକ ନିର୍ଦ୍ଧିଷ୍ଟ ରାଜନୀତିକ ଦଳୀୟ କର୍ମୀଙ୍କୁ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛି ନା ଏହା ପଛରେ ରାଜନୀତିକ ଦଳର ଚାପ ପଡିଛି।

# ପୀଡିତାଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା



କେନ୍ଦୁଝର(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ବର୍ତ୍ତମାନ ଆଦିବାସୀ ଓ ନାରୀ ନିର୍ଯାତନା ଦିନକୁ ଦିନ ବଢିଚାଲିଛି । ଗୋଟିଏ ଦିନରେ ଚାରି ଚାରିଟି ଗଣଧର୍ଷଣ ଓ ହତ୍ୟା ଘଟଣା ଘଟୁଛି। ଅପରାଧୀମାନଙ୍କୁ ଏହି ସରକାର ସୁରକ୍ଷା ଦେଉଛି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହେଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି । ଗତକାଲି କଂଗ୍ରେସ ଦଳ ପକ୍ଷରୁ ଜୟଦେବ ଜେନାଙ୍କ ନେତୃତ୍ୱରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତାମାନେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ବ୍ଲକର ପଣ୍ଡାପଡା ଥାନା ଅନ୍ତର୍ଗତ ତେନ୍ତେଳାପଶି ଗ୍ରାମର ଗଣଧର୍ଷିତା ଓ ହତ୍ୟା ହୋଇଥିବା ଆଦିବାସୀ ନାବାଳିକା ଘରକୁ ଯାଇଥିଲେ। ସେଠାରେ ନାବାଳିକାର ପରିବାର ଓ ଗ୍ରାମର ଅଧିବାସୀ ମାନଙ୍କ ପାଖରୁ ଘଟଣା ସମ୍ପର୍କ ପଚାରି ବୁଝିଥିଲେ। ଗତ ୧୬ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଏହି କଂଗ୍ରେସ ପ୍ରତିନିଧି ଦଳ ଆଜି ଘଟଣାସ୍ଥଳ ଯାଇ ସ୍ତମ୍ଭୀଭୂତ ହେଲା। ଅତି ଗରିବ ପରିବାରର ଝିଅକୁ ଏପରି ଗଣଦୁଷ୍କର୍ମ କରି ନିର୍ମମ ଭାବେ ହତ୍ୟା କରା ଯାଇଛି, ଯାହା ଘୋର ନିନ୍ଦନୀୟ। ଗୋଟେ ନାବାଳିକା ଝିଅକୁ ଘର ପାଖରୁ ଅଧ କିଲୋମିଟର ଦୂର ନେଇ ରାତିରେ ମିଶି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେଣୁ ଏହି ସମସ୍ତ ଦୋଷୀଙ୍କୁ ଧରିବାକୁ ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ଲୋକ ହୋଇ ଚୁପଚାପ ବସିଛନ୍ତି କଣ ପାଇଁ ? ଅତି ଶୀଘ୍ର ନିରପେକ୍ଷ କ୍ରାଇମ ବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଇ ଦୋଷୀମାନଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି । ମୃତ ନାବାଳିକା ପରିବାରକୁ ଅତି କମରେ ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯାଉ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ନିଜ ଜିଲ୍ଲାର ଏହି ଗୁରୁତର କଥା ନେଇ ମୁହଁ ଖୋଲିବାକୁ ସେ ଦାବି କରାଯାଇଛି । ଏ ବାବଦରେ ଭୁବନେଶ୍ୱରରେ ପିସିସି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏ ଘଟଣା ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସହିତ ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ଘେରାଉ କରିବା ସହିତ ଜିଲ୍ଲା ସଦର ମହକୁମା ଠାରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି । ଏହି କଂଗ୍ରେସ ଟିମରେ ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଘଟଗାଁ ବ୍ଲକ ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ନାଥ ନାୟକ, ବରିଷ୍ଠ ଆଦିବାସୀ ନେତା ବୃନ୍ଦାବନ ନାୟକ, କଂଗ୍ରେସ ନେତା ସୁରଥ ଚନ୍ଦ୍ର ସାହୁ, ଲଳିତ ମୋହନ ନାୟକ, ରତ୍ନାକର ଜେନା, ହାଡିବନ୍ଧୁ ଖୁଣ୍ଟିଆ,ଉତ୍ତମ କୁମାର ସାହୁ, ପ୍ରମୋଦ ବେହେରା, ଦିଲ୍ଲୀପ ସାହୁ, ସୁଜଳ କୁମାର ସେଠି, ରାଜକିଶୋର ବାରିକ, ଆର୍ତ୍ତତ୍ରାଣ ବେହେରା, ଅଜୟ ବାବୁ, ବିରଞ୍ଚି ଭୁଲ ଗାଁଏ ଓ ବୁଲୁ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ମେଳା ଉଦ୍‌ଯାପିତ




କନ୍ଧମାଳ(ଭାସ୍କର ନ୍ୟୁଜ୍): ସ୍ଥାନୀୟ କରୋନେସନ୍ ପଡ଼ିଆ, ଫୁଲବାଣୀ ଠାରେ ଆୟୋଜିତ ହେଉଥିବା ବିକାଶ ମେଳା-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ, ଫୁଲବାଣୀ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ମଲ୍ଲିକ କହିଥିଲେ ଯେ ଆମ ସରକାର ଲୋକଙ୍କ ସରକାର, ୨୧ ଟି ନିର୍ବାଚନ ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ପ୍ରଥମ ବର୍ଷରେ ହିଁ ପୂରଣ କରିଛନ୍ତି ସେ ମହିଳା ଶକ୍ତିକରଣରେ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ହେଉ ଅବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧୦୦ ଟଙ୍କା କରିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କର ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା କରିବା ହେଉ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ତରଫରୁ ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି, ଶ୍ରମ ବିଭାଗ ତରଫରୁ ତିନୋଟି ଶ୍ରେଣୀରେ ୭ ଜଣଙ୍କୁ ଆର୍ଥିକ ସହାୟତା ରାଶି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁଡିପାଜୁ ପଞ୍ଚାୟତର ୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ , ପି.ଏମ୍-ଆବାସ(ସହର)ରେ ପୌରପରିଷଦ, ଫୁଲବାଣୀର ୯ ଜନ ହିତାଧିକାରୀଙ୍କୁ, ପୌରପରିଷଦ, ଫୁଲବାଣୀ ଓ ଫୁଲବାଣୀ ବ୍ଲକର ୮ ଜନ ହିତାଧିକାରୀଙ୍କୁ ରାସନ କାର୍ଡ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୧୪ ଜନ ହିତାଧିକାରୀଙ୍କୁ ଭିନ୍ନକ୍ଷମ ମାନପତ୍ର ଓ ଭତ୍ତା, ୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଓ ବାଲିଗୁଡା ତରଫରୁ ୩୦ ଜଣ ଯୁବ ଉଦ୍ୟୋଗୀଙ୍କୁ ଅଟୋ , ୧୭ ଜଣ ହିତାଧିକାରୀଙ୍କୁ ଆଇ.ଏଫ୍. ଆର୍ ଏବଂ ସିଏଫ୍‌ଆର୍ ପଟ୍ଟା ଓ ଭିଜନ୍ ଓଡ଼ିଶା@ ୨୦୩୬ ଏବଂ ବିକଶିତ ଭାରତ @୨୦୪୭ ଉପରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ), କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୋମ୍ୟରଞ୍ଜନ ପାତ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ସନ୍ଧ୍ୟା ସମୟରେ ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ଓ ତାଙ୍କ ଟିମଙ୍କ ଗୀତ ଓ କମେଡ଼ିରେ ଝୁମିଲେ ଦର୍ଶକ। ସତ୍ୟଜିତ ପ୍ରଧାନଙ୍କ ସୁପର ହିଟ ଗୀତ ଦର୍ଶକମାନଙ୍କ ମନକୁ ମୁଗ୍ଧ କରିବା ସହିତ ପ୍ରଜ୍ଞାଙ୍କ ମଜାଦାର କମେଡ଼ି ଲୋକମାନଙ୍କୁ ହସାଇଥିଲା। ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



ପାରାଦୀପ (ଭାସ୍କର ନ୍ୟୁଜ୍): ଆନ୍ତର୍ଜାତୀୟ ଯୋଗ ଦିବସର 'ହରିତ ଯୋଗ' ଅଂଶ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମାଉସୀ ମା' ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱରେ ଏକ ସ୍ୱଛତା କାର୍ଯ୍ୟକ୍ରମ ଏବଂ ଗୋଲଡେନ୍ ଜୁବିଲି ପାର୍କ ଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇ ଯାଇଛି । ମାଉସୀ ମା' ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱକୁ ଅଧିକ ମନୋରମ,ଆକର୍ଷଣୀୟ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ସେଠାରେ ଗଦା ହୋଇଥିବା ଅଳିଆ ଓ ଆବର୍ଜନାକୁ ସଫା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦଙ୍କ ସମେତ ବନ୍ଦର କର୍ମଚାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରମୁଖ ଏହି ସ୍ୱଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ପାରାଦୀପ ବନ୍ଦରର ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ଏବଂ ଆର୍ଟ ଅଫ ଲିଭିଙ୍ଗ ମିଳିତ ସହଯୋଗରେ ସ୍ଥାନୀୟ ଅଫିସର୍ସ କ୍ଲବ ଠାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନାଥାଉକି, ଜୁନ ୨୧ ତାରିଖ ଶନିବାର ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଏକ ବୃହତ ଯୋଗ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଅଂଶଗ୍ରହଣ କରିବା ନେଇ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଟେବୁଲ ଟପ୍ ଓ ମକଡ୍ରିଲ କାର୍ଯ୍ୟକ୍ରମ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଗତ ୧୮ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଟେବୁଲଟପ୍ ଏକ୍ସରସାଇଜ ଓ ଜଳେଶ୍ୱର ବ୍ଲକର ୩ଟି ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଟେବୁଲଟପ୍ କାର୍ଯ୍ୟକ୍ରମ ଜଳେଶ୍ୱର ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସଜତ ଅନୁପମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଲାଇଫ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ତ୍ରିଲୋଚନ ଗିରି ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଳେଶ୍ୱର ଅଗ୍ନିଶମ ବିଭାଗର ଅଧିକାରୀ ସବରନ ସିଂ, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସେକସନ ଅଫିସର ମନ୍ଦାକିନୀ ସିଂ, ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ମୋହନ ଲାଲ ମହାନ୍ତି, ଶିକ୍ଷା ବିଭାଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଉଦ୍ୟାନ ବିଭାଗର ଆଲୋକ କୁମାର ନାୟକ, ଟାଟା ପାୱାର ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଗଣ ଓ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସତର୍କ କରି କିପରି ଭାବେ ଧନ ଜୀବନକୁ ରକ୍ଷା କରାଯିବ ସେ ବାବଦରେ ଆଲୋଚନା କରାଯାଇଥିଲା। ସେହିପରି ଗତ ୧୯ ତାରିଖ ବୁଧବାର ଜଳେଶ୍ୱର ବ୍ଲକ ଅଧୀନ ୩ ଟି ଗ୍ରାମ ପଞ୍ଚାୟତ ଯଥା:-ଗଡ଼ସାହି ବାଲିଆପାଳ, ଡିପିପୁର ପଞ୍ଚାୟତର ଗୁଆଗଡ଼ିଆ ନେଡୁଆ ପଞ୍ଚାୟତରେ ଥିବା ବନ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭାବେ ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସଜତ ଅନୁପମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ତଥା ଭାରପ୍ରାପ୍ତ ଜିପିଓ ସଲିମା ରାଉତ, ପିଇଓ ଫୁଲମଣୀ ହାଁସଦା ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହା ସହିତ ଗ୍ରାମ ପଞ୍ଚାୟତର ଜନ ପ୍ରତିନିଧି, ଗ୍ରାମବାସୀ ଓ ଏସଏଚଜିର ମହିଳାମାନେ ଯୋଗଦେଇ ମକଡ୍ରିଲର ମହତ୍ୱ ବିଷୟରେ ଅବଗତ ହେବା ସହ ଅଭ୍ୟାସ ମଧ୍ୟ କରିଥିଲେ। ବିପର୍ଯ୍ୟୟ ସମୟରେ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଲାଇଫ ସଂଗଠନର ସମ୍ପାଦକ ତ୍ରିଲୋଚନ ଗିରି ସଂଯୋଜନା କରିଥିଲେ।

# ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପ୍ରଶଂସା



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ସବୁବେଳେ ଚାହିଁ ବସିଥିଲେ ଆଦର୍ଶ ଥାନାକୁ ଗୋଟେ ଭଲ ଆଇଆଇସି ଆସନ୍ତୁ ଅଞ୍ଚଳରେ ଶାନ୍ତି ବଜାଇ ରହୁ। କାରଣ ପଟ୍ଟାମୁଣ୍ଡାଇ ଅଞ୍ଚଳଟି ବ୍ରାଉନ ସୁଗାର ବେପାରୀ, ଚୋରା ମଦ ବେପାର ଓ କିଛି ଅସାମାଜିକ ଯୁବକଙ୍କ ଆଡା ହୋଇଥିଲାବେଳେ ସେଇ ସମୟରେ ଏକ ମହିଳା ଆଇଆଇସି ବନ୍ଦନା ପାତ୍ର ଆଦର୍ଶ ଥାନା ପଟ୍ଟାମୁଣ୍ଡାଇରେ ଯୋଗଦାନ କରିଥିଲେ। ସମସ୍ତେ ଭାବିଥିଲେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ମହିଳା ଆଇଆଇସି କଣ ଶାନ୍ତି ଫେରାଇ ଆଣି ପାରିବାରେ ସକ୍ଷମ ହେବେ ? କିନ୍ତୁ ଖୁବ୍ କମ୍ ଦିନ ଭିତରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ମହିଳା ଆଇଆଇସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇରେ ଶାନ୍ତି ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି। ସେ କିଛି ଦିନ ଭିତରେ ଅସାମାଜିକ ଆଡ଼ା ଉପରେ ଚଢ଼ାଉ କରିବା ଦ୍ୱାରା ପଟ୍ଟାମୁଣ୍ଡାଇରେ ଧଳା ଜହର ବେପାର କମିଛି। ବହୁ ଜାଗାରେ ଚୋରା ମଦ ବେପାର ହେଉଥିଲାବେଳେ କିଛି ଜାଗାରେ ଲଗାତର ଚଢ଼ାଉ କରିବା ଦ୍ୱାରା ବହୁ ଚୋରା ମଦ କୁ ମଧ୍ୟ ଜବତ କରିବାରେ ସକ୍ଷମ ହୋଇଥିଲେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ରେ ଚୋରା ମଦ ବେପାର ଏକ ପ୍ରକାର ଠପ୍ ହୋଇଯାଇଛି। ଅସାମାଜିକ ଯୁବକ ଭୟରେ ଅସାମାଜିକ କାମ କରିବାକୁ ଡରୁଛନ୍ତି। ମହିଳା ଆଇଆଇସି ଦିନ ରାତି କାମ କରି ପଟ୍ଟାମୁଣ୍ଡାଇ ସହରରେ ଶାନ୍ତି ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି। ପଟ୍ଟାମୁଣ୍ଡାଇରେ ଲୋକ ମାନଙ୍କୁ ମଧ୍ୟ ଉଚିତ୍ ନ୍ୟାୟ ଦେଉଛନ୍ତି। ପଟ୍ଟାମୁଣ୍ଡାଇ ମହିଳା ଥାନାରେ ମହିଳା ଆଇଆଇସି ଥିବାରୁ ମହିଳା ମାନେ ନିର୍ଭୟରେ ତାଙ୍କ ନିକଟରେ ଅଭିଯୋଗ କରୁଛନ୍ତି । ବହୁ ମହିଳା ନ୍ୟାୟ ପାଇ ଖୁସିରେ ଫେରୁଛନ୍ତି। ପଟ୍ଟାମୁଣ୍ଡାଇରେ ଦିନକୁ ଦିନ ଚୋରି ବଢିବା ବେଳେ ଆଇଆଇସି ନିଜେ ରାତି ସାରା ପାଟ୍ରୋଲିଂ ଜାରି ରଖିବା ଦ୍ୱାରା ପଟ୍ଟାମୁଣ୍ଡାଇ ବଜାର ଓ ଆଖପାଖ ଅଞ୍ଚଳ ରେ ଚୋରି କମିଛି। ଖାଲି ଜଣେ ଭଲ ଅଫିସର ହୋଇ ପଟ୍ଟାମୁଣ୍ଡାଇ ବାସୀଙ୍କ ଠାରୁ ପ୍ରଶଂସା ସାଉଁଟିବାରେ ଲାଗି ପଡିଛନ୍ତି ତାହା ନୁହେଁ ଖୁବ୍ କମ୍ ଦିନ ଭିତରେ ମଧ୍ୟ ପଟ୍ଟାମୁଣ୍ଡାଇରେ କିଛି ସମାଜ ସେବାରେ ମଧ୍ୟ ଭାଗ ନେଇ ଛନ୍ତି। ପଟ୍ଟାମୁଣ୍ଡାଇରେ ଶହେରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଛତା ବଣ୍ଟନ କାର୍ଯ୍ୟକ୍ରମ ଓ ଖରା ଦିନେ ଜଳଛତ୍ର କାର୍ଯ୍ୟକ୍ରମ କରି ସାରା କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଓ ପୋଲିସ ପ୍ରଶାସନ ପାଖରେ ପ୍ରଶଂସାର ପାତ୍ର ହେବା ସହିତ ପଟ୍ଟାମୁଣ୍ଡାଇ ବାସୀଙ୍କ ପାଖରେ ଖୁବ୍ ଆଦରଣୀୟ ହୋଇ ପାରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର ମଧ୍ୟ ନିଜ ସହକର୍ମୀ ସହିତ ସୁସମ୍ପର୍କ ରଖି ପଟ୍ଟାମୁଣ୍ଡାଇରେ ଶାନ୍ତି ଫେରାଇ ଆଣିବାରେ ସକ୍ଷମ ହୋଇପାରିଛନ୍ତି। କିଛି ଦିନ ତଳେ ଏକ ୪ବର୍ଷ ଶିଶୁ ବାପାମା'ଙ୍କ ପାଖରୁ ପଟ୍ଟାମୁଣ୍ଡାଇ ବଜାରରେ ହଜି ଯାଇ ଥିବାବେଳେ ଆଇଆଇସି ଓ ପୋଲିସ ଷ୍ଟାଫ ବହୁ ଖୋଜାଖୋଜି କରି ସେଇ ଛୋଟ ଶିଶୁକୁ ପାଇ ଆଇଆଇସି ନିଜ ଘରେ ରଖି ତାକୁ ନିଜ ଝିଅର ସ୍ନେହ ଶ୍ରଦ୍ଧା ଦେଇଥିଲେ ଓ ଝିଅର ବାପା ଓ ମା ଙ୍କୁ ଝିଅକୁ ହସ୍ତାନ୍ତର କରି ଏକ ମାର ପରିଚୟ ଦେଇ ସାରା କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପାଖରେ ପ୍ରଶଂସାପତ୍ର ସାଉଁଟିଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶ୍ରେଷ୍ଠ ଆଇଆଇସି ମାନ୍ୟତା ପ୍ରଦାନ କରାଗଲେ ପଟ୍ଟାମୁଣ୍ଡାଇ ବାସୀ ବେଶି ଖୁସି ହେବେ ବୋଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସମାଜସେବୀ , ସାମ୍ବାଦିକ ଓ ମହିଳାମାନେ ପ୍ରକାଶ କରିଛନ୍ତି।

# ତେନ୍ତେଳାପଶି ଦୁଷ୍କର୍ମ ଓ ହତ୍ୟା ଘଟଣା: ୪ ଅଭିଯୁକ୍ତ ଗିରଫ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ତଥା ପଣ୍ଡାପଡା ଥାନାର ତେନ୍ତେଳାପଶି ଗ୍ରାମରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଘଟଣାରେ ୪ଜଣ ଅପରାଧିଙ୍କୁ ପଣ୍ଡାପଡା ପୋଲିସ ଗିରଫ କରିଛି । ଏହି ଅମାନବୀୟ ଘଟଣାରେ ସଂପୃକ୍ତ ଥିବା ଅପରାଧିମାନେ ହେଲେ ବଡକମଣ୍ଡରା ଗ୍ରାମର ସାଗର ନାଏକ (୧୯ବର୍ଷ) ଡାକନାମ-ପିଂଟୁ ପିତା ପରମାନନ୍ଦ ନାଏକ,ବିକାଶ କୁମାର ନାଏକ ଡାକନାମ ରାଜା(୧୯ବର୍ଷ) ପିତା ବସନ୍ତ କୁମାର ନାଏକ,ସୁଜିତ ନାଏକ(୨୭) ଡାକନାମ-ଜିତୁ ପିତା ବଟକୃଷ୍ଣ ନାଏକ ଏବଂ ସାନକମଣ୍ଡରା ଗ୍ରାମର ମୁରଲୀଧର ସାହୁ(୪୨), ଡାକନାମ ନିତି ପିତା କୈଳାଶ ଚନ୍ଦ୍ର ସାହୁ। ଏହି ଅପରାଧିମାନେ ସଂଗଠିତ ଭାବେ ନାବାଳିକାକୁ ଗଣବଳାତ୍କାର ପରେ ହତ୍ୟା କରିଥିଲେ । ଗୁରୁବାର ସକାଳ ୧୦.୩୦ମିନିଟ ସମୟରେ ଏହି ଅପରାଧିମାନଙ୍କୁ ଗିରଫ କରାଯାଇଥିବା ପଣ୍ଡାପଡା ଥାନା ଇନିସ୍‌ପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି । ଅପରାଧୀ ମାନଙ୍କର ଡିଏନଏ ସାମ୍ପୁଲ ସଂଗ୍ରହ କରାଯାଇଥିବା ସହ ଅଧିକ ଅନୁସନ୍ଧାନ ଜାରୀ ରହିଛି । ପୋଲିସ ମୁଖ୍ୟାଳୟରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ପ୍ରଦାନ କରାଯାଇ ଥିବାବେଳେ ମୃତ ନାବାଳିକା ସହ ମୁଖ୍ୟ ଅପରାଧି କୁହାଯାଉଥିବା ସାଗରର ଗତ ଏକମାସ ହେବ ସଂପର୍କ ରହିଥିଲା । ମଙ୍ଗଳବାର ସଂଧ୍ୟାରେ ଏହି ଅପରାଧୀମାନେ ନାବାଳିକାକୁ ଡାକି ଦୁଷ୍କର୍ମ କରିବା ସହ ହତ୍ୟା କରି ତାଙ୍କୁ ସଜନା ଗଛରେ ଟାଙ୍ଗି ଫେରାର ହୋଇଯାଇଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଧିବାସୀ ରାସ୍ତାରୋକୋ କରିବା ସହ ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ବୁଧବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ହେବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବା ସହ ଗ୍ରାମ ଜଙ୍ଗଲରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ସୂଚନାଯୋଗ୍ୟ ଯେ, ମୀତା(ଛଦ୍ମନାମ) ମଙ୍ଗଳବାର ସଂଧ୍ୟାରୁ ଘରୁ ଯାଇ ଆଉ ନ ଫେରିବା ପରେ ମୀତାଙ୍କ ଭଉଣୀମାନେ ଓ ମା ବହୁ ଖୋଜାଖୋଜି କରିବାପରେ ନ ପାଇବା ପରେ ମୀତା ମୋବାଇଲକୁ କଲ କରିଥିଲେ। ପ୍ରଥମେ ମିତା ଫୋନ ରିସିଭ କରିଥିଲେ ଓ କଥା ହୋଇଥିଲେ।କିନ୍ତୁ ପରେ ତାଙ୍କ ମୋବାଇଲ ସୁଇଚ ଅଫ୍ ରହିଥିଲା । ବୁଧବାର ସକାଳ ୫ଟା ସମୟରେ ବାଡିରେ ଥିବା ସଜନା ଗଛରେ ମିତାର ଝୁଲନ୍ତା ଶବ ଘର ଲୋକ ଦେଖିଥିଲେ । ଘଟଣାସ୍ଥଳରେ ଯୌନ ଉଦ୍ଦିପକ ଔଷଧ, ଲୁଗାପଟା ଆଦି ଥିଲା। ଏହାକୁ ରାଜ୍ୟ ଫୋରେନସିକ ପରୀକ୍ଷାଗାରକୁ ନମୁନା ପଠାଇବା ସହ ପୋଲିସ କେଶ ସଂଖ୍ୟା ୧୧୩.ତା ୨୫.୬.୨୦୨୫ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୭୦(୨),୧୦୩(୧)ଆର/ଡବ୍ଲୁର ଧାରା ୪(୨)/୬ ଓ ପକସୋ ଆଇନର ଧାରା ୩(୨) ଓ ଅନୁସୂଚିତ ଜାତି ଜନଜାତି ଧାରାରେ ମାମଲା ରୁଜୁ କରିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜେଡି ଓ କଂଗ୍ରେସର ପ୍ରତିନିଧି ଦଳ ଏସପିଙ୍କୁ ଭେଟିବା ସହିତ ତୁରନ୍ତ ନ୍ୟାୟ ଦେବାକୁ ଦାବି ଜଣାଇଥିଲେ ।

# ଜଳ ନିଷ୍କାସନକୁ ଗୁରୁତ୍ୱ ନ ଦେଇ ରାସ୍ତା ନିର୍ମାଣ ଅଭିଯୋଗ




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ଗମନା ଗମନ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଜନପ୍ରତିନିଧି ଓ ଠିକାଦାରଙ୍କ ଦୁର୍ନୀତିଖୋର୍ ମନବୃତି ପାଇଁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ୫ନମ୍ବର ୱାର୍ଡର ଜାନୁ ସାହି ଠାରୁ ଆର୍‌ଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ଅଧାପନ୍ତୁରିଆ କାର୍ଯ୍ୟ ହୋଇଥିବାରୁ ବର୍ଷା ହେବା ଯୋଗୁଁ ରାସ୍ତାଟି ବର୍ଷା ପାଣିରେ ବୁଡ଼ିଯାଇଛି। ଫଳରେ ସେଇ ରାସ୍ତାଦେଇ ସାହି ଲୋକ ମାନେ ଯିବା ଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ଠିକାଦାର ଜଣକ ଅଧା କାମ କରି ନିଜର କାର୍ଯ୍ୟ ସାରିଦେଇଥିବାବେଳେ ସାହିର ଲୋକମାନେ ସେଇ ରାସ୍ତା ଦେଇ ଯିବା ଆସିବା କରିବା ଫଳରେ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ସହିତ ଥଣ୍ଡା ଜ୍ୱରରେ ପୀଡିତ ହେଉଛନ୍ତି। ବର୍ତ୍ତମାନ ସମଗ୍ର ବଡଚଣା ବ୍ଲକ୍‌ରେ ଝାଡା ବାନ୍ତି ହଇଜା ଥଣ୍ଡା ଜ୍ୱରରେ ପୀଡିତ ହେଉଛନ୍ତି। ଏହି ପାଣିରେ ଯିବା ଆସିବା କରିବା ଦ୍ୱାରା ଚର୍ମ ରୋଗ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଠିକାଦାର ଜଣଙ୍କ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ କରି ରାସ୍ତା କାମ କରୁଥିବାରୁ ରାସ୍ତାରେ ପାଣି ଜମି ରହିଛି। ଫଳରେ ୨୫ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ଜିଲ୍ଲାପାଳ ଠିକାଦାରଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



କଟକ(ଭାସ୍କର ନ୍ୟୁଜ): ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ପ୍ରସଙ୍ଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଧୀମନ ଚକମା ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି । ୨୦୨୧ ବ୍ୟାଚ ଆଇଏଏସ ଧୀମନ ଚକମା କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଏହି ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ଚକମାଙ୍କୁ ନିଲମ୍ବନ କରିଛନ୍ତି । ତେବେ ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା। ତ୍ରିପୁରାସ୍ଥିତ ଚକମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ ପହଁଚିଥିଲା। ଏଥିସହ ହିମାଚଳ ପ୍ରଦେଶରେ ଥିବା ଶଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସୀ କରିଥିଲା। ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ୟ କରିଥିଲା ଟିମ।



# ମୋଦିଙ୍କ ପାଇଁ ରାଜଧାନୀ ଗେରୁଆମୟ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଗେରୁଆମୟ ହୋଇଥିଲା ରାଜଧାନୀ । ଭୁବନେଶ୍ୱର ସହର ସାରା ଲାଗିଥିଲା ବଡ଼ ବଡ଼ ପୋଷ୍ଟର ବ୍ୟାନର । ଭୁବନେଶ୍ୱର ଏୟାରପୋର୍ଟରୁ ଏଜି ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ବଡ଼ ବଡ଼ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଥିଲା । ସାରା ରାଜଧାନୀ ଯାହାଫଳରେ ଗେରୁଆମୟ ହୋଇପଡ଼ିଥିବା ବେଳେ ଏହା ଭିତରେ ଲକ୍ଷ ଲକ୍ଷ ବିଜେପି ପ୍ରେମୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ ।

### ଭୀଷଣ ଗରମ ସତ୍ତ୍ୱେ ପ୍ରବଳ ଉତ୍ସାହ

## ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଜମିଲା ଭିଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ହେବା ଅବସରରେ ଶୁକ୍ରବାର ଦିନ ରାଜଧାନୀ ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ଏକ ବିଶାଳ ଉତ୍ସବ ଆୟୋଜିତ କରାଯାଇଥିଲା। ଏହି ଐତିହାସିକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୟଂ ଉପସ୍ଥିତ ହୋଇଥିଲେ, ତାଙ୍କ ସ୍ୱାଗତ ପାଇଁ ଲୋକଙ୍କ ପ୍ରବଳ ଗହଳି ଜମିଥିଲା । ପ୍ରବଳ ଗରମ ଓ ଖରା ଲୋକଙ୍କ ଉତ୍ସାହ ଆଗରେ ଫିକା ପଡ଼ିଯାଇଥିଲା। ପୂର୍ବାହ୍ନ ୧୧ଟାଠାରୁ ହିଁ ରାଜଧାନୀର ମୁଖ୍ୟ ସଡ଼କରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ ଦେଖିବା ପାଇଁ ଲୋକମାନେ ଭିଡ଼ ଜମାଇବା ଆରମ୍ଭ କରିଦେଇଥିଲେ। ଲୋକମାନେ ହାତରେ ତିରଙ୍ଗା ଧରି, ‘ମୋଦି-ମୋଦି’ ନାରା ଦେଇ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଉତ୍ସୁକ ଦେଖାଯାଉଥିଲେ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ମଞ୍ଚରେ ପହଁଚିଥିଲେ, ସମଗ୍ର ମୈଦାନ ତାଳି ଓ ନାରାରେ ଗୁଞ୍ଜରିତ ହୋଇଉଠିଥିଲା।

## ମୋଦିଙ୍କ ଆଗମନ ପୂର୍ବରୁ ପ୍ରବଳ ଜନଗହଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗମନ ପୂର୍ବରୁ ମୈଦାନରେ ଲାଗିଥିବା ପ୍ରବଳ ଭିଡର ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ କଳାକାରମାନେ ପାରମ୍ପରିକ ଓ ଆଧୁନିକ ସଙ୍ଗୀତ ପ୍ରସ୍ତୁତ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଉତ୍ସାହଭରା ଗୀତ ଓ ଓଡ଼ିଆ ସାଂସ୍କୃତିକ ପ୍ରସ୍ତୁତି ସହିତ ହୋଇଥିଲା, ଯାହା ଉପସ୍ଥିତ ଲୋକଙ୍କ ଉତ୍ସାହକୁ ଅଧିକ ବଢ଼ାଇଥିଲା। ମୈଦାନରେ ଦ୍ୱିପ୍ରହର ୧୨ଟା ପରେ ଲୋକମାନଙ୍କ ସଂଖ୍ୟା ବଢ଼ିବା ଲାଗିଥିଲା ଏବଂ ପରିବେଶରେ



ଉତ୍ସାହ ଓ ଭରିଯାଇଥିଲା । ମୈଦାନରେ ଉପସ୍ଥିତ ହଜାର ହଜାର ଲୋକ ତାଳି ଓ ନୃତ୍ୟରେ ସାମିଲ ହୋଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଗମନ ପୂର୍ବରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ସକାରାତ୍ମକ ଶକ୍ତି ଓ ଉତ୍ସାହର ମାଧ୍ୟମ ହୋଇଉଠିଥିଲା, ଯାହା ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଆନନ୍ଦ, ଏକତା ଓ ସହଯୋଗର ଭାବନାକୁ ଉତ୍ପନ୍ନ କରିଥିଲା। ଏହି କାର୍ଯ୍ୟକ୍ରମରେ ପରିବାର, ଯୁବ ପିଢ଼ି ଓ ବହୁ ସଂଖ୍ୟାରେ ବୟସ୍କଙ୍କ ଉପସ୍ଥିତି ଦେଖାଯାଇଥିଲା, ଯାହା ଏହି ସାବ୍ୟସ୍ତ କରିଥିଲା ରାଜନୀତି ଓ ସଂସ୍କୃତିର ସଙ୍ଗମ ଲୋକଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ସମ୍ପର୍କ ତିଆରି କରିପାରେ।

## ମୋଦିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ଥିଲା କଡାକଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ହେବା ଅବସରରେ ରାଜଧାନୀ ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ଆୟୋଜିତ ବିଶାଳ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବହୁତ କଡାକଡି କରାଯାଇଥିଲା। ରାଜ୍ୟ ପ୍ରଶାସନ ଓ ପୋଲିସ ବିଭାଗ ତରଫରୁ କୌଣସି ପ୍ରକାରର ତ୍ରୁଟି ହେବାକୁ ନ ହେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଜଧାନୀକୁ ସଂଯୋଗ କରୁଥିବା ପ୍ରମୁଖ ଛକ, ରାସ୍ତା ଓ ସମ୍ବେଦନଶୀଳ ସ୍ଥଳଗୁଡ଼ିକୁ ନଜରରେ ରଖି ସେଠାରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ଜୟଦେବ ବିହାର ଛକରୁ ଆରମ୍ଭ କରି ଜନତା ମୈଦାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାରେ ବିଶେଷ ନଜର ରଖାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାଫିଲା ଚଳାଚଳକୁ ନେଇ ବିମାନବନ୍ଦରରୁ ଆରମ୍ଭ କରି କାର୍ଯ୍ୟକ୍ରମ ସ୍ଥଳ ପର୍ଯ୍ୟନ୍ତ ଏକ ବିଶେଷ ସୁରକ୍ଷା ଘେରା ତିଆରି କରାଯାଇଥିଲା।

## ଭୁବନେଶ୍ୱରରେ ନରେନ୍ଦ୍ର ମୋଦି

ଓଡ଼ିଶାରେ ମୋହନ ସରକାରର ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକମରେ ଯୋଗ ଦେବା ପାଇଁ ଭୁବନେଶ୍ୱରରେ ପହଂଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ମୋଦି ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହାପରେ ସେ ଏକ ଶୋଭାଯାତ୍ରାରେ ଜନତା ମଇଦାନ ଅଭିମୁଖେ ବାହାରିଥିଲେ। ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶାଳ ରୋଡ୍ ସୋ ଦେଖିବାକୁ ରାସ୍ତାର ଦୁଇ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ରୋଡ୍ ସୋରେ ସାମିଲ ହୋଇଥିଲେ।

### ପ୍ରବଳ ଗରମରେ ଆଶ୍ୱସ୍ତି ଦେଲା ‘ମୋଦି ପଙ୍ଖା’

ରାଜଧାନୀ ଭୁବନେଶ୍ୱରର ଜନତା ମୈଦାନରେ ଶୁକ୍ରବାର ଦିନ ଆୟୋଜିତ ବିଶାଳ ଉତ୍ସବରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ସେଠାରେ ବିଜେପି ତରଫରୁ କରାଯାଇଥିବା ବିଶେଷ ବ୍ୟବସ୍ଥା ଲୋକମାନଙ୍କ ପାଇଁ ଆରାମ ଦାୟକ ହୋଇଥିଲା। ମୈଦାନକୁ ଆସିଥିବା ଲୋକମାନଙ୍କୁ ଗେରୁଆ ଓ ସବୁଜ ରଙ୍ଗର ସୁନ୍ଦର ପଂଖା ବଣ୍ଟାଯାଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛବି, ବିଜେପିର ନିର୍ବାଚନ ଚିହ୍ନ ପଦ୍ମ ଓ ‘ବିଜେପି’ ଲେଖା ହୋଇଥିଲା। ଏହି ପଙ୍ଖା କେବଳ ଗରମରୁ ଆଶ୍ୱସ୍ତି ମାଧ୍ୟମ ପାଲଟିନଥିଲା ବରଂ ସମାରୋହକୁ ଆସିଥିବା ଲୋକମାନଙ୍କ ପାଇଁ ଉତ୍ସାହ ଓ ସମର୍ଥନର ଏକ ପ୍ରତୀକ ବି ପାଲଟିଥିଲା।

## ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ, ପ୍ରବଳ ଜନଗହଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚିକିତ୍ସା ପାଇଁ ଆଜି ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି । କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ହେବ ଚିକିତ୍ସା । ୨୨ ତାରିଖରେ ହେବ ସର୍ଭାଇକାଲ୍ ଆର୍ଥ୍ରାଇଟିସର ହେବ ଅସ୍ତ୍ରୋପଚାର । ତେଣୁ ଆଜି ନବୀନ ପଟ୍ଟନାୟକ ମୁମ୍ବାଇ ଯାଇଥିବା ସୂଚନା ମିଳିଛି । ସମସ୍ତେ ନବୀନଙ୍କ ଆରୋଗ୍ୟ କାମନା କରିବା ସହ ଅସ୍ତ୍ରୋପଚାର ସଫଳତାର ସହ ହେଉ ବୋଲି ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ନବୀନ ନିବାସରୁ ଏୟାରପୋର୍ଟ ପର୍ଯ୍ୟନ୍ତ ପ୍ରବଳ ଜନଗହଳି ହୋଇଥିଲା ।

## ରାଜ୍ୟରେ ଖୋଲିଲା ସ୍କୁଲ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରିଲା ଖରାଛୁଟି, ଆଜି ରାଜ୍ୟରେ ଖୋଲିଲା ସ୍କୁଲ୍ । ଆଜି ପ୍ରଥମ କରି ସ୍କୁଲ ଯାଇଛନ୍ତି ଛାତ୍ରଛାତ୍ରୀ । ତେବେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । କ୍ୟାମ୍ପସରେ ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଝାଡ଼ାବାନ୍ତି ଯୋଗୁଁ ଯାଜପୁର, ଭଦ୍ରକ ଜିଲ୍ଲାରେ ସ୍କୁଲ୍ ଛୁଟି ରହିଛି । ଦୁଇ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତିକୁ ନଜରରେ ରଖି ସବୁ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଭଦ୍ରକରେ ୨୧ ତାରିଖ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆଜି ଟ୍ୱିନ୍ ସିଟିରେ ସ୍କୁଲ୍ ବନ୍ଦ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି ଆଜି ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳର ସବୁ ସ୍କୁଲ୍ ଛୁଟି। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସ୍ତରୀୟ ସମାବେଶ ହେବାକୁ ଥିବାରୁ ବିପୁଳ ଜନ ସମାଗମ ହେବ। ସମସ୍ୟା ଉପୁଜିବା ଆଶଙ୍କା କରି ସ୍କୁଲ୍ ଛୁଟି ରଖିବାକୁ ନିଷ୍ପତ୍ତି ହୋଇଛି ।

## ନିରଞ୍ଜନ ରଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସମାଜସେବୀ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ । ସେ ଜଣେ ସରଳ, ସମର୍ପିତ ଓ ସମାଜମନସ୍କ ବ୍ୟକ୍ତି ଥିଲେ ।

## ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ । ଏହି ଅବସରରେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଭାରତର ସମ୍ମାନୀୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ। ଓଡ଼ିଶାର ଗର୍ବ ଏହି ଝିଅ, ଦୃଢ଼ତା ଓ ନିଷ୍ଠାର ପ୍ରତୀକ। ମୟୂରଭଞ୍ଜରୁ ରାଷ୍ଟ୍ରପତି ଭବନ ତାଙ୍କ ଯାତ୍ରା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ।

## ବଢ଼ିଲା ଯୁକ୍ତି ନାମଲେଖା ଅବଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଥମ ପର୍ଯ୍ୟାୟ ଯୁକ୍ତି ୨୦୨୫-୨୬ ନାମଲେଖା ପାଇଁ ଅବଧି ବୃଦ୍ଧି କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ଜୁନ୍ ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମଲେଖା ଅବଧି ବଢ଼ିଛି। ଛାତ୍ରଛାତ୍ରୀ ନାମଲେଖା ପାଇଁ ଟଙ୍କା ଜମା କରିନଥିଲେ ବର୍ଦ୍ଧିତ ସମୟରେ କରିପାରିବେ। ଯଦି କଲେଜରେ ରିପୋର୍ଟ କରିପାରି ନାହାନ୍ତି ତେବେ ମଧ୍ୟ କରିପାରିବେ।

## ମହିଳାଙ୍କ ବିପର୍ଯ୍ୟସ୍ତ ସୁରକ୍ଷା ନେଇ କଂଗ୍ରେସର ଅନଶନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମସୀମାରେ ପହଞ୍ଚିଛି। ପୂର୍ବ ସରକାର ସମୟରେ ଦିନକୁ ୭ ମହିଳା ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ବିଗତ ୧ ବର୍ଷ ଭିତରେ ତାହା ବିପଜ୍ଜନକ ଭାବେ ବୃଦ୍ଧିପାଇ ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଆଜି ମୋଦିଙ୍କ ଓଡ଼ିଶା ଆଗମନ ଓ ସବୁକ୍ଷେତ୍ରରେ ବିଫଳ ହୋଇଥିବା ମୋହନ ମାଝୀଙ୍କ ସରକାରକୁ ଜାଲି ସାର୍ଟିଫିକେଟ ଦେଇ ତୁଚ୍ଛା ବାହାବା ନେବାର ପ୍ରୟାସକୁ ପ୍ରଦେଶ କଂଗ୍ରେସ ତରଫରୁ ଶାନ୍ତିପୂର୍ଣ୍ଣ ଅନଶନ ମାଧ୍ୟମରେ ବିରୋଧ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଅନଶନ ବସିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀ, ସମୀର ରାଉତରାୟ, ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ସିଦ୍ଧାର୍ଥ ସ୍ୱରୂପ ଦାଶ, ପଞ୍ଚାନନ କାନୁନଗୋ, ସୁଜିତ ପାଢ଼ୀ, ଯଶୋବନ୍ତ ସିଂ ଲାଗୁରି, ସୁଧାଂଶୁ ଶେଖର ଦେଓ, ରାଜେଶ ମିଶ୍ର, ନିରଞ୍ଜନ ଲେଙ୍କା, ନିରଞ୍ଜନ ନାୟକ, ସମସିଦା ତୟାବ, ଏମଡି ଶାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

DSPL- 133

ଓଡ଼ିଶା ଶାସନ

## ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR 10003/13/0209/2526



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



# ଡୋନାଲ୍ଡ ଟ୍ରମ୍ପଙ୍କ ଦୋମୁହାଁ ନୀତି

## ପାକ୍ ସେନାଧକ୍ଷଙ୍କୁ ଆତିଥ୍ୟ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଚରଣ ଓ ଉଚ୍ଚାରଣ ଏବେ ସାରା ବିଶ୍ୱରେ ବେଶ୍ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ନିଜର ଦ୍ୱିତୀୟ ପାଳି ଶାସନରେ ବିଭିନ୍ନ ଘଟଣାକୁ ନେଇ ସେ କ୍ରମଶଃ ବିବାଦୀୟ ହୋଇ ପଡ଼ୁଥିବାର ଲକ୍ଷ୍ୟ କରାଯାଉଛି। ସାରା ଦୁନିଆର ସବୁଠାରୁ ସମୃଦ୍ଧ ଓ ଶକ୍ତିଶାଳୀ ଦେଶର ସର୍ବୋଚ୍ଚ ରାଷ୍ଟ୍ରନାୟକ ହୋଇଥିଲେ ହେଁ ତାଙ୍କ କଥା ଓ କାର୍ଯ୍ୟରେ ତାଳମେଳ ରହୁନଥିବା ବେଳେ ସେ କେତେବେଳେ କାହାକୁ ସମର୍ଥନ ବା ବିରୋଧ କରୁଛନ୍ତି, ତାହା ଜାଣିବା ମଧ୍ୟ କଷ୍ଟକର ହୋଇପଡୁଛି। ଦ୍ୱିତୀୟ ପାଳି ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରୁ କରୁ ବିଭିନ୍ନ ଦେଶ ବିରୋଧରେ 'ଶୁଳ୍କ ଯୁଦ୍ଧ' ବା 'ଟାରିଫ୍ ୱାର୍' ଘୋଷଣା ଠାରୁ ଆରମ୍ଭ କରି ଭିସା କଟକଣା ଲାଗୁ କରି ଛାତ୍ରଛାତ୍ରୀଙ୍କୁ ଆମେରିକାରୁ ବହିଷ୍କାର କରିବା, ମେକ୍ସିକୋ ଓ ପାନାମା ଭଳି ଦେଶକୁ ବଳପ୍ରୟୋଗ କରି ଆମେରିକାରେ ମିଶାଇବାକୁ ଧମକ ଦେବା, ବିଶ୍ୱ ପ୍ରସିଦ୍ଧ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ସହ ବିବାଦ ସୃଷ୍ଟି କରିବା ଆଦି ଅନେକ ଘଟଣା ହଇଚଇ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ହମାସ୍-ଇସ୍ରାଏଲ୍ ଯୁଦ୍ଧ ଏବଂ ବର୍ତ୍ତମାନ ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ ମଧ୍ୟ ଟ୍ରମ୍ପଙ୍କ ଭୂମିକା ଖୁବ୍ ବିବାଦୀୟ ହୋଇପଡ଼ିଛି। ଗତ ଆଠଦିନ ଧରି ଚାଲିଥିବା ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ସାମିଲ ହୋଇ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରେ ବୋଲି ସୂଚନା ମିଳୁଛି। ଯଦି ପ୍ରକୃତରେ ଆମେରିକା ଯୁଦ୍ଧରେ ସାମିଲ ହୁଏ, ତେବେ ଏହା ଅତ୍ୟନ୍ତ ବିପଜ୍ଜନକ ରୂପ ନେଇ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବା କିଛି ଅସମ୍ଭବ ହେବନାହିଁ। କାରଣ ଅନ୍ୟତମ ମହାଶକ୍ତି ରୁଷ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ଆମେରିକାକୁ ସତର୍କ କରାଇ ଦେଇସାରିଲାଣି। ଇରାନ୍ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇ ପଡ଼ିବ ବୋଲି ରୁଷ ଚେତାଇ ଦେଇଛି। ଗୋଟିଏ ପଟେ ଶାନ୍ତିର ମନ୍ତ୍ର ଉଚ୍ଚାରଣ କରୁଥିବା ଟ୍ରମ୍ପ୍ ଅନ୍ୟପଟେ ଆକ୍ରମଣକାରୀ ଇସ୍ରାଏଲ ସପକ୍ଷରେ ଠିଆ ହେବା ଏବଂ ଯୁଦ୍ଧରେ ସହାୟତା ଯୋଗାଇଦେବା ଦୋମୁହାଁ ନୀତିର ପରିଚାୟକ ବୋଲି ସମାଲୋଚକ ମତ ଦେଉଛନ୍ତି। ନିକଟରେ ଭାରତର ପହଲଗାମ୍‌ରେ ପାକିସ୍ତାନ ଆତଙ୍କବାଦୀଙ୍କ ଦ୍ୱାରା ୨୬ଜଣ ପର୍ଯ୍ୟଟକଙ୍କୁ ନୃଶଂସ ହତ୍ୟା ଏବଂ ପରବର୍ତ୍ତୀ ସମୟରେ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ପାକିସ୍ତାନ ଭିତରେ ଆତଙ୍କୀ ଆଡ୍ଡା ଧ୍ୱଂସ କରିବାକୁ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ମଧ୍ୟ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକା ବେଶ୍ ସନ୍ଦେହଜନକ ଥିଲା। ତିନିଦିନର 'ଅପରେସନ୍ ସିନ୍ଦୂର' ଅଭିଯାନ ପରେ ତାଙ୍କରି ଚାପରେ ଅସ୍ତ୍ର ବିରତି କାର୍ଯ୍ୟକାରୀ ହୋଇଥିଲା ବୋଲି ବିଭିନ୍ନ ମହଲରେ ଏକରକମ ଧାରଣା ବଳବତ୍ତର ରହିଛି। ପହଲଗାମ୍ ନରସଂହାରର ମୁଖ୍ୟ ଖଳନାୟକ ଭାବେ ପରିଚିତ ପାକିସ୍ତାନର ସେନାମୁଖ୍ୟ ଅସିମ୍ ମୁନିର୍ ଜଣେ କଟ୍ଟର ଭାରତ ବିରୋଧୀ ରୂପେ ଜଣାଶୁଣା। ଦୁଇଦିନ ପୂର୍ବେ ସେ ଆମେରିକା ଗସ୍ତରେ ଯାଇ ଟ୍ରମ୍ପଙ୍କୁ ଭେଟିବା ସଙ୍ଗେ ସଙ୍ଗେ ତାଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିବାର ଜଣାପଡ଼ିଛି। ମୁନିର୍‌ଙ୍କୁ ଆମେରିକାରେ ଯେପରି ଆତିଥ୍ୟ ପ୍ରଦାନ କରାଗଲା ଏବଂ ତାଙ୍କ ସହ ଟ୍ରମ୍ପ ଯେପରି ଆନ୍ତରିକତାପୂର୍ଣ୍ଣ ସାକ୍ଷାତ ଆଲୋଚନା କଲେ, ତାହା ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଆମେରିକା ରାଷ୍ଟ୍ରପତିଙ୍କ ପାକିସ୍ତାନ ପ୍ରୀତିର ଏହା ଏକ ଜ୍ୱଳନ୍ତ ନିଦର୍ଶନ ବୋଲି କୁହାଯାଉଛି। ଆତଙ୍କବାଦକୁ ଖୋଲାଖୋଲି ସମର୍ଥନ ଜଣାଉଥିବା ଗୋଟିଏ ଦେଶର ସେନାଧକ୍ଷଙ୍କ ସହିତ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟାହ୍ନ ଭୋଜନରେ ଆଳାପ ଆଲୋଚନା କରିବା ତାଙ୍କର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ପ୍ରଥମ ପାଳିରେ ରାଷ୍ଟ୍ରପତି ଥିବାବେଳେ ଟ୍ରମ୍ପ ଭାରତ ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଯେପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଥିଲେ, ଦ୍ୱିତୀୟ ପାଳିରେ ସେଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯିବା ନିଶ୍ଚିତ ଭାବରେ ଚିନ୍ତାଜନକ।

# ଗାନ୍ଧୀଙ୍କ ଦୃଷ୍ଟିରେ ଗୋପବନ୍ଧୁ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

'ଗୋପବନ୍ଧୁ ଆମ୍ଭମାନଙ୍କୁ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି। ସେ ଜଣେ ତ୍ୟାଗୀ ଦେଶସେବକ ଥିଲେ। ଆପଣମାନେ ତାଙ୍କ ଆଦର୍ଶ ଯେତେ ଦେଖିଛନ୍ତି ଓ ଜାଣିଛନ୍ତି ମୁଁ ହୁଏତ ସେତେ ଜାଣିନାହିଁ। ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ଜୀବନ ଉପରେ ମଧ୍ୟ ପଡ଼ିଛି। ଆଜି ଏ ପୁଣ୍ୟ ଭୂମିରେ ମୁଁ ତାଙ୍କର ଅଭାବ ବେଶୀ ଅନୁଭବ କରୁଛି। ଯେଉଁ ମହତ୍ ମାର୍ଗରେ ସେ ଚାଲି ଯାଇଛନ୍ତି, ପ୍ରତ୍ୟେକ ପ୍ରାଣୀଙ୍କୁ ସେହି ମାର୍ଗରେ ଯିବାକୁ ହିଁ ପଡ଼ିବ। ଏହି ଶରୀର ମରଣଶୀଳ ଓ ଆତ୍ମା ଅମର ବୋଲି ଆମେ ସମସ୍ତେ ଜାଣୁଥାଇଁ। ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ ଆତ୍ମା ଅମର ହୋଇ ରହିଛି ଓ ଚିରକାଳ ରହିବ। ମୋର ବରାବର ଆଶା ଯେ 'କେବଳ ଉତ୍କଳ କାହିଁକି ସମଗ୍ର ଭାରତ ସେହି ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କର ତ୍ୟାଗ ମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ କରିବ'- ୧୯୩୪ ମଇ ୮ ତାରିଖରେ ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ଅବସରରେ ଏହା ଥିଲା ମହାତ୍ମା ଗାନ୍ଧୀଙ୍କ ମାର୍ମିକ ବକ୍ତବ୍ୟ।

ପରଦିନ ପୁରୀରୁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ ଗାନ୍ଧୀ। ଏହି ପଦଯାତ୍ରା ସମୟରେ ଗାନ୍ଧୀଜୀ ଅବସ୍ଥାନ କରିଥିଲେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାକ୍ଷୀଗୋପାଳର କାଦୁଆ ଆଶ୍ରମରେ। ସେଠାରେ ଏକ ସଭାରେ ଗାନ୍ଧୀଜୀ କହିଥିଲେ, 'ପ୍ରଥମେ ମୁଁ ଉତ୍କଳକୁ ଆସିଲା ବେଳେ ଆଉ କାହାକୁ ଜାଣିନଥିଲି। ଗୋପବନ୍ଧୁଙ୍କ ଦେଶଭକ୍ତି ଓ ସ୍ୱର୍ଗୀୟ ପ୍ରୀତି ମୋତେ ଏଠିକି ଟାଣି ଆଣିଥିଲା। ମୋର ବଡ଼ ଦୁଃଖ ଯେ ଆଜି ଆଉ ତାଙ୍କୁ ଏଠି ଦେଖୁନାହିଁ... ଆମେ ଯଦି ତାଙ୍କ ସ୍ମୃତି ରଖିବାକୁ ଚାହୁଁ ତେବେ ତାଙ୍କ ପ୍ରିୟ କାମଗୁଡ଼ିକ ଆମକୁ କରିବାକୁ ହିଁ ହେବ।'

ଗୋପବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧୀଜୀ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିଲେ ୧୯୨୧ ମାର୍ଚ୍ଚ ମାସରେ। ଏଠାରୁ ଫେରିବା ପରେ ସେ ୟଙ୍ଗ ଇଣ୍ଡିଆ ଓ ନବଜୀବନରେ ଗୋପବନ୍ଧୁଙ୍କ ସମ୍ପର୍କରେ ଲେଖିଥିଲେ, "ପ୍ରକୃତିର କ୍ରୋଧ ହେତୁ ଓଡ଼ିଶାର ଲୋକେ ଦୁଃଖ ପାଉଛନ୍ତି। କେତେବେଳେ ବର୍ଷା ଅଭାବରୁ ଫସଲ ହୁଏ ନାହିଁ ତ ଆଉ କେତେବେଳେ ଅତ୍ୟଧିକ ବୃଷ୍ଟିଜନିତ ବନ୍ୟା ଯୋଗୁ ଫସଲ ଓ ଘରଦ୍ୱାର ଧୋଇଯାଏ। ଏଠାରେ ଦୁର୍ଭିକ୍ଷ ଭଳି ଅବସ୍ଥା ତେଣୁ ଲାଗି ରହିଥାଏ। ଏପରି ଏକ ଭଗବାନଙ୍କ ପରିତ୍ୟକ୍ତ ଅଞ୍ଚଳରେ ଜଣେ ପ୍ରକୃତ ନେତା ଅଛନ୍ତି। ସେ ହେଉଛନ୍ତି ଗୋପବନ୍ଧୁ ଦାସ..... ପୂର୍ବେ ଏମାନେ ଖାଦ୍ୟରେ କେତେଟୋପା ଘିଅ ପକାଇ ଖାଉଥିଲେ, ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପରଠାରୁ ତାହା ଛାଡ଼ି ଦେଇଛନ୍ତି। ଏ ଦେଶରେ ଆଜି ଏପରି କ୍ୱଚିତ ଲୋକ ଥିବେ ଯିଏ ସ୍ୱେଚ୍ଛାକୃତ ଭାବେ ଏତେ ଦୁଃଖ ଭୋଗି ବଞ୍ଚିଥିବେ। ମୁଁ ପଚାରିଥିଲି ଏଭଳି ଖାଦ୍ୟ ଖାଇ ରହିଲେ ସ୍ୱାସ୍ଥ୍ୟହାନୀ ଘଟିବ ନାହିଁ କି? ଗୋପବନ୍ଧୁ ବାବୁ ଉତ୍ତର ଦେଲେ- ଏ ପ୍ରକାର ଦୈନ୍ୟ ଓ ଅଭାବ ସ୍ୱରାଜ ପାଇଁ ମାନିନେବା କ'ଣ ଉଚିତ୍ ନୁହେଁ? ମୁଁ ଚୁପ୍ ହୋଇଗଲି। ଯେତେବେଳେ ଜଣେ କୌଣସି ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହୁଏ, ସେ ଜାଣିପାରେ ନାହିଁ ଭଗବାନ ତାଙ୍କୁ କିପରି ତାହା ସହିବାର ଶକ୍ତି ଦେଇଛନ୍ତି... ଏପରି ସାଧୁ କର୍ମୀମାନଙ୍କର ଚେଷ୍ଟାରେ ବର୍ଷକ ଭିତରେ ସ୍ୱରାଜ ମିଳିଯିବ ବୋଲି ମୁଁ ବିଶ୍ୱାସ କରୁଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।"

### ଗାନ୍ଧୀ ବିଚାର

ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ସେବା, ନେତୃତ୍ୱ, ବ୍ୟକ୍ତିତ୍ୱ, ତ୍ୟାଗ, ସାଧନା, ଯୋଜନା ଆଦି ଗାନ୍ଧୀଜୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୫ବର୍ଷ ପୂର୍ବରୁ ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚିତି ଦେଇ ଗାନ୍ଧୀଜୀ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିବା ସହିତ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ଖୋଲା ସମର୍ଥନ ଦେଇଥିଲେ।

୧୯୧୯-୨୦ରେ ପୁରୀ ଜିଲ୍ଲାରେ ଉପୁଜିଥିବା ଦୁର୍ଭିକ୍ଷ ପ୍ରସଙ୍ଗରେ ଉତ୍କଳମଣି ବିହାର-ଓଡ଼ିଶା ବିଧାନ ପରିଷଦ ଭିତରେ ଓ ବାହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିପନ୍ନ ଲୋକଙ୍କୁ ବଞ୍ଚାଇବାକୁ ମର୍ମସ୍ପର୍ଶୀ ନିବେଦନ କରିଥିଲେ। ଗାନ୍ଧୀଜୀଙ୍କୁ ଏହା ପ୍ରଭାବିତ କଲା। ଠକ୍କର ବାପାଙ୍କୁ ଗୋପବନ୍ଧୁଙ୍କ ନିକଟକୁ ପଠାଇବା ସହ ବିଭିନ୍ନ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ଗାନ୍ଧୀଜୀ ଓଡ଼ିଶାରେ ଚଳାଇଥିଲେ ବ୍ୟାପକ ତ୍ରାଣ କାର୍ଯ୍ୟ। ୧୯୨୫ ଓ ୧୯୨୭ରେ ତାଙ୍କର ଓଡ଼ିଶା ଗସ୍ତ ହୋଇଥିଲା ଗୋପବନ୍ଧୁଙ୍କ ସଂଯୋଜନାରେ। ଗୁଜରାଟର କେତେକ ଅଞ୍ଚଳରେ ପଡ଼ିଥିବା ଦୁର୍ବିପାକ ବେଳେ ଗୋପବନ୍ଧୁ ବି ଓଡ଼ିଆଙ୍କ ଠାରୁ ସାହାଯ୍ୟ ସଂଗ୍ରହ କରି ପଠାଇଥିଲେ ଗାନ୍ଧୀଜୀଙ୍କ ନିକଟକୁ।

ଗୋପବନ୍ଧୁଙ୍କ ମୃତ୍ୟୁର କିଛି ମାସ ପୂର୍ବରୁ ଏକ ପତ୍ରରେ ଗାନ୍ଧୀଜୀ ଓଡ଼ିଶା ଓ ଉତ୍କଳମଣିଙ୍କ ସମ୍ପର୍କରେ ଲେଖିଥିଲେ, 'ଭୂତର ଆବେଗ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି। ଏପରି ଏକ ଗୌରବୋଜ୍ଜ୍ୱଳ ତଥା ବୀରତ୍ୱପୂର୍ଣ୍ଣ ଦେଶ ଦାରିଦ୍ର୍ୟ ପ୍ରପୀଡ଼ିତ। ଏହାର କର୍ମୀମାନେ ସତ୍ ଅଥଚ ଅସହାୟ। ଆପଣ ଏଣେତେଣେ ବୁଲି ନିଜ ଶରୀରର ସ୍ୱାଭାବିକ ଅବସ୍ଥାକୁ ନଷ୍ଟ କରନ୍ତୁ ନାହିଁ। ସରଳ ସ୍ୱାସ୍ଥ୍ୟ ବିଧିଗୁଡ଼ିକ ପାଳନ କରି ନିଜ ସ୍ୱାସ୍ଥ୍ୟର ରକ୍ଷା କରନ୍ତୁ। କ'ଣ ହେଉଛି ଦୟାକରି ମୋତେ ଜଣାଉଥିବେ।'

ଉତ୍କଳମଣିଙ୍କ ତିରୋଧାନ ପରେ ୟଙ୍ଗ ଇଣ୍ଡିଆର ୨୧.୦୬.୧୯୨୮ ସଂସ୍କରଣରେ ଗାନ୍ଧୀଜୀ ଲେଖିଥିଲେ, "ଓଡ଼ିଶାର ଶ୍ରେଷ୍ଠ ସୁପୁତ୍ରମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାସ ଅନ୍ୟତମ। ସେ ଓଡ଼ିଶା ପାଇଁ ନିଜର ସର୍ବସ୍ୱ ସମର୍ପଣ କରିଦେଇଥିଲେ। ଅସହଯୋଗ ଆନ୍ଦୋଳନରେ ଝାସ ଦେଇ ସତ୍ୟାଗ୍ରହୀ ଗୋପବନ୍ଧୁ ବିହାର-ଓଡ଼ିଶା ବିଧାନ ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେବା ସହିତ ଓକିଲାତି ମଧ୍ୟ ଛାଡ଼ି ଦେଇଥିଲେ। ଏଥିସହ ତାଙ୍କ ହାତଗଢ଼ା ସତ୍ୟବାଦୀ ବନ ବିଦ୍ୟାଳୟକୁ ବି ବିପଦ ମୁହଁକୁ ଠେଲି ଦେଇଥିଲେ।" ଗୋପବନ୍ଧୁଙ୍କ ନିଃସ୍ୱାର୍ଥଙ୍କ ଚରିତ୍ର ଓ ଦୃଢ଼ ନେତୃତ୍ୱ ସମ୍ପର୍କରେ ଗାନ୍ଧୀଜୀ ଉଲ୍ଲେଖ କରିବା ସହିତ ତାଙ୍କ ଅବିଚଳିତ କୀର୍ତ୍ତି ଯୋଗୁ ସେ ଅମର ହୋଇ ରହିବେ ବୋଲି ଦର୍ଶାଇଥିଲେ। ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଏବଂ ସର୍ବୋପରି ଦରିଦ୍ର ଓ ବିପନ୍ନ ଲୋକଙ୍କ ଆର୍ଥିକ ପ୍ରଗତି ଏବଂ ଓଡ଼ିଶା ତଥା ଭାରତର ସାମଗ୍ରୀକ ବିକାଶ ଲାଗି ଗୋପବନ୍ଧୁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ପୂରଣ କରିବା ଲାଗି ସଂକଳ୍ପବଦ୍ଧ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗାନ୍ଧୀଜୀ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସେ ଲେଖିଥିଲେ, 'ତାଙ୍କର ମୃତ୍ୟୁରେ ଦେଶ ଆହୁରି ଗରିବ ହୋଇଗଲା। ସେ ସଶରୀରରେ ଆମ ପାଖରେ ନଥିଲେ ବି ତାଙ୍କ ଆତ୍ମା ରହିଛି। ସେହି ପୁଣ୍ୟାତ୍ମା ଓଡ଼ିଶାର କର୍ମୀମାନଙ୍କୁ ପଥ ପ୍ରଦର୍ଶନ କରନ୍ତୁ... ଏହି କର୍ମୀମାନେ ନିଜ ନିଜର ସେବା କାର୍ଯ୍ୟରେ ମିଳିତ ଭାବରେ ପୂର୍ବାପେକ୍ଷା ଅଧିକ ଆତ୍ମତ୍ୟାଗ କରନ୍ତୁ ଏବଂ ତାଙ୍କ ମୃତ୍ୟୁ ଏମାନଙ୍କ ମଧ୍ୟରେ ବେଶୀ ଏକତା ଆଣୁ।'

ନବଜୀବନ ପତ୍ରିକାର ୦୧.୦୭.୧୯୨୮ ସଂସ୍କରଣରେ 'ଜଣେ ସଚ୍ଚା ଦେଶସେବକ' ଶିରୋନାମାରେ ଗାନ୍ଧୀଜୀ ଲେଖିଥିଲେ, 'ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁରେ ଭାରତ ବିଶେଷ କରି ଉତ୍କଳ ଜଣେ ସଚ୍ଚା ଓ ଶୁଦ୍ଧମନା ସେବକଙ୍କୁ ହରେଇଲା। ସେ ଓଡ଼ିଶାର ରତ୍ନ ଥିଲେ... ଆମେ ଏହା ହିଁ ଆଶା କରୁଛୁ ଯେ ଓଡ଼ିଶାର ସ୍ୱେଚ୍ଛାସେବକମାନେ ତାଙ୍କର କାର୍ଯ୍ୟକୁ ମୁଣ୍ଡେଇବେ। ସାଧୁ ପୁରୁଷମାନେ ମରିକରି ସୁଦ୍ଧା ବଞ୍ଚିଥାନ୍ତି ଓ ଅସାଧୁ ଲୋକେ ବଞ୍ଚିଥିଲେ ବି ମରିବା ସଙ୍ଗେ ସମାନ। ଗୋପବନ୍ଧୁ ବାବୁଙ୍କ ଭଳି ସାଧୁ ପୁରୁଷଙ୍କ ଦୈହିକ ମୃତ୍ୟୁରେ ଆମେ ସ୍ୱାର୍ଥପରବଶ ହୋଇ ଦୁଃଖ କରୁଥାଇଁ, ମାତ୍ର ଶୁଦ୍ଧ ଦୃଷ୍ଟିରେ ଦେଖିଲେ ଜାଣିବା ଯେ ଈଶ୍ୱର ନିର୍ଦ୍ଦୟ ନୁହଁନ୍ତି, ନ୍ୟାୟବନ୍ତ। ଏହା ବିଶ୍ୱାସ କରୁଥିବା ଲୋକ ପାଇଁ ଏ ବିୟୋଗ ଦୁଃଖଦାୟକ ହେବା ଉଚିତ୍ ନୁହେଁ। ସେ ଜୀବିତ ଥିବା ବେଳେ ଆମେ ତାଙ୍କ ପବିତ୍ର ଜୀବନକୁ ଅନୁକରଣ କରିପାରିନାହୁଁ, ଏବେ ତାଙ୍କର ଗୁଣଗୁଡ଼ିକ ସ୍ମରଣ କରି ଆମେ ନିଜ ଭିତରେ ସେହିପରି କରିବାର ଶକ୍ତି ଜନ୍ମାଇବା ଉଚିତ୍। ଏଭଳି ଘଟିଥିବା ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ ମୋହ ରହିତ ହୋଇ ଆମେ ମୃତ୍ୟୁଜନିତ ଶୋକ ଓ ଭୟ ଛାଡ଼ିଦେଇ ଆତ୍ମାର ଅମରତାକୁ ହିଁ ସିଦ୍ଧ କରିବା।'

ବୟସରେ ଉତ୍କଳମଣି ଥିଲେ ମହାତ୍ମା ଗାନ୍ଧୀଙ୍କ ଠାରୁ ୮ବର୍ଷ ସାନ, କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧୀଜୀ ନୂଆ ନେତୃତ୍ୱ ଦେବା ପୂର୍ବରୁ ଗୋପବନ୍ଧୁ ଏହି ଜାତୀୟ ଅଭିଯାନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଖଦି, କୁଟୀର ଶିଳ୍ପ ଠାରୁ ଆରମ୍ଭ କରି ଲବଣ ଶିଳ୍ପ, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ ପର୍ଯ୍ୟନ୍ତ ଯେଉଁସବୁ କଥା ଗାନ୍ଧୀଜୀ ଉଠାଇଲେ ତାହା ଗୋପବନ୍ଧୁ ଢେର୍ ପୂର୍ବରୁ ବିଧାନ ପରିଷଦରେ ଓ ବାହାରେ ଏବଂ ଗଣମାଧ୍ୟମରେ ଉଠାଇବା ସହିତ ଏ କ୍ଷେତ୍ରରେ କାମ ବି କରିଥିଲେ। ସେ ଏମିତି ଏକ ବିରଳ ଦରଦୀ ବ୍ୟକ୍ତିତ୍ୱ ଯାହାଙ୍କ ହୃଦୟ ତୂଳା ଠାରୁ ନରମ, ଆଉ ଏମିତି ଜଣେ ନିର୍ଭିକ ସଂଗ୍ରାମୀ ଯାହାଙ୍କ ମନ ଇସ୍ପାତ ଠାରୁ ବି କଠିନ। ଗୋପବନ୍ଧୁଙ୍କ ଭାଷାରେ- 'ଓଡ଼ିଆ ଜାତି କହିଲେ କେବଳ କେତେଜଣ ଶିକ୍ଷିତ ବା ଧନୀବ୍ୟକ୍ତି ନୁହଁନ୍ତି, କେତେକ ରାଜା ବା ଜମିଦାର ନୁହଁନ୍ତି; ହାକିମ, ଅମଲା, ଓକିଲ ମୁକ୍ତାର ନୁହଁନ୍ତି ସମଗ୍ର ଜାତି ମଧ୍ୟରେ ଏମାନଙ୍କ ସଂଖ୍ୟା କେତେ? ଶତକଡ଼ା ଜଣେ ଦୁଇଜଣ ହେବେ କି ନାହିଁ ସନ୍ଦେହ। ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ, ରାଜା, ପ୍ରଜା-ସମସ୍ତଙ୍କୁ ଘେନି ଓଡ଼ିଆ ଜାତି।' ଯେଉଁ ପରିସ୍ଥିତି ଦେଇ ଆମ ରାଜ୍ୟ ତଥା ଦେଶ ଗତି କରୁଛି ସେଥିରୁ ଆମ କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ତଥା ରାଜ୍ୟର ସାମୂହିକ ସମୃଦ୍ଧି ପାଇଁ ପୁଣି ନୂଆ ଢଙ୍ଗରେ ଗାନ୍ଧୀ-ଗୋପବନ୍ଧୁଙ୍କ ପ୍ରଦର୍ଶିତ ମାର୍ଗ ହିଁ ଏକମାତ୍ର ବିକଳ୍ପ। ଏହି ଲକ୍ଷ୍ୟ ହାସଲ ପାଇଁ ସଙ୍କଳ୍ପବଦ୍ଧ ସମର୍ପିତ କ୍ରାନ୍ତିକାମୀ କର୍ମୀଙ୍କ ଆବଶ୍ୟକତା ଅନୁଭବ କରୁଛି ଆମ ରାଜ୍ୟ ଓ ଦେଶ।

# ଶରଣାର୍ଥୀର ଜୀବନ ବନାମ ଅନ୍ତରାଷ୍ଟ୍ରୀୟ ସମସ୍ୟା



ରେଣୁବାଳା ମହାପାତ୍ର
ଅନୁଗୋଳ

ରାଜନୈତିକ ଶରଣ ଦେବା କୌଣସି ଦେଶ ପାଇଁ ଏକ ଜଟିଳ ଓ ସମ୍ବେଦନଶୀଳ ପ୍ରସଙ୍ଗ। କୌଣସି ଦେଶକୁ ବିସ୍ଥାପିତ ମାନେ ଶରଣାର୍ଥୀ ଭାବରେ ଆସିଲେ ସେ ଦେଶର ମୂଳ ଅଧିବାସୀଗଣ ତାଙ୍କୁ ଗ୍ରହଣ ନକରିବା ସ୍ୱାଭାବିକ କଥା। ପ୍ରଥମେ ନିଜ ମୂଳ ଭୂଖଣ୍ଡରୁ ବିସ୍ଥାପିତ ହେବା ଓ ପରେ ସଂଯୁକ୍ତ ଦେଶରେ ଶରଣାର୍ଥୀ ସାଜିବା ସବୁ ସମୟରେ ଏକ ବଡ଼ ସମସ୍ୟା ରୂପେ ଦଣ୍ଡାୟମାନ। ଏହା ଉପରେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ୍ ରହିଛି, ଅନ୍ୟ ଅର୍ଥରେ ଏହା ଏକ କୂଟନୈତିକ ବ୍ୟାପାର ମଧ୍ୟ। ଗୋଟିଏ ସ୍ଥାନରେ ଜନ୍ମଗ୍ରହଣ କରି କୌଣସି କାରଣରୁ ସେଠାରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ସ୍ଥାନରେ ଆଶ୍ରିତ ଭାବରେ ବସବାସ କଲେ ନୂତନ ଭୂଖଣ୍ଡରେ ସେ ହୁଏ ଶରଣାର୍ଥୀ। ତେଣୁ ବିସ୍ଥାପିତ ହେବା ଓ ଶରଣାର୍ଥୀ ହେବା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

ପ୍ରତିବର୍ଷ ଜୁନ ମାସ ୨୦ ତାରିଖରେ ସାରା ବିଶ୍ୱରେ ବିଶ୍ୱ ଶରଣାର୍ଥୀ ଦିବସ ପାଳିତ ହୋଇଥାଏ। ଶରଣାର୍ଥୀ ମାନଙ୍କର ସମସ୍ୟା ତଥା ଶରଣାର୍ଥୀ ମାନଙ୍କୁ ନେଇ ବିଭିନ୍ନ ଦେଶର ସମସ୍ୟା ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ଏହାର ମୂଳ ଉଦ୍ଦେଶ୍ୟ। ୨୦୦୦ ମସିହା ଡିସେମ୍ବର ୪ ତାରିଖ ଦିନ ମିଳିତ ଜାତିସଂଘରେ ପାରିତ ସଂକଳ୍ପ ସଂ:୫୫/୭୬ ଅନୁସାରେ ୨୦୦୦ ମସିହା ଠାରୁ ଜୁନ୍ ୨୦ ତାରିଖରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି।

ଆଜି ନୁହେଁ, ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଭାରତ ଶରଣାର୍ଥୀ ସମସ୍ୟାରେ ପ୍ରଭାବିତ ହୋଇଆସୁଛି। ବାଂଲାଦେଶ ଠାରୁ ଆରମ୍ଭ କରି ରୋହିଙ୍ଗାଙ୍କ ପର୍ଯ୍ୟନ୍ତ ଭାରତ ପାଲଟିଛି ଶରଣାର୍ଥୀଙ୍କ ଆଶ୍ରୟସ୍ଥଳ। ସ୍ୱାଧୀନତା ସମୟରେ ଧର୍ମ ଆଧାରରେ ବିଭାଜିତ ହୋଇଥିଲା ଭାରତ ଏବଂ ସେହି ସମୟରେ ଭାରତକୁ ଭୟଙ୍କର ଦଙ୍ଗାର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାକିସ୍ଥାନ, ଆଫଗାନିସ୍ଥାନ ଓ ବାଂଲାଦେଶରେ ବସବାସ କରୁଥିବା କୋଟି କୋଟି ହିନ୍ଦୁ, ବୌଦ୍ଧ, ଶିଖ, ଜୈନ ଏବଂ ଖ୍ରୀଷ୍ଟିଆନମାନଙ୍କୁ ନାଗରିକତ୍ୱ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତିବଦ୍ଧ ଥିଲେ କିନ୍ତୁ ନିର୍ବାଚନ ବେଳେ ତତ୍କାଳୀନ ନେତା ମାନେ ୧୯୪୭, ୧୯୪୮ ଓ ୧୯୫୦ ମସିହାରେ ଏହି ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଗୋଟିଏ ପଟେ ପୂର୍ବ ସରକାର କୋଟି କୋଟି ଲୋକଙ୍କୁ ସୀମା ଆରପଟୁ ଅନୁପ୍ରବେଶ କରାଇ ଭାରତର ବେଆଇନ୍ ନାଗରିକତ୍ୱ ଦେଉଥିଲେ, କିନ୍ତୁ ଅନ୍ୟପଟେ ଆଇନ୍ ପାଳନ କରୁଥିବା ଲୋକଙ୍କ ପାଇଁ କୌଣସି ଆଇନ୍ ଗତ ବ୍ୟବସ୍ଥା ନାହିଁ ବୋଲି କୁହାଯାଉଥିଲା। ତା'ପରେ ୨୦୧୯ ମସିହାରେ ମୋଦୀ ସରକାର ସି.ଏ.ଏ ଆଇନ୍ ପ୍ରଣୟନ ପାଇଁ ନିଷ୍ପତ୍ତି ନେଲେ। ଏହି ଆଇନ୍ ଅନୁଯାୟୀ, କୋଟି କୋଟି ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ନ୍ୟାୟ ମିଳିଲା ସତ କିନ୍ତୁ ଦେଶରେ ସଂଖ୍ୟାଲଘୁ ସଂପ୍ରଦାୟ ମାନଙ୍କ ଦଙ୍ଗା ଯୋଗୁଁ ୨୦୨୪ ପର୍ଯ୍ୟନ୍ତ ଏମାନଙ୍କୁ ନାଗରିକତ୍ୱ ମିଳିପାରି ନଥିଲା। ଏହି ଆଇନ୍ ଶରଣାର୍ଥୀ ମାନଙ୍କୁ ନ୍ୟାୟ ଦେବା ପାଇଁ କାର୍ଯ୍ୟ କରିବ ଏବଂ ସେମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ପ୍ରତି କ୍ଷମା ସହିତ ସମ୍ମାନ ମଧ୍ୟ ପ୍ରଦାନ କରିବ ବୋଲି ନିଷ୍ପତି ନିଆଯାଇଥିଲା। ତେବେ ବର୍ତ୍ତମାନ ମନକୁ ଏକ ପ୍ରଶ୍ନ ଆସେ, ଏହି ରାଜନୈତିକ ଶରଣାର୍ଥୀ ହେବାର ପ୍ରକ୍ରିୟା କ'ଣ? ରାଜନୈତିକ ଆଶ୍ରିତଙ୍କ ଠାରୁ ଏହା ଭିନ୍ନ କି?

ଯେତେବେଳେ କୌଣସି ବ୍ୟକ୍ତି ନିଜ ଦେଶରେ ଜାତି, ଧର୍ମ, ରାଷ୍ଟ୍ରୀୟତା ବା ଏକ ବିଶେଷ ସମୂହ ସହିତ ଜଡିତ କିମ୍ବା ଯେତେବେଳେ କୌଣସି ବ୍ୟକ୍ତିର ସ୍ୱତନ୍ତ୍ରତା ଓ ସୁରକ୍ଷା ବିପନ୍ନ ହୋଇପଡ଼େ, କିମ୍ବା ଯଦି କୌଣସି କାରଣବଶତଃ ନିଜ ଦେଶରେ କୌଣସି ବ୍ୟକ୍ତି ଅତ୍ୟାଚାରିତ ହେଉଥାଆନ୍ତି ଏବଂ ସେଠାରେ ରହିବାକୁ ଅସୁରକ୍ଷିତ ମନେ କରୁଛନ୍ତି, ସେ ଅନ୍ୟ ଦେଶକୁ ଆଶ୍ରୟ ମାଗିପାରିବେ। ଏହି ରାଜନୈତିକ ଆଶ୍ରୟ ଦେବାର ନିଷ୍ପତ୍ତି ସଂପୃକ୍ତ ଦେଶର ସରକାର ନେଇଥାନ୍ତି। ସେଥିପାଇଁ ଅଲଗା ଅଲଗା ନିୟମ ମଧ୍ୟ ଅଛି। ଏଠାରେ ରାଜନୈତିକ ଆଶ୍ରୟ ପାଇବା ବ୍ୟକ୍ତିର ଅଧିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ। ଯିଏ ଅନ୍ୟ ଦେଶରେ ଆଶ୍ରିତ ହୋଇ ରହିଥାନ୍ତି ସେହି ବ୍ୟକ୍ତି ଜଣକୁ ଯଥାର୍ଥ ସୁବିଧା ପ୍ରଦାନ କରାଯାଇଥାଏ ଓ ତାଙ୍କ ସନ୍ତାନସନ୍ତତିଙ୍କୁ ପଢ଼ିବାର ସୁଯୋଗ ମଧ୍ୟ ଦିଆ ଯାଇଥାଏ।

ଯେଉଁ ବ୍ୟକ୍ତିବିଶେଷ ସୀମାରେଖା ପାର ହୋଇ ଚାଲି ଆସିଥନ୍ତି ସେମାନଙ୍କୁ ଶରଣାର୍ଥୀ ବୋଲି କୁହାଯାଏ। ତେଣୁ UNHCR (United Nations High Commissioner for Refugees) ମାଧ୍ୟମରେ ଅନେକ ଶରଣାର୍ଥୀ ପ୍ରକ୍ରିୟା ପୂରଣ କରାଯାଏ। ଏଥିପାଇଁ ତାଙ୍କ ନାମ, ଦେଶ, ରାଜନୈତିକ ପ୍ରମାଣ ଓ କାରଣ ଦର୍ଶାଇବାକୁ ପଡ଼ିଥାଏ। ଯଦି ଶରଣାର୍ଥୀ ପଳାଇ ଆସିବାର ଉପଯୁକ୍ତ ପ୍ରମାଣ ଓ କାରଣ ଥାଏ, ତା'ହେଲେ ସାକ୍ଷାତକାର ନିଆଯାଏ। ସାକ୍ଷାତକାର ସନ୍ତୋଷଜନକ ହେଲେ ଇମିଗ୍ରେସନ ନୋଟିସ୍ ଦିଆଯାଏ, ଏବଂ ମାମଲା ଆସାଇଲମ୍ କୋର୍ଟକୁ ଯାଏ। ଯଦି ବିଚାରପତିଙ୍କୁ ହୃଦବୋଧ ହେଲା ଯେ, ବ୍ୟକ୍ତି ଜଣକ ଆଶ୍ରିତ ହେବା ଦରକାର, ତା'ହେଲେ ଆଶ୍ରୟ ଦିଆଯାଇଥାଏ। ଯଦି ଏଥିରେ କୌଣସି ସନ୍ଦେହ ପରିଲକ୍ଷିତ ହୁଏ, ତାଙ୍କୁ ୫ ବର୍ଷ ପାଇଁ ବ୍ୟାନ୍ କରାଯାଏ। ଯେଉଁ ବ୍ୟକ୍ତି ଇଂରାଜୀ ଭାଷା ଜାଣି ନଥାନ୍ତି, ତାଙ୍କୁ ଅନୁବାଦକ ଯୋଗାଇ ଦିଆଯାଏ ଓ ପରେ ଇମିଗ୍ରେସନ ଓକିଲଙ୍କ ସହାୟତା ନିଆଯାଏ। ସମସ୍ତ ଆବେଦନ ନିର୍ଭୁଲ ଓ ସନ୍ତୋଷଜନକ ମନେହେଲେ ୧୫୦ ଦିନ ରହିବାର ସୁଯୋଗ ଦିଆଯାଏ ଓ ସେମାନଙ୍କୁ refugee ID card ମିଳିଥାଏ। ଏହି ଶରଣାର୍ଥୀଙ୍କୁ ଭାରତର କିଛି ନର୍ଦ୍ଦିଷ୍ଟ ଅଞ୍ଚଳରେ ରହିବା ପାଇଁ ଅନୁମତି ମିଳିଥାଏ। ସେମାନଙ୍କୁ ଅନେକ ଏନ୍‌ଜିଓ ଓ ସ୍ଥାନୀୟ ଅଧିକାରୀଙ୍କ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ଓ ଶିକ୍ଷା ଯୋଗାଇ ଦିଆଯାଏ। ସଂସ୍ଥାଗତ ଭାବରେ ଚାକିରୀ ଅନୁମତି ନଥିଲେ ମଧ୍ୟ ଶରଣାର୍ଥୀ ନିଜେ ରୋଜଗାର କରିବା ପାଇଁ ଅନୁମତି ଦିଆଯାଇଥାଏ। ଯେଉଁମାନଙ୍କର ଟୁରିଷ୍ଟ ଭିସାର ଅବଧି ସରିଯାଏ ସେଠାରେ ଅଧିକ ଦିନ ରହିବା ବେଆଇନ୍ ହୋଇଥାଏ। ତେଣୁ ଆଶ୍ରିତ ହେବା ପାଇଁ ପୁଣି ଆବେଦନ କରାଯାଇଥାଏ। ପ୍ରଥମ ସାକ୍ଷାତକାରରେ ଉତ୍ତୀର୍ଣ୍ଣ ହେବା ପରେ ଦ୍ୱିତୀୟ ସାକ୍ଷାତକାର ନିଆଯାଏ। ପାସ୍ ହେଲେ ବିଚାରାଧୀନ ଆଶ୍ରିତ ଭାବରେ ଅଟକ ରଖାଯାଏ। ଯଦି ସେଠାରେ ଆଶ୍ରିତଙ୍କର କେହି ଜ୍ଞାତି, ପରିଜନ ଓ ସମ୍ପର୍କୀୟ ଥାଆନ୍ତି ତା'ହେଲେ ଆର୍ଥିକ ଜିମା ଦେଇ ସର୍ତ୍ତମୂଳକ ଭାବରେ ନିଜ ଘରେ ରଖିବାର ଅନୁମତି ଦିଆଯାଇଥାଏ। ଏଥିପାଇଁ କୋର୍ଟର ବଣ୍ଡ ପେପରରେ ଲେଖିବାକୁ ହୁଏ ଓ ନିୟମିତ ଭାବରେ କୋର୍ଟ ତାରିଖକୁ ସାମ୍ନା କରିବାକୁ ପଡ଼ିଥାଏ। ଏହାକୁ ଖିଲାପ୍ କଲେ ଦଣ୍ଡବିଧାନ ମଧ୍ୟ ଥାଏ। ଆମ ଦେଶର ଆଇନ୍ ଅନୁଯାୟୀ ଭାରତର ଆଇନ୍ ଓ ସମ୍ବିଧାନକୁ ସମ୍ମାନ ଦେବା ତାଙ୍କର ମୂଳ ଦାୟିତ୍ୱ। ଯଦି ଶରଣାର୍ଥୀ କୌଣସି ଅପରାଧିକ କାର୍ଯ୍ୟରେ ଜଡ଼ିତ ରୁହନ୍ତି ତା'ହେଲେ ତାଙ୍କର ଶରଣାର୍ଥୀ କାର୍ଡ ବ୍ୟାନ୍ କରାଯାଇଥାଏ। ଆଉ ଯଦି ଶରଣାର୍ଥୀଙ୍କ ଦେଶରେ ପରିସ୍ଥିତି ସୁଧୁରିଯାଏ, ତା'ହେଲେ ସେମାନେ ସ୍ୱଇଚ୍ଛାରେ ନିଜ ଦେଶକୁ ଫେରିପାରନ୍ତି।

ଗୋଟିଏ ଦେଶରେ ଅଧିକ ସଂଖ୍ୟାରେ ଶରଣାର୍ଥୀ ଆସିଲେ ସେହି ଦେଶର ଆର୍ଥିକ ଓ ସାମାଜିକ ଅର୍ଥାତ୍ ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସନ ଇତ୍ୟାଦି ସେବା ଉପରେ ପ୍ରହାର ପଡ଼ିଥାଏ। ଶରଣାର୍ଥୀ ଆଶ୍ରିତ ଥିବା ସ୍ଥାନରେ ସଂସ୍କୃତି ଓ ଜୀବନଶୈଳୀ ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ମଧ୍ୟ ବଢ଼ିବାରେ ଲାଗେ। ଶରଣାର୍ଥୀଙ୍କ ଦେଶ ଓ ଆଶ୍ରିତ ଦେଶ ମଧ୍ୟରେ ରାଜନୈତିକ ସଂପର୍କ ନଷ୍ଟ ହୋଇଥାଏ। ଶରଣାର୍ଥୀଙ୍କ ଯୋଗୁଁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ଅନ୍ତର୍ଜାତୀୟ ସୁରକ୍ଷା ଉଭୟ ବିପଦରେ ପଡ଼ିଥାଏ। ଅନ୍ୟପଟେ ଶରଣାର୍ଥୀ ନିଜ ଦେଶର ଭାଷା, ସଂସ୍କୃତି, ଧର୍ମ ଓ ପରିଚୟକୁ ପଛରେ ପକାଇ ଆଶ୍ରିତ ହୋଇ ମାନସିକ ଅଶାନ୍ତି ଓ ସମ୍ମାନହାନୀର ଶିକାର ହୋଇଥାନ୍ତି। ସେମାନଙ୍କ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି ଏବଂ ମହିଳାମାନେ ଯୌନ ନିର୍ଯାତନା ଓ ହିଂସାର ଶିକାର ହୁଅନ୍ତି। ଦୀର୍ଘମିଆଦି ପର୍ଯ୍ୟନ୍ତ ଗୋଟିଏ ଶିବିରରେ ଅସ୍ଥାୟୀ ରହଣୀ ପାଇଁ ନିଜେ ବିପଦପୂର୍ଣ୍ଣ ଜୀବନ ଅତିବାହିତ କରୁଥିବା ବେଳେ ପ୍ରାକୃତିକ ଉପାଦାନ ଜଳ, ଭୂମି, ବଣ ଜଙ୍ଗଲ ଉପରେ ଅଧିକ ପ୍ରଭାବ ପଡ଼ିଥାଏ। ତେଣୁ ଏହି ଶରଣାର୍ଥୀଙ୍କ ସମସ୍ୟା ବିଶ୍ୱ ରାଜନୀତିକୁ ଗଭୀର ମାତ୍ରାରେ ପ୍ରଭାବିତ କରେ।

ଆତଙ୍କବାଦୀ ସମସ୍ୟା ଭଳି ଶରଣାର୍ଥୀ ସମସ୍ୟା ଅତ୍ୟନ୍ତ ଭୟଙ୍କର ରୂପ ନେଲାଣି। ଭାରତର କିଛି ମୁସଲିମ ମହିଳା ପାକିସ୍ଥାନ ନାଗରିକଙ୍କୁ ବିବାହ କରି ମଧ୍ୟ ଭାରତରେ ବସବାସ କରୁଛନ୍ତି। ଏଇଠି ବଂଶ ବିସ୍ତାର କରୁଛନ୍ତି, ଏମାନଙ୍କୁ କ'ଣ କୁହାଯିବ? ଜୋର୍ ଜବରଦସ୍ତ ଭାବରେ କୌଣସି ପରିଚୟପତ୍ର ବିନା ଭାରତରେ ରହିବା, ବସବାସ କରିବା ଏସବୁ ଆଭ୍ୟନ୍ତରୀଣ ଶୃଙ୍ଖଳାକୁ ନଷ୍ଟ କରୁଛି। ଏମାନେ ଶରଣାର୍ଥୀ ନୁହଁନ୍ତି। ଅନ୍ୟପକ୍ଷରେ କହିବାକୁ ଗଲେ ଏମାନେ ଛଦ୍ମବେଶୀ ଶରଣାର୍ଥୀ। ଏହା କେବଳ ଭାରତର ସମସ୍ୟା ନୁହେଁ, ସାରା ବିଶ୍ୱର ସମସ୍ୟା। ନିକଟରେ ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ, ଭାରତ ଏକ ଧର୍ମଶାଳା ନୁହେଁ। ଦେଶରେ ବେଆଇନ୍ ଅନୁପ୍ରବେଶକାରୀ ମାନେ ରହି ନକଲି ଆଇ.ଡି କାର୍ଡ, ନକଲି ରାସନ୍ କାର୍ଡ ତିଆରି କରି ଆମ ଦେଶରୁ ସବୁ ପ୍ରକାର ସୁବିଧା ସୁଯୋଗ ନେଇ ଆମ ଅର୍ଥନୀତିକୁ ଦୁର୍ବଳ କରିବା ସହିତ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପଳାୟନ କରୁଛନ୍ତି। ତେଣୁ ଶରଣାର୍ଥୀଙ୍କ ପ୍ରତି ଉଦାର ମନୋଭାବ ରଖିଥିବା ଭାରତ ଭଳି ଗୋଟିଏ ବିଶାଳ ଜନସଂଖ୍ୟା ବହୁଳ ରାଷ୍ଟ୍ରରେ ଶରଣାର୍ଥୀ ସମସ୍ୟା ଉତ୍କଟ ରୂପ ନେଉଛି। ତେଣୁ ବିଶ୍ୱର ସବୁ ରାଷ୍ଟ୍ର ଏକାଠି ହୋଇ ଶରଣାର୍ଥୀ ମାନଙ୍କ ପାଇଁ ଗୋଟିଏ ଆଇନ୍ ପ୍ରଣୟନ ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଦରକାର।

ମାନବ ଅଧିକାର ଓ ରାଜନୈତିକ ଦୃଷ୍ଟିକୋଣରୁ ଭାରତ ବହୁ ଦେଶର ଶରଣାର୍ଥୀଙ୍କୁ ଶରଣ ଦେଇଛି, ଯେପରିକି ତିବ୍ବତୀୟ ଶରଣାର୍ଥୀ(୧୯୫୯), ବାଂଲାଦେଶ (୧୯୭୦), ରୋହିଙ୍ଗା, ଶ୍ରୀଲଙ୍କା(୧୯୮୯), ତାମିଲ୍ ଇତ୍ୟାଦି। ରାଜନୈତିକ ଶରଣ ହେଉଛି ଏକ ମାନବ ଅଧିକାର। ଏକ ପରିସଂଖ୍ୟାନରୁ ଜଣାପଡିଛି, ୨୦୨୨ରେ ଭାରତକୁ ୧୦୦୦୦ ଶରଣାର୍ଥୀ ଆସିଛନ୍ତି। ଭାରତର ଏହା ପ୍ରତି ଉଦାର ଦୃଷ୍ଟିକୋଣ ରହିଛି। ଯଦିଓ ଏ କ୍ଷେତ୍ରରେ କୌଣସି ବିଶେଷ ଆଇନ୍ ବ୍ୟବସ୍ଥା ନାହିଁ। ସରକାର, UNHCR ଓ ବିଭିନ୍ନ ଏନ୍‌ଜିଓଙ୍କ ସହାୟତାରେ ଏହି ଶରଣାର୍ଥୀଙ୍କୁ ମୂଳ ସୁବିଧା ଓ ସୁରକ୍ଷା ପ୍ରଦାନ କରାଯାଇଥାଏ। ତେଣୁ ଏଥିପାଇଁ ଶରଣାର୍ଥୀମାନେ ମଧ୍ୟ ଆଇନ୍‌କୁ ସମ୍ମାନ ଜଣାଇ ସୁସଂଗଠିତ ଭାବରେ ଜୀବନ ଅତିବାହିତ କରିବା ଉଚିତ୍। ବିଶ୍ୱ ଶରଣାର୍ଥୀ ଦିବସ ଅବସରରେ ଆମେ ଏହି କଥା ମନେ ରଖିବା ଆବଶ୍ୟକ ଯେ, ନିଜ ଦେଶ ଛାଡ଼ି ଦୁଃଖ, ଯନ୍ତ୍ରଣା ଓ ଅସୁରକ୍ଷିତ ପରିସ୍ଥିତିରୁ ପଳାୟନ କରୁଥିବା ଶରଣାର୍ଥୀମାନେ ମଧ୍ୟ ଆମ ପରି ଏକ ନିରାପଦ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାର ରଖନ୍ତି। ସେମାନଙ୍କ ପ୍ରତି ଦୟା, ସମ୍ମାନ ଓ ଆଦର ଦେଖାଇ ସମାଜରେ ଏକତା, ମାନବତା ଓ ଶାନ୍ତି ବିକାଶ ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଉଚିତ୍।

# ଚେତନା ବିକାଶରେ ଯୋଗ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ। ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ। ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର। ତେବେ ତା'ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ବାରଟି। ତାହାହେଲା - ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ରଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ। ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ। ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ। ମନର ସମସ୍ତ ପ୍ରକାର ବୃତ୍ତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ। ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ। ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି। ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର। ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ। ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ। କର୍ମ ହେଉଛି ବନ୍ଧନର କାରଣ। ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ। ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ। ଆଧ୍ୟାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିଷ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ। 'ମନନାତ୍ ତ୍ରାୟତେ ଇତି ମନ୍ତ୍ର' ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର। ଜପ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ଅଟେ। ଚିତ୍ତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା। ଜପର ଅଭ୍ୟାସ ପାଇଁ ଯେଉଁ ପାଞ୍ଚୋଟି ନିୟମ ରହିଛି ତାହା ହେଉଛି-ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା। ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି। ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ। ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ। ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି। ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ। ହଟଯୋଗ ଶାସ୍ତ୍ର ଅନୁସାରେ 'ହ'ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ। 'ଠ'ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ। ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ। ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ। ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ। ଯାହାର ମାର୍ଗ ହେଉଛି ବାମ ମାର୍ଗ। ସେଥିପାଇଁ ଏହାକୁ ଭୌତିକ ସିଦ୍ଧିର ମାର୍ଗ କୁହାଯାଏ। ସ୍ୱାମୀ ଶିବାନନ୍ଦଙ୍କ ମତରେ ସ୍ୱଧ୍ୟାୟ ବା ଶାସ୍ତ୍ର ଅଧ୍ୟୟନ ହେଉଛି କ୍ରିୟା ଯୋଗ। ଯାହାର ଉଦାହରଣ ହେଉଛି ଗୀତା। ଶାସ୍ତ୍ର ଅଧ୍ୟୟନ ହୃଦୟକୁ ବିଶୁଦ୍ଧ କରେ ଏବଂ ମନରେ ଉଚ୍ଚ ପବିତ୍ର ଚିନ୍ତାଧାରା ପୂର୍ଣ୍ଣ କରିଦିଏ। ସମସ୍ତ ଯୋଗର ସାରକଥା ରାଜଯୋଗ ନାମରେ ବା ଅଷ୍ଟାଙ୍ଗ ଯୋଗ ନାମରେ ସମସ୍ତଙ୍କର ଗ୍ରହଣୀୟ ହୋଇଛି।

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ। ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି। ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ। ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି। ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତ୍ତବୃତ୍ତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି। ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ। ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି। ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି। ବିଭୁତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ। ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଲିଷ୍ଟ। ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ।



ମାଲକାନଗିରି(ଭାସ୍କର ନ୍ୟୁଜ): ମହୁଲ ଋତୁ ପରେ ଟୋଲର ଆବିର୍ଭାବ ହୋଇଛି ଓଡ଼ିଶାର ଉପାନ୍ତ ଜିଲ୍ଲା ମାଲକାନଗିରିରେ । ଏବେ ଗଛରେ ଉପରୁ ଟୋଲ ଫଳ ପାଚି ତଳେ ପଡିବା ଆରମ୍ଭ ହେଲାଣି । ଆଦିବାସୀଙ୍କ ମନରେ ଖୁସିର ଲହରି । ଫଳ ସଂଗ୍ରହ ହେଲେ ମଞ୍ଜିରୁ ଘର ପାଇଁ ତେଲ ବାହାର କରିବା ସହ କେଜି କେଜି ମଞ୍ଜିକୁ ବିକ୍ରି କରି ପରିବାର ପାଇଁ ତେଲ ଲୁଣ ଖର୍ଚ୍ଚ ବାହାର କରୁଛନ୍ତି । ପ୍ରାୟ ୩ ମାସ ଧରି ଏହା ଆଦିବାସୀଙ୍କ ରୋଜଗାରର ସାଧନ ହୋଇଥାଏ । ଟୋଲ ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବାରୁ ସଂଗ୍ରହକାରୀଙ୍କୁ କ୍ଷତି ସହିବାକୁ ମଧ୍ୟ ପଡୁଛି । ପଡୋଶୀ ଆନ୍ଧ୍ର ଓ ଛତିଶଗଡ଼ ବ୍ୟବସାୟୀ ଗାଡ଼ି ଲଗାଇ ଗାଁଗହଳରୁ ଏହାକୁ କମ ମୂଲ୍ୟରେ କିଣି ନେଇ ବାହାରେ ଅଧିକ ଦାମରେ ବିକ୍ରି କରି ମାଲମାଲ ହେଉଛନ୍ତି । କେଜି ପିଛା ମାତ୍ର ୨୦ରୁ ୨୫ ଟଙ୍କା ଦରରେ କିଣାଯାଉଥିବାରୁ ସଂଗ୍ରହକାରୀଙ୍କୁ କ୍ଷତି ସହିବାକୁ ପଡୁଥିବା ଅଞ୍ଚଳବାସୀ କହିଛନ୍ତି । ସହର ନିକଟ ସିନ୍ଧିମାଳ ଗାଁର ମନମୋହନ ମାଝି, ପ୍ରମିଳା ମାଝି, ଦେବେ ମାଡକାମୀ, ଭର୍ମେ ମାଡକାମୀ ପ୍ରମୁଖ କହିଛନ୍ତି, ଜିଲ୍ଲାରେ ପ୍ରଚୁର ମହୁଲ ଗଛ ରହିଛି । ଗାଁର ମହିଳା ପୁରୁଷ ଟୋଲ ସଂଗ୍ରହରେ ଏବେ ଲାଗିଛନ୍ତି । ପିଲାଛୁଆଙ୍କୁ ସାଥିରେ ନେଇ ଗଛ ମୂଳରୁ ଟୋଲ ସଂଗ୍ରହ କରୁଛନ୍ତି । ଟୋଲକୁ ମଞ୍ଜି ଓ ମଞ୍ଜିରୁ ତେଲ ବାହାର କରିବା ପାଇଁ ବହୁ ପରିଶ୍ରମ କରିବାକୁ ପଡୁଛି । ଟୋଲ ଆଣି ସେଥିରୁ ଚୋପା ଛଡାଇବାକୁ ପଡୁଛି । ଚୋପା କାଢିବା ପରେ ମଞ୍ଜିକୁ ପଥରରେ ଛେଚି ଭିତରେ ଥିବା ଶସ୍ୟକୁ ବାହାର କରି ଖରାରେ ଶୁଖାଇବାକୁ ପଡୁଛି । ଟୋଲ ହେଉଛି ଟୋଲତେଲ ବିକ୍ରିବଟା ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା ନ ଥିବାରୁ ଗଛଦରରେ ବାହାର ବେପାରୀଙ୍କୁ ବିକ୍ରିକରି କ୍ଷତି ସହିବାକୁ ପଡୁ ଥିବା ସେମାନେ କହିଛନ୍ତି ।



# ପିଇବା ପାଣି ପାଇଁ ଜାମୁଦଣ୍ଡାବାସୀ ଡହଳ ବିକଳ



ଆଳି(ଭାସ୍କର ନ୍ୟୁଜ): ପ୍ରତି ୬୦୦ ଲୋକଙ୍କ ପାଇଁ ୪ଟି ନଳକୂପ । ପାଣି ନିଅଣ୍ଟ ପଡିବାରୁ ଭରସା ପାଲଟିଛି ଗାଁରେ ବହି ଯାଉଥିବା ଖରସ୍ରୋତା ନଦୀ । ଏ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତ ଜାମୁଦଣ୍ଡା ଗାଁର ବିକଳ ଚିତ୍ର । ଗାଁର ପ୍ରାୟ ୮୦ ପରିବାରର ୬୦୦ରୁ ଊର୍ଦ୍ଧ୍ୱ ଲୋକ ଏବେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଗାଁରେ ଥିବା ୪ ନଳକୂପରୁ ୨ଟିରୁ ଦୁଇଟି ନଳକୂପ ଅଚଳ ହୋଇ ପଡ଼ିଛି । ଆଉ ଯେଉଁ ଦୁଇଟି ଅଛି ୨୦ରୁ ୩୦ ଗରା ପାଣି ବାହାରିଲା ପରେ ବାହାରୁନି ପାଣି । ପିଇବା ପାଣି ଟୋପେ ପାଇଁ ରାତି ଅଧରୁ ଛିଡା ହୋଇ ଲାଇନ ଦେବାକୁ ପଡୁଛି । ଏପଟେ ଗ୍ରୀଷ୍ମ ପ୍ରବାହ ପ୍ରବଳ ହେବା ପରେ ପିଇବା ପାଣି ଟୋପେ ପାଇଁ ଗାଁରେ ହାହାକାର ପଡିଯାଇଛି । ତେଣୁ ବାଧ୍ୟ ହୋଇ ନଈ ପାଣିକୁ ଭରସା କରିଛନ୍ତି । ସେଥିରେ ନଦୀରେ କୁମ୍ଭୀର ଭୟ ତ ନଦୀ ଜଳ ବ୍ୟବହାର କଲେ ମହାମାରୀ ହଇଜା ଭୟ । ଏହି ନଦୀ ପାଣିରେ ବ୍ୟବହାର କରିବା ସହ ଘରର ଯାବତୀୟ କାର୍ଯ୍ୟ କରିବାକୁ ପଡୁଛି । ଗାଁରେ ଥିବା ଦୁଇଟି ନଳକୂପ ଅଚଳ ହେବା ଏପଟେ ଅନ୍ୟ ଦୁଇଟି ନଳକୂପରେ ପାଣି ନବାହାରିବା ଯୋଗୁଁ ବାଧ୍ୟ ହୋଇ ନଦୀ ପାଣି ବ୍ୟବହାର କରୁଛନ୍ତି । ଗାଁରେ କାର୍ଯ୍ୟକ୍ଷମ ଥିବା ଦୁଇଟି ନଳକୂପ ପାଖରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି । କିନ୍ତୁ ଏହି ଦୁଇ ନଳକୂପରେ ଧାରେ ମାତ୍ର ପାଣି ବାହାରୁଛି । ଗୋଟିଏ ଗରା ଭର୍ତ୍ତି ପାଇଁ ଲାଗୁଛି ୨୦ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଲାଗୁଥିବା ବେଳେ ମହିଳାମାନେ ପାଣି ଟୋପେ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି । ୬ ମାସ ହେବ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ସେଥିପ୍ରତି କାହାର ନଜର ନାହିଁ । ଗ୍ରୀଷ୍ମ ଋତୁରେ ଗାଁରେ ଥିବା ପାରମ୍ପରିକ ଜଳ ଉତ୍ସଗୁଡ଼ିକ ଶୁଖି ଯାଉଛି । ଖରାପ ପଡି ରହିଥିବା ନଳକୂପର ମରାମତି ପାଇଁ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ଫଳ ଶୂନ । ତେଣୁ ବାଧ୍ୟ ହୋଇ ଅସ୍ୱାସ୍ଥ୍ୟକର ନଦୀ ଜଳ ବ୍ୟବହାର କରୁଛନ୍ତି । ଫଳରେ ଗାଁରେ ନାନା ପ୍ରକାର ଚର୍ମ ଓ ପେଟ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ନିଜ ବ୍ୟବହାର ପାଇଁ ପାଣି ଅଭାବ ପଡୁଥିବା ବେଳେ, ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ପାଣି ଟୋପେ ମିଳୁନାହିଁ । ଏଭଳି ସ୍ଥିତିରେ ଜୀବନ ବଞ୍ଚାଇବା ଲୋକଙ୍କ ପାଇଁ ଚାଲେଞ୍ଜ ହୋଇପଡ଼ିଛି । ଗାଁରେ ଅଚଳ ହୋଇ ପଡ଼ିରହିଥିବା ନଳକୂପ ମରାମତି କରିବା ପାଇଁ ନିମ ବେହୁରା, ମିରାରାଣୀ ବେହୁରା, ଶୁକ ବେହୁରା, ସସ୍ମଲତା ବେହୁରା, ଶଶୀରେଖା ବାରିକ, ବାସନ୍ତୀ ବାରିକ ପ୍ରମୁଖ ଦାବି କରିଛନ୍ତି । ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଅଶୋକ ସାହୁଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏ ସମସ୍ୟା ନେଇ ମୁଁ ଅବଗତ ଅଛି କିଛି ସ୍ଥାନୀୟ ଅସୁବିଧା ନେଇ ମରାମତି କାର୍ଯ୍ୟ ବନ୍ଦ ଅଛ ଯଥାଶୀଘ୍ର ଏହାର ସମାଧାନ କରାଯାଇ ନଳକୂପ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ନେଇ ପଦକ୍ଷେପମାନ ଗ୍ରହଣ କରାଯିବ ।

# ଅବକାରୀ ବିଭାଗ ଅଧିକାରୀଙ୍କ ଛତ୍ର ଛାୟା ତଳେ ବିଦେଶୀ ମଦ ଦୋକାନ ମାଲିକ



ନିଆଳି(ଭାସ୍କର ନ୍ୟୁଜ): ଜିଲ୍ଲା ଅବକାରୀ ବିଭାଗ ଅଧିକାରୀଙ୍କ ଛତ୍ର ଛାୟା ତଳେ ସରକାରୀ ବିଦେଶୀ ମଦ ଦୋକାନର ମାଲିକ । ଯେତେ ନିୟମ ଉଲ୍ଲଂଘନ କଲେ ବି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ନିଆଳି ଥାନା ଅଧୀନରେ ଥିବା ଅନେକ ବିଦେଶୀ ମଦ ଦୋକାନୀ ମାଲିକଙ୍କ ନାମରେ । ଅବକାରୀ ବିଭାଗର ସରକାରୀ ନିୟମକୁ ପାଳନ କରିବା ତ ଦୂରର କଥା ନିୟମ ଉଲଘଂନ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ବଦଳରେ ଜିଲ୍ଲା ଅବକାରୀ ବିଭାଗ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ମଦ ବୋତଲରେ ଲେଖା ଯାଇଥିବା ଏମ୍ଆର୍‌ପିଠାରୁ ଅଧିକ ଟଙ୍କା ନେବା । ରାତି ୧୦. ୩୦ ମିନିଟ ପରେ ବନ୍ଦ କରିବାକୁ ନିୟମ ଥିଲେ ବି ଏହାକୁ ଉଲଘଂନ କରିବା ପେଟି ପେଟି ମଦ ବାହାରକୁ ସପ୍ଲାୟ କରିବା, ଚୋରାରେ ଗ୍ରାମାଞ୍ଚଳରେ ମଦ ବିକ୍ରି କରିବା ପାଇଁ ନିର୍ଦ୍ଦିଷ୍ଟ ଲୋକଙ୍କ ଘରେ ପହଞ୍ଚାଇବା, ସରକାରୀ ମଦ ଦୋକାନରେ ଆଡ଼ଭାଟାଇଜ ନ କରିବା ନିୟମ ଥିଲା ବେଳେ ଏହାକୁ ମାନୁ ନାହାନ୍ତି ବିଦେଶୀ ମଦ ଦୋକାନୀ ମାଲିକ ମାନେ । ଏମିତିକି କେତେକ ନିର୍ଦ୍ଧିଷ୍ଟ ଦୋକାନୀ ମାନେ ଜିଏସ୍‌ଟି ଫାଙ୍କିବା ପାଇଁ ଚୋରା ମଦ ଆଣି ବ୍ୟବସାୟ କରିବା ଅଭିଯୋଗ ଆସିଛି । ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ବିଦେଶୀ ମଦ ଦୋକାନର ମାସିକ ଯାଞ୍ଚ କରିନଥିବା ଯୋଗୁ ଚୋରା ମଦ ବିକ୍ରି କରାଯାଉଛି । ଚୋରା ମଦ ସରକାରୀ ଦୋକାନରେ ବିକ୍ରି କରାଯାଉଛି । ମାସିକ କେତେ ମଦ କିଣା ଯାଉଛି, କେତେ ବିକ୍ରି ହେଉଛି, କେତେ ଗଚ୍ଛିତ ରହୁଛି, ତାହା ମଧ୍ୟ ଯାଞ୍ଚ କରାଯାଉ ନାହିଁ । ଯାହା ଫଳରେ ବେନିୟମ ଭାବରେ ମୋଟା ଅଙ୍କର ଅର୍ଥ ରୋଜଗାର କରି ମଦ ଦୋକାନୀଙ୍କ ପକେଟ୍‌କୁ ଯାଉଥିବା ବେଳେ କିଛି ଜିଲ୍ଲା ଅବକାରୀ ବିଭାଗ ଅଧିକାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି । ଏ ନେଇ ରାଜ୍ୟ ଅବକାରୀ ବିଭାଗ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ତଦନ୍ତ କରିବାକୁ ଦାବି ହେଉଛି ।

# ଛିନ୍‌ତାଇ ଆସାମୀକୁ ବର୍ଷେ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): ଶୁକ୍ରବାର କେନ୍ଦୁଝର କୋର୍ଟରେ ଏସ୍ଡିଜେଏମ୍ ସୁମିତ୍ରା କୁମାରୀ ଦାଶ ଛିନତାଇ ମାମଲାର ବିଚାର କରି ଜଘିରା ଗ୍ରାମର ୩୫ ବର୍ଷୀୟ ଅଭିଯୁକ୍ତ ଚିନ୍ତାମଣି ମୁଖିଙ୍କୁ ଏକ ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ କାରା ଦଣ୍ଡାଦେଶ ଶୁଣାଇଛନ୍ତି । ଗତ ତା ୬।୪।୨୦୨୫ରେ ଜେଲ ରୋଡସ୍ଥିତ ଶ୍ରୀକ୍ରିଷ୍ଣା ହୋଟେଲ ମ୍ୟାନେଜର ଦିବ୍ୟରଞ୍ଜନ ବାରିକଙ୍କୁ ହଠାତ୍ ହୋଟେଲ ଭିତରେ ପଶି ଅଭିଯୁକ୍ତ ଚିନ୍ତାମଣି ମୁଖି ଜୋର ଜବରଦସ୍ତ ପଇସା ମାଗିଥିଲା । ମ୍ୟାନେଜର ପଇସା ଦେବାକୁ ମନା କରିବାରୁ ସେ ହୋଟେଲ ଛାଡି ଚାଲି ଯାଇଥିଲା । ପରଦିନ ତା ୭।୪।୨୦୨୫ ରିଖ ଦିନ ପ୍ରାୟ ୧୨ଟାରେ ଅଭିଯୁକ୍ତ ପୁନର୍ବାର ହୋଟେଲକୁ ଧସେଇ ପଶିଯାଇ ସିକ୍ୟୁରିଟି ଗାର୍ଡକୁ ପଇସା ମାଗିଥିଲା । ସିକ୍ୟୁରିଟି ଗାର୍ଡ ପଇସା ଦେବାକୁ ମନା କରିବାରୁ ସିକ୍ୟୁରିଟି ଗାର୍ଡର ଏକ ଓପୋ ସ୍ମାର୍ଟ ଫୋନ୍ ଛଡାଇ ନେଇ ସେ ଜାଗାରୁ ଦୌଡି ପଳାଇ ଯାଇଥିଲା । ଘଟଣାକୁ ନେଇ ହୋଟେଲ ମ୍ୟାନେଜର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଟାଉନ ଥାନା କେଶ ନଂ ୨୦୪/ ୨୫ ରେ ମାମଲା ରୁଜୁ ହୋଇ ଟାଉନ ପୋଲିସ ଆସାମୀକୁ ଗିରଫ କରିବା ସହ ଚୋରୀ ଫୋନ ତା’ ପାଖରୁ ଜବତ କରି ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୯(୪) ବିଏନ୍ଏସ୍‌ରେ କୋର୍ଟ ଚାଲାଣ କରିଥିଲା । ଏସ୍‌ଡିଜେଏମ୍ ସୁମିତ୍ରା କୁମାରୀ ଦାଶ ୪ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ସତ୍ୟବ୍ରତ ମହାନ୍ତି, ହିମାଂଶୁ ମହାନ୍ତି ଏବଂ ଚିରନ୍ତନ ଦାସ କେଶ ପରିଚାଳନା କରୁଥିଲେ ।

# ବିପଦସଙ୍କୁଳ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଶିକ୍ଷାକୁ ସାର୍ବଜନୀନ କରାଇବା ଓ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିନିମନ୍ତେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ପୋଷାକ, ଜୋତା ମୌଜା ଯୋଗାଇ ଦିଆଯିବା ସହ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି । ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି । ଏପରିସ୍ଥଳେ କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମପଞ୍ଚାୟତ ସାଆଁଳପୁରସ୍ଥିତ ଚିନ୍ତାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ବିପଦ ସଙ୍କୁଳ ଗୃହରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଥିବା ପ୍ରତିବାଦରେ ବିଦ୍ୟାଳୟ ଫାଟକରେ ଛାତ୍ରଛାତ୍ରୀ ଓ ଅଭିଭାବକ ତାଲା ପକାଇ ଦେବା ସହ ନାରାବାଜି କରିଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ଅଧିନରେ ସାଆଁଳପୁର ଚିନ୍ତାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟର କାନ୍ଥ ଫାଟି ଆଁ କରିଥିଲା ବେଳେ ଟିକିଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି । ଶ୍ରେଣୀ କକ୍ଷରେ ବର୍ଷା ପାଣି ଲହଡି ଖେଳୁଛି । ଫଳରେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପ୍ରଦାନ କରୁଛନ୍ତି । ଏପରିକି ବହୁ ସମୟରେ ବିଦ୍ୟାଳୟ ଛାତରୁ ସିମେଣ୍ଟ ମିଶ୍ରିତ ପ୍ଲାଷ୍ଟର ଖସି ପଡୁଛି । ଏହି ପ୍ଲାଷ୍ଟର ବହୁବାର ଛାତ୍ରଛାତ୍ରୀଙ୍କ ମୁଣ୍ଡରେ ପଡିଥିବା ଅଭିଯୋଗ ହୋଇଛି । ନୂତନ ଗୃହ ନିର୍ମାଣ ନିମନ୍ତେ ବିଗତ ବିଜେଡି ସରକାର ଆମ ଓଡିଶା ନବୀନ ଓଡିଶାରେ ୪ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । କିନ୍ତୁ ଗୋଷ୍ଠୀ କନ୍ଦଳ ଓ ରାଜନୈତିକ ଟଣା ଓଟରା ହେତୁ ଏହି ପ୍ରକଳ୍ପ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ତେବେ ହୀନ ରାଜନୈତିକ ସ୍ୱାର୍ଥ ସାଧନ ନିମନ୍ତେ କୋମଳମତି ଶିଶୁଙ୍କ ଜୀବନ ସହ ଖେଳ ଖେଳିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ । ପ୍ରତିବାଦରେ ଛାତ୍ରାଭିଭାବକ ଫାଟକରେ ତାଲା ପକାଇ ଦେବା ସହ ନାରାବାଜି କରିଥିଲେ । ତେବେ ଗୃହ ତୁରନ୍ତ ନିର୍ମାଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଛାତ୍ରାଭିଭାବକ ମତବ୍ୟକ୍ତ କରିଛନ୍ତି ।

# ରାସ୍ତାରେ ରାଶି ଶୁଖାଇବା ଯୋଗୁଁ ଦୁର୍ଘଟଣାରେ ଗଲା ନିରୀହ ଜୀବନ

ଆସିକା(ଭାସ୍କର ନ୍ୟୁଜ): ରାସ୍ତାରେ ରାଶି ଅମଳ ଯୋଗୁଁ ଦୁର୍ଘଟଣାରେ ଅକାରଣ ରେ ଚାଲି ଯାଇଛି ଗୋଟିଏ ନିରୀହ ଜୀବନ । ଘଟଣା ଟି ଘଟିଛି ଜାତୀୟ ରାଜପଥ ୧୫୭ ଆସିକା କଳିଙ୍ଗ ରୋଡ଼ ପାକଲାପଲ୍ଲୀ ଛକ ନିକଟରେ । ପ୍ରକାଶ ଥାଉକି ଆଜି ଦିନ ୧୨ଘଣ୍ଟ ସମୟରେ ହିଞ୍ଜିଳିକାଟୁ ଥାନା ଅଧୀନ ପୋଚିଲିମା ଗ୍ରାମର ଦଶାରୀ ଗୋପାଳ(୩୯) ପିତା ଦାସିରି କୃଷ୍ଣ ଗୋପାଳ ଟି ଏସ ୦୭ ଜେ ଜେ ୯୩୫୫ନମ୍ବର ବସିଷ୍ଟ ଗୋଟିଏ ହିରୋ ଏଚ ଏଫ ଡୀଲକ୍ସ ଗାଡ଼ିରେ ନିଜ କାମରେ ଭଞ୍ଜନଗର ଅଭିମୁଖେ ଯାଉଥିବା ସମୟରେ ବ୍ରହ୍ମପୁରରୁ ବାଲିଗୁଡା ଅଭିମୁଖେ ଯାଉଥିବା ଓଡି ୩୨ଡି ୩୧୫୫ ନମ୍ବର ବିଶିଷ୍ଟ ନାରାୟଣୀ ବସ ସହିତ ଧକ୍କା ହୋଇଥିଲା । ଖବର ପାଇ ଆସିକା ପୋଲିସ ପହଞ୍ଚି ଦମକଳ ବାହିନୀ ସାହାଯ୍ୟରେ ଆସିକା ମେଡିକାଲକୁ ଆଣିଥିଲେ ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ପରିବାର ପକ୍ଷରୁ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଥାନା କେସ ନମ୍ବର ୩୯୦/୨୫ ରେ ଏକ ମାମଲା ରଜୁକରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରକାଶ ଥାଉକି ଅଞ୍ଚଳବାସୀ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଛି କି ଆସିକା ତଥା ଏହାର ଆଖପାଖରେ ଜନସାଧାରଣ ଜବରଦଖଲ ଓ ରାଜରାସ୍ତା ଅବରୋଧ କରି କାର, ବସ୍, ବେଆଇନ ଭାବେ ଗାଡ଼ି ସହ ଅମଳ ହୋଉଥିବା ରାଶି, ଧାନ, ମାଣ୍ଡିଆ ରାଜରାସ୍ତାରେ ଶୁଖାଇ ଥିବା ନଜିର ରହିଛି ଯାହାଦ୍ୱାରା ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାରେ ଧାନ ଜୀବନ ନଷ୍ଟ ହେଉଛି । କିନ୍ତୁ ସ୍ଥାନୀୟ ପ୍ରଶାସନ ଚରମ ଅବହେଳା ଯୋଗୁଁ ଆଜି ଗୋଟିଏ ନିରୀହ ଜୀବନ ଅକାରଣରେ ଚାଲିଗଲା ତେଣୁ ଏହିଭଳି ଅମାନିଆଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଆସିକା ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

## ଭୁବନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଡ଼ାଉ

# ୯୦ କେଜି ବାସୀ ଖାଦ୍ୟ ନଷ୍ଟ, ୪ ହୋଟେଲ ସିଲ୍



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଖାଦ୍ୟ ସୁରକ୍ଷା ଅଧିକାରୀ ଲୋପାମୁଦ୍ରା ନାୟକ ଚଡ଼ାଉ କରି ସ୍ଥାନୀୟ ଅଞ୍ଚଳରେ ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଜିଲ୍ଲାର ଭୁବନ ଅଞ୍ଚଳରେ ଡାଇରିଆ ରୋଗ ଦେଖା ଦେଇଥିବାରୁ ଏହାର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ଥିବା ବେଳେ ଏହାର ପ୍ରତିଷେଧକ ସ୍ୱରୂପ ଖାଦ୍ୟ ଓ ପାଣି ନମୂନା ଯାଞ୍ଚ କରାଯାଉଛି । ଭୁବନ ଅଞ୍ଚଳରେ ଖାଦ୍ୟ ଯାଞ୍ଚ କରାଯାଇ ୪ଟି ଖାଦ୍ୟ ଦୋକାନକୁ ବାସି ଖାଦ୍ୟ ବିକୁଥିବା ଯାଞ୍ଚରୁ ଜଣାପଡିବାରୁ ସେଗୁଡିକୁ ସିଲ କରିବା ସହ ସେ ଦୋକାନଙ୍କଠାରୁ ୧୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହାସହ ଦୁଇଟି ସ୍ଥାନରୁ ପାଣି ନମୂନା ପରୀକ୍ଷା ପାଇଁ ପଠାଯାଇଛି ଓ ୯୦ କେଜି ବାସି ଖାଦ୍ୟକୁ ନଷ୍ଟ କରାଯାଇଛି । ଏହି ଚଢ଼ାଉରେ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଥାନାଧିକାରୀ ଧୀରେନ ସ୍ୱାଇଁ ଏବଂ ଏନ୍ଏସି କର୍ମଚାରୀ ସାମିଲ ଥିଲେ ।

# ଯୋଡ଼ାରେ ଖାଦ୍ୟ ଓ ପାନୀୟ ଉଠାଦୋକାନ ବନ୍ଦ ନିର୍ଦ୍ଦେଶ



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତରେ ଥିବା ଖାଦ୍ୟ ଓ ପାନୀୟ ତିଆରି କରୁଥିବା ହୋଟେଲ ଏବଂ ଉଠା ଦୋକାନୀମାନଙ୍କୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଗତ କିଛି ଦିନ ଧରି ଓଡ଼ିଶାର ବିଭିନ୍ନ ଅଂଚଳରେ ହଇଜାରେ ଶହ ଶହ ଲୋକ ଆକ୍ରାନ୍ତ ହୋଇ ଥିବାର ଦେଖିବାକୁ ମିଳୁଛି ତେଣୁ ଏହାକୁ ଦୃଷ୍ଟିରେ ରଖି ଯୋଡ଼ା ପୌରପାଳିକାର ନିର୍ଦ୍ଦେଶ କ୍ରମେ ଏହାର ନିରାକରଣ ନିମନ୍ତେ ମ୍ୟୁନିସିପାଲଟିର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏମଇ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରି ଯୋଡ଼ା ବସଷ୍ଟାଣ୍ଡ, ୱେଷ୍ଟ ଟିସ୍କୋ ଗେଟ, ଲକ୍ଷ୍ମିପଡ଼ିଆ, ମୁସଲିମ ବସ୍ତି, ବନେଇକଲା ଛକ ଓ ରାସ୍ତା କଡରେ ଥିବା ଉଠା ଦୋକାନୀମାନଙ୍କୁ କଡାକଡି ଭାବେ ବନ୍ଦ ରଖିବାକୁ କହିଥିଲେ । ତେବେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଏହି ପଦକ୍ଷେପ ନେଇଛନ୍ତି ଯଦି ବ୍ୟାପି ଥିବା ହଇଜା ନିୟନ୍ତ୍ରଣ ହୁଏ ଦୋକାନ ଖୋଲିବାକୁ ପରବର୍ତ୍ତୀ ନିର୍ଦ୍ଦେଶ ଦିଆଯିବ ।

# ୱାର୍‌ସ ସଂଶୋଧନ କରି ନେବାକୁ ତହସିଲ ପକ୍ଷରୁ ପ୍ରକ୍ରିୟା ଆରମ୍ଭ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟ ସରକାରଙ୍କର ଅନେକ ଯୋଜନା କାର୍ଯ୍ୟକାରୀତା ହେଉଥିବା ବେଳେ ବିଶେଷକରି ଅରିଷଣ୍ଟ, ପାଟପୁର, ଅଣ୍ଟିଆ ଆଦି ମୌଜାରେ ୱାରସ ସଂଶୋଧନ ହେବା ନେଇ ତହସିଲଦାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଲୋକମାନେ ପଟାରୁ ପୂର୍ବ ପୁରୁଷଙ୍କ ନାମ କାଟି ନିଜ ନାମରେ ନାମିତ କରି ପାରିବେ ବୋଲି ଜଣାପଡ଼ିଛି । ଲୋକମାନେ ବିଭିନ୍ନ ହଇରାଣ ହେଉଥିବା ବେଳେ ଏପରି କରାଗଲେ ସରଳୀକରଣ ଭାବେ ଜମି ରେକର୍ଡ଼ ସଂଶୋଧନ କରାଯାଉଛି । ଅନେକ ଚାଷୀ ସରକାରଙ୍କୁ ସାଧୁବାଦ ଜଣାଇବା ସହ ଏପରି ଯୋଜନାକୁ ସ୍ୱାଗତ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲରେ ଥିବା ବିଭିନ୍ନ ମୌଜାର ପଟାଧାରୀ ମାନଙ୍କର ପୂର୍ବ ପୁରୁଷଙ୍କ ନାମେ ପଟାରେ ନାମ ଥିବା ବେଳେ ବିଭିନ୍ନ ସାର୍ଟିଫିକେଟ୍ ଓ ବ୍ୟାଙ୍କ ଋଣ ପାଇବା ପାଇଁ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପଟାଦାରଙ୍କ ପାଇଁ କିପରି ସୁବିଧା କରାଯାଇ ପାରିବ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ୱାରସ ସଂଶୋଧନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବ ପୁରୁଷଙ୍କର ମୃତ ସାର୍ଟିଫିକେଟ୍, ଉତରାଧିକାରୀ ପ୍ରମାଣପତ୍ର ଦାଖଲ କରିବା ସହ ନିଜ ଜମିରୁ ପୂର୍ବ ପୁରୁଷଙ୍କ ନାମ କାଟି ନିଜ ନାମେ କରି ନେବା ପାଇଁ ତହସିଲ ପକ୍ଷରୁ କୁହାଯାଇଛି । ଅଣ୍ଟିଆ ଓ ପାଟପୁର ମୌଜା ଚକବନ୍ଦୀ କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ ବୋଲି କୁହାଯାଇଥିବା ବେଳେ ଅରିଷଣ୍ଟ ମୌଜାର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୱାରସ ସଂଶୋଧନ କରାଗଲେ ଲୋକମାନେ ସୁବିଧାରେ ତାଙ୍କର ନିଜ ନାମରେ ଜମି ରେକର୍ଡ଼ କରି ପାରିବେ ବୋଲି ତହସିଲ ପକ୍ଷରୁ ବସୁନ୍ଧରା ଯୋଜନା ପଟା ବଂଟନ କାର୍ଯ୍ୟକ୍ରମରେ କୁହାଯାଇଛି । ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ ଓ ଅତିରିକ୍ତ ତହସିଲଦାର ନିରନ ନାୟକଙ୍କ ନିକଟରେ କୌଣସି ଫାଇଲ ଅଟକୁ ନଥିବା ଅନେକ ପଟାଦାର ମତ ଦେଇଛନ୍ତି ।

# ଡାଇରିଆ ନିୟନ୍ତ୍ରଣରେ ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଯୋଗଦାନ



ବ୍ୟାସନଗର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ୍‌ରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି । ଜୁନ୍ ମାସର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଥିବା ଏହି ରୋଗ ପ୍ରତିରୋଧ ପାଇଁ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ବଣ୍ଟନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଟିଏସ୍ଏଫ୍ ପ୍ରଭାବିତ ଅଞ୍ଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି । ଏଥିସହ ସରକାରୀ ମେଡିକାଲ ଟିମ୍‌କୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଞ୍ଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି । ଏହା ବ୍ୟତୀତ ଟିଏସ୍ଏଫ୍ ଏକ ଅନ୍ୟ ଯାନ ଯୋଗାଇ ଦେଇଛି, ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରି ସାମଗ୍ରୀକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଥିସହ ଟିଏସ୍ଏଫ୍ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଆୟୋଜିତ ହେଉଛି, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି । ଏହି ସଚେତନତା ଉପକ୍ରମଗୁଡ଼ିକ ଟିଏସ୍ଏଫ୍ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିସ୍ତା ଏବଂ ପୋଷଣ ପ୍ରୋଜେକ୍ଟର ମଧ୍ୟ ଏଥିରେ ସକ୍ରିୟ ଯୋଗଦାନ ରହିଛି ।

# ତାଳପଦାରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଉଦ୍‌ଘାଟିତ




ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି । ରାଜ୍ୟ ସଂଗୀତ ମାନ୍ୟତା ପାଇଥିବା ବନ୍ଦେ ଉତ୍କଳ ଜନନୀ ସଂଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗାଁ ତାଳପଦାକୁ କେନ୍ଦ୍ର ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିଛନ୍ତି । ଶୁକ୍ରବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଠାରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାକୁ ଅଭାଷୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ତାଳପଦା କାନ୍ତକବି ସ୍ମୃତି ମନ୍ଦିର ପରିସରରେ ମଧ୍ୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ଶିର୍କା, ଜିଲା କଳା ସଂସ୍କୃତି ଉପସଭାପତି ତ୍ରିଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି ଓ ତନୁଜା ମିଶ୍ର, କନିଷ୍ଠ ଯନ୍ତ୍ରୀ ଅଲେଖ ତାର୍କି, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟା ସୁଚରିତା ମହାନ୍ତି, ଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, କାନ୍ତ କବି ସ୍ମୃତି ପରିଷଦ ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ବାଣିକଲ୍ୟାଣ ମହାପାତ୍ର, ବରିଷ୍ଠ ବିଜେପି ନେତା ଦୀନବନ୍ଧୁ ପତି, ରାମଚନ୍ଦ୍ର ନାୟକ, ରତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ଯୁବ ମୋର୍ଚ୍ଚା ସଭାପତି ଯଜ୍ଞଦତ୍ତ ପତି, ବିଜେପି ନେତା ତାପସ ବେହେରା, ଗୋପବନ୍ଧୁ ବେହେରା, ସୁନେଲି ଦାସ, ଚନ୍ଦନ ସେନାପତି, ନୀଳମଣି ଜେନା, ରତ୍ନାକର ଜେନା, ସୁରେଶ ଦାସ, ଜୟନ୍ତୀ ବେହେରା, ଅଂଜନା ଦଳେଇ, ଭକ୍ତହରି ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ପୁରୁଷ ଓ ମହିଳା ଯୋଗ ଦେଇଥିଲେ ।

# ଦୁର୍ଘଟଣାରେ ଯୁବ ଆଇନଜୀବୀଙ୍କ ମୃତ୍ୟୁ

ମାହାଙ୍ଗା(ଭାସ୍କର ନ୍ୟୁଜ): ମାହାଙ୍ଗା ଥାନା ଅନ୍ତର୍ଗତ ନୁର୍ତାଙ୍ଗ ପଂଚାୟତର ଯୁବ ନେତା ତଥା ଯୁବ ଆଇନଜୀବୀ ମଳୟ କୁମାର ନାୟକଙ୍କ ଗତ ୩ ଦିନ ତଳେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଛି । ଏହି ଖବର ପ୍ରସାରିତ ହେବା ପରେ ମାହାଙ୍ଗାରେ ଶୋକର ଛାୟା ଖେଳି ଯାଇଛି । ସେ ଯୁବ ସମାଜସେବୀ ତଥା ବିଜୁ ଜନତା ଦଳର ଜଣେ ଯୁବ ନେତା ଭାବେ କାର୍ଯ୍ୟ କରିବା ସହ ସରକାରୀ ଓକିଲ ଭାବେ ବେଶ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ପ୍ରତାପ ଜେନା ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ କୋକେଇକୁ କାନ୍ଧେଇ ଗ୍ରାମ ଶ୍ମଶାନ ଯାଏ ନେଇଥିଲେ । ଏଥି ସହ ଏହି ଶୋଭାଯାତ୍ର ରେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ ।

# ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ପୌରପରିଷଦର ଜରୁରି ବୈଠକ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ରାଜ୍ୟରେ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବାରୁ ଚୌଦ୍ୱାର ପୌରାଞ୍ଚଳରେ ଏହାର ମୁକାବିଲା ପାଇଁ ପୌରପାଳିକା ତରଫରୁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ପୌରପାଳିକାର ୧୯ ୱାର୍ଡରେ ପରିମଳ ବ୍ୟବସ୍ଥା ସୁନିଶ୍ଚିତ ଓ ପାନୀୟ ଜଳ ଶୁଦ୍ଧତା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତ ୱାର୍ଡର ଡ୍ରେନ, ଅଳିଆ ଆବର୍ଜନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ସହ ଦୂଆ ଓ ସନ୍ତସନ୍ତିଆ ଜାଗାରେ ବ୍ଲିଚିଂ ପକାଇବା, ସ୍ୱଚ୍ଛସାଥୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ୱାର୍ଡରେ ବିଛା ଯାଇଥିବା ପାଇପ ଲାଇନ ସଂଯୋଗ ଗୁଡିକୁ ନିୟମିତ ଭାବେ ନିରୀକ୍ଷଣ କରିବା, ପାନୀୟ ଜଳର ମାନ ଯାଞ୍ଚ କରିବା, ୱାର୍ଡରେ ଥିବା ଟ୍ୟୁବୱେଲର ସ୍ଥିତି ପରଖି ତାର ଆବଶ୍ୟକୀୟ ମରାମତି କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ସ୍ଥାନୀୟ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ହାଲୋଜିନ ବଟିକା, ଓଆରଏସ୍ ପାଉଡର ଗଚ୍ଛିତ ରଖିବା ସହିତ ଲିଫଲେଟ ଓ ପୋଷ୍ଟର ମାଧ୍ୟମରେ ଲୋକଙ୍କୁ ବ୍ୟାପକ ସଚେତନତା କରାଇବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦିଆ ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ପ୍ରେମ ଚାନ୍ଦ ନାୟକ, ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ନାୟକ, ଏସ୍‌ଡିଓ ଶମ୍ଭୁନାଥ ସେଠୀ, ପ୍ରିୟଦର୍ଶିନୀ ଶତପଥି, ଡା.ରବି ନାରାୟଣ ମହାପାତ୍ର, ସଞ୍ଜୟ ନାୟକ, ପିୟୁଷ କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ପାଣିଙ୍କ ସମେତ ସମସ୍ତ ପାରିଷଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ରୋଡ଼ ସୋ’ ପାଇଁ ନିମାପଡ଼ାରେ ଖୁସିର ମାହୋଲ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ନେଇ ନିମାପଡ଼ା ଚଳ ଚଂଚଳ ହୋଇପଡ଼ିଥିବା ବେଳେ ଦୁଇ ଦିନ ଧରି ବିଜେପି ପାର୍ଟି ଅଫିସରେ କର୍ମୀମାନଙ୍କର ଗହଳି ଲାଗି ରହିଛି । ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୋଡ୍ ସୋ’ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଲୋକମାନେ ଆଗ୍ରହ ପ୍ରକାଶ କରି ଭୁବନେଶ୍ୱର ଯାଇ ପ୍ରଧାନମନ୍ତ୍ରୀଙ୍କ ରୋଡ଼ ସୋ’ ଦେଖିବା ସହ ଓଡ଼ିଶାର ବିକାଶ ହେବାକୁ ଯାଉଛି ବୋଲି ନିଜେ ମତବ୍ୟକ୍ତ କରିଛନ୍ତି । ସୂଚନା ଅନୁଯାୟୀ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କେନ୍ଦ୍ରୀୟ ନେତାଙ୍କ ଭୁବନେଶ୍ୱର ଆଗମନକୁ ନେଇ ସାରା ରାଜ୍ୟ ଚଳ ଚଂଚଳ ହୋଇପଡ଼ିଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀରୁ ୪୫ଟି ପଂଚାୟତ ଓ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦରୁ ହଜାର ହଜାର ସଂଖ୍ୟକ କର୍ମୀ ଭୁବନେଶ୍ୱର ପ୍ରଧାନମନ୍ତ୍ରୀଙ୍କ ରୋଡ଼ ସୋ’ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ନିମାପଡ଼ା ନିର୍ବାଚନ ମଣ୍ଡଳୀ, ଅରିଷଣ୍ଡ ଫଂଚାୟତ, ବଳଙ୍ଗା, ସାଇଁଶ, ଭୋଗଶାଳଦା, ତୁଳସୀପୁର, କଳାପାଂଚଣ, ଭୋଦର, ଭିଲ୍ଲିଗ୍ରାମ ଆଦି ପଂଚାୟତରୁ କର୍ମୀମାନେ ରୋଡ଼ ସୋ’ କାର୍ଯ୍ୟକ୍ରମ ଦେଖି ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରଭାବ ନିଶ୍ଚିତ ଭାବେ ଦଳକୁ ମାର୍ଗ ଦର୍ଶନ ଦେଖାଇବା ବୋଲି କର୍ମୀମାନେ କହିଛନ୍ତି ।

# ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ବେଦାନ୍ତ ଲାଞ୍ଜିଗଡ଼ ଚାମ୍ପିଅନ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ଅଂଶ ବେଦାନ୍ତ ଲାଞ୍ଜିଗଡ ନିକଟରେ ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପର ଆକର୍ଷଣୀୟ କଳାକୃତୀରେ ପରିଣତ କରିବା ପାଇଁ ଏକ ଅନନ୍ୟ ସ୍କ୍ରାପ୍ ଆର୍ଟ ଚମତ୍କାରକ ପ୍ରତିଯୋଗିତା ଆୟୋଜନ କରିଥିଲା । ନବସୃଜନ, ସ୍ଥିରତା ଏବଂ ଦଳଗତ କାର୍ଯ୍ୟର ଏହି ଜୀବନ୍ତ ଉତ୍ସବ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କୁ ନେଇ ଆୟୋଜିତ ହୋଇଥିବାବେଳେ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ, କଳ୍ପନା ଏବଂ ସହଯୋଗର ଉତ୍ସାହୀ ପ୍ରଦର୍ଶନରେ ପରିଣତ ହୋଇଥିଲା । ବେଦାନ୍ତ ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମର ଲୋକମାନେ ଭିନ୍ନ ଭାବରେ ଚିନ୍ତା କରିବାକୁ ସଶକ୍ତ ହୁଅନ୍ତି । ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁ ଏକାଠି କରିନାହିଁ ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଏବଂ ସ୍ଥାୟୀ ଚିନ୍ତାଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍ରେକ କରିଛି ।

# ‘ଷ୍ଟେଟ ବ୍ୟାଙ୍କ ଓ ଦ ବେଲ୍’ ମିଳିତ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର



ପୁରୀ(ଭାସ୍କର ନ୍ୟୁଜ): ଷ୍ଟେଟ ବ୍ୟାଙ୍କର ୭୦ ତମ ପ୍ରତିଷ୍ଠା ଦିବସ ଓ ରଥ ଯାତ୍ରା ଉପଲକ୍ଷେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ କ୍ଷେତ୍ର ପୁରୀ, ଓ ପୁରୀ ଜିଲ୍ଲା ସ୍ୱେଛାସେବୀ ଅନୁଷ୍ଠାନ ଦ ବେଲ୍ ର ମିଳିତ ଆନୁକୁଲ୍ୟରେ ଷ୍ଟେଟ ବ୍ୟାଙ୍କ ହଲିଡେ ହୋମରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ପୁରୀଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ) ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରି ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନକୁ ବଞ୍ଚାଇ ପାରେ ତେଣୁ ରକ୍ତ ଦାନକୁ ଭୟ ନ କରି ସମସ୍ତେ ରକ୍ତଦାନ ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି କହିଥିଲେ । ଷ୍ଟେଟ୍ ବ୍ୟାଙ୍କ୍ କ୍ଷେତ୍ରୀୟ ପ୍ରବନ୍ଧକ ଭରତ ଚରଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଷ୍ଟେଟ ବ୍ୟାଙ୍କ ସଦା ସର୍ବଦା ସାମାଜିକ କାର୍ଯ୍ୟରେ ନିଜର ସହଭାଗିତା ରଖିଛି ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଷ୍ଟେଟ ବ୍ୟାଙ୍କ କେବଳ ଗ୍ରାହକ ସେବା କ୍ଷେତ୍ରରେ ନୁହଁ ବରଂ ସାମାଜିକ କାର୍ଯ୍ୟ ଭାଗିଦାରିତାରେ ଏହି ୭୦ ବର୍ଷ ମଧ୍ୟରେ ସ୍ୱତନ୍ତ୍ର ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି ବୋଲି କହିଥିଲେ । ଏହି ଅବସରରେ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ହୃଷୀକେଶ ତ୍ରିପାଠୀ, ପୁରୀ ଆଞ୍ଚଳିକ କାର୍ଯ୍ୟାଳୟ ମାନବ ସମ୍ବଳ ପ୍ରବନ୍ଧକ ଜିତେନ୍ଦ୍ର ନାୟକ, ମୁଖ୍ୟ ପ୍ରବନ୍ଧକ କାଶୀନାଥ ଦାସ, ଉପ ପ୍ରବନ୍ଧକ ପ୍ରଶାସନ ପ୍ରତାପ କୁମାର ଜେନା, ପ୍ରବନ୍ଧକ ରାଜେଶ କୁମାର ସାହୁ ପ୍ରଭୃତି ସମସ୍ତ ରକ୍ତଦାତାଙ୍କୁ ଷ୍ଟେଟବ୍ୟାଙ୍କ ତରଫରୁ ଉପହାର ଓ ସାର୍ଟିଫିକେଟ ପ୍ରଦାନ କରିଥଲେ । ରକ୍ତଦାନ ଶିବିରକୁ ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ସହିତ ବେଲ୍ ସ୍ୱେଛାସେବୀ ମାନେ ପରିଚାଳନା କରିଥିଲେ । ରକ୍ତଦାନ ଶିବିରରେ ୧୨୫ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା ।



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମ୍ବୁରୁପାଲ୍ଲି ଗ୍ରାମପଞ୍ଚାୟତରେ ଆଜି ସ୍ଥାନୀୟ ସରପଞ୍ଚ ତୁମ୍ବେଶ୍ୱର ସମରଥ, ଦୁର୍ଗମ ଅଞ୍ଚଳ ତୁଳସୀ ପାହାଡ଼ ଗ୍ରାମବାସୀଙ୍କୁ ସାଧାରଣ ବଣ୍ଟନ ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି । ତୁଳସୀ ପାହାଡ଼ ଉପରେ ୧୦ କିଲୋମିଟର ଦୂରତାର ରାସ୍ତା ମଧ ସମ୍ପୂର୍ଣ୍ଣ ହୋଇ ନଥିବା ଅଧୁରା ରାସ୍ତାରେ ଅଞ୍ଚଳ ବାସୀ ଯିବା ଆସିବା କରନ୍ତି । ଲୋକଙ୍କ ଏ ପ୍ରକାରର ଅସୁବିଧା ଦେଖି ସରପଞ୍ଚ ପଞ୍ଚାୟତ ଅଧିକାରୀଙ୍କୁ ସାଙ୍ଗରେ ଧରି ନିଜେ ସାଧାରଣ ବଣ୍ଟନ ରାସନ ସାମଗ୍ରୀ ଯୋଗାଇ ଦେଇଥିବା ଦେଖିବାକୁ ମିଳିଛି । ଭାରତ ବର୍ଷ ସ୍ୱାଧୀନ ହେବା ପରେ ବନ ପାହାଡ଼ ଘେରା ଉଚସ୍ଥାନରେ ବସବାସ କରି ଆସୁଥିବା ଆଦିମ ଜନଜାତି ଆଦିବାସୀ ମାନେ ସେଇ ଅଞ୍ଚଳରେ ୩୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସରପଞ୍ଚ ପହଞ୍ଚି ରାସନ ସାମଗ୍ରୀ ନେଇ ସାଧାରଣ ଲୋକଙ୍କ କଥା ବୁଝି ପାରି ଥିବାରୁ ସେଠାକାର ଲୋକଙ୍କ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ସରପଞ୍ଚଙ୍କ ଏଭଳି କାର୍ଯ୍ୟ ସକାଶେ ଗ୍ରାମପଞ୍ଚାୟତ ଗ୍ରାମବାସୀ ମାନେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ଧନ୍ୟବାଦ ଜଣେଇଛନ୍ତି ।

## ଦୁଇ ଦିବ୍ୟାଙ୍ଗ ଜାତୀୟ ଜୁଡୋ ଚାମ୍ପିୟନସିପ୍ ପାଇଁ ମନୋନୀତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସ୍ୱାଭିମାନ ଅଞ୍ଚଳରେ ଜନ୍ମ ନେଇଥିବା ଦୁଇ ଦିବ୍ୟାଙ୍ଗ ଆଜି ଜିଲ୍ଲା ପାଇଁ ଗର୍ବ ଓ ପ୍ରେରଣାର ଉଦାହରଣ ସାଜିଛନ୍ତି । ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଦର ପଞ୍ଚାୟତ ଅବସ୍ଥିତ ସ୍ୱାଭିମାନ ଅଞ୍ଚଳ ଲାମ୍ବାସିଙ୍ଗ ଗ୍ରାମର ଅଟନ୍ତି, ନାୟକଗୁଡ଼ା ସ୍ଥିତ ଈର୍ମବାକା ବିଦ୍ୟାଳୟର ପୂର୍ବତନ ଦୁଇ ଆଦିବାସୀ ଛାତ୍ର ରୁକୁନାଥ ସିଶା ଏବଂ ରବିନାଥ ଜିଗିଡି ଏହି ଦୁଇ ଶ୍ରବଣ ଓ ବୋଧନ ଶକ୍ତି ହୀନ ଶିଶୁ ଆସନ୍ତା ୨୦ ଜୁନରୁ ୨୩ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର କାନପୁର, ଠାରେ ହେବାକୁ ଯାଉଥିବା ରାଷ୍ଟ୍ରୀୟ ବଧିର କ୍ରୀଡା ଚାମ୍ପିୟନ୍‌ସିପ୍ ପାଇଁ ବଛା ହୋଇଛନ୍ତି । ଖୁସିର କଥା ଯେ ସାରା ଓଡିଶାରୁ ଚାରିଜଣ ଖେଳାଳିଙ୍କ ମଧ୍ୟରେ ମାଲକାନଗିରିର ଏହି ଦୁଇଜଣ ଖେଳାଳୀ ଅଛନ୍ତି । ଏମାନେ ମାନସିକ ଓ ଶାରୀରିକ ବାଧା ସହିତ ସଂଘର୍ଷ କରି, ଅନନ୍ୟ



ପ୍ରତିଭା ଓ ଦୃଢ଼ ସଂକଳ୍ପ ଦ୍ୱାରା ଖେଳ କ୍ଷେତ୍ରରେ ଏକ ଅଲଗା ପରିଚୟ ସୃଷ୍ଟି କରିଛନ୍ତି । ଆଓମା ଗୁରୁକୂଳ ଏବଂ ଜିଲ୍ଲା ଜୁଡୋ ଆସୋସିଏସନର ମିଳିତ ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନର ସାହାଯ୍ୟ ଏବଂ ସହୋଯୋଗ ଦ୍ୱାରା ସମ୍ଭବ ହୋଇ ପାରିଛି ବୋଲି ଅନୁଷ୍ଠାନର ମୁଖ୍ୟ ବିନାଶ କୁମାର ମିଶ୍ର ପ୍ରକାଶ କରିଛନ୍ତି । ଟାଲେଣ୍ଟ ଥିଲେ ମଧ୍ୟ, ଏମାନଙ୍କ ପରିବାର ଅତି ଗରିବ ହୋଇଥିବାରୁ, ଯାତ୍ରା, ରହଣୀୟ, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ଅସମର୍ଥ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସେମାନଙ୍କୁ ଜିଲ୍ଲା ରେଡକ୍ରସ୍ ତରଫରୁ ଆବଶ୍ୟକ ସାହାଯ୍ୟ ସହଯୋଗ ପ୍ରଦାନ କରିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଜିଲ୍ଲାର ସମସ୍ତ ଅଧିକାରୀ ଯଥା ସିଡିଓ କମ୍ ଇଓ ନରେଶ ଚନ୍ଦ୍ର ଶବର, ଏପିଡି ଫାଇନାନ୍ସ ମାନସ ମିଶ୍ର, ତତ୍ ସହିତ ପୂର୍ବତନ ଆସିଷ୍ଟାଣ୍ଟ କଲେକ୍ଟର ସସ୍ମିତା ସ୍ୱାଇଁ, ଡିଆଇପିଆରଓ ସୁଶ୍ରୀ ପ୍ରମିଳା ଲକ୍ଷ୍ମୀ ମାଝୀ, ଡିଏସ୍ଏସ୍ଓ ନିର୍ମଲ୍ ଧୁର୍ବେ, ଡିଏସ୍ଓ ଅଜୟ ମଣ୍ଡଙ୍ଗି, ଡିସିପିଓ ନାରାୟଣ ଦାଶ ଏବଂ ହିମାଂଶୁ ମହାରଣା ଆଦି ସମସ୍ତ ଅଧିକାରୀ ଦୁଇ ଖେଳାଳୀଙ୍କୁ ପ୍ରଶଂସା କରିବା ସହିତ ପ୍ରେରଣା ଦେଇଥିଲେ । ଏହି ଦୁଇ ଖେଳାଳିଙ୍କ ପ୍ରୟାସ କେବଳ ଏକ ବ୍ୟକ୍ତିଗତ ଜିତ ନୁହେଁ, ବରଂ ଏହା ସ୍ୱାଭିମାନ ଅଞ୍ଚଳର ଅନେକ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଏକ ପ୍ରେରଣା ହେବା ସହିତ ଜିଲ୍ଲାକୁ କ୍ରୀଡା ମାନଚିତ୍ରରେ ଅନ୍ୟଏକ ମାନ୍ୟତା ଦେଇପାରିବ । ସମସ୍ତ ସାହାଯ୍ୟ ସହଯୋଗ ପାଇଁ ଆଓମା ଗୁରୁକୂଳ ଏବଂ ମାଲକାନଗିରି ଜିଲ୍ଲାର ଯୁଡୋ ଆସୋସିଏସନର ସଭାପତି ରତ୍ନାକର ଦାଶଙ୍କ ସହିତ ସମସ୍ତ ସଦସ୍ୟ ଜିଲ୍ଲା ପ୍ରଶାସନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଏହି ସୁନ୍ଦର୍ ଉଦ୍ୟମ ପାଇଁ ଜିଲ୍ଲାବାସୀଙ୍କ ତରଫରୁ ସମସ୍ତଙ୍କୁ ପ୍ରଶଂସା କରାଯାଉଛି ।

## ଭାରତ ମାଳା କ୍ୟାମ୍ପ ଘେରାଉ ସହ ଜିଲ୍ଲାପାଳଙ୍କୁ ଦାବିପତ୍ର

### ରାସ୍ତା ନିର୍ମାଣ ପାଇଁ ଦାବି କଲେ ୫ଖଣ୍ଡ ଗାଁର ଲୋକେ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ବାରମ୍ବାର ଅଭିଯୋଗ କରିବା ପରେ ମଧ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡଙ୍ଗରା ପଞ୍ଚାୟତର ୫ଖଣ୍ଡ ଗ୍ରାମବାସୀଙ୍କୁ ରାସ୍ତା ନିର୍ମାଣ କରିଦେବି କହି ଠକି ଚାଲିଥିଲା ଭାରତ ମାଳା ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥା । ତେବେ ଆଜି ସମୂହ ୫ ଖଣ୍ଡ ଗାଁ ତଥା ଡଙ୍ଗରା, ଭଣ୍ଡାରୀ ଗୁଡା, କୁମାର ଗୁଡା, ନୂଆ ଗୁଡା, ଦୋକ୍ରି ଭଟା ଗ୍ରାମବାସୀ ଶତାଧିକ ମହିଳା, ପୁରୁଷ ଏକତ୍ରୀତ ହୋଇ ଡ଼ଙ୍ଗରା ନିକଟରେ ଥିବା 'ଭାରତ ମାଳା' କ୍ୟାମ୍ପକୁ ଘେରାଉ କରିବା ସହ ମୁଖ୍ୟ ଫାଟକ ନିକଟରେ ପାଟିତୁଣ୍ଡ କରିବା ସହ ତାଲା ମାରି ମୁଖ୍ୟ ରାସ୍ତା ଅବରୋଧ କରି ବିରୋଧ ପ୍ରଦର୍ଶନ କରିଥିଲେ । ଏହି ବିରୋଧ ପ୍ରଦର୍ଶନକୁ ଦେଖି ଭାରତ ମାଳା କମ୍ପାନୀର



କର୍ମଚାରୀ କୋଡ଼ିଙ୍ଗା ଥାନାକୁ ଖବର ଦେଇଥିଲେ । କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ଘଟଣା ଉପରେ ଯାଇ ବିରୋଧ ପ୍ରଦର୍ଶନ ଓ ଧାରଣା କରିବା ଗ୍ରାମବାସୀଙ୍କୁ ବୁଝାଇବା ସହ ଆନ୍ଦୋଳନରୁ ନିବୃତ୍ତ କରିଥିଲେ । ଗ୍ରାମବାସୀ ଆନ୍ଦୋଳନରୁ ଓହରି ସିଧା ଏକ ଦଳ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ଯାଇଥିଲେ । ଏପଟେ ୫ଖଣ୍ଡ ଗ୍ରାମବାସୀଙ୍କ ଅଭିଯୋଗକୁ କମ୍ପାନୀ ବହୁ ଦିନରୁ ଭୁଆଁ ବୁଲାଇବା ସହ ନିତ୍ୟ ଯିବାଆସିବା ରାସ୍ତାକୁ କାହିଁକି ନିର୍ମାଣ ନକରି ବର୍ଷା ମାସ ପର୍ଯ୍ୟନ୍ତ ରଖିଛି । ତୁରନ୍ତ ଏହି ସପ୍ତାହ ମଧ୍ୟରେ ସଡକ ନ ତିଆରି କଲେ, ମୁଖ୍ୟ ଭାରତ ମାଳା ସଡକକୁ ଅବରୋଧ କରି ଆନ୍ଦୋଳନ ତୀବ୍ରତର କରିବେ ବୋଲି ଆନ୍ଦୋଳନ କାରୀ ଲଖନ ଗୌଡ଼, କୁନ୍ତୀ ଭତ୍ରା, ଦୁମର ଭତ୍ରା, ସୁକୁ ଭତ୍ରା, ବୈଦୁ ଭତ୍ରା, ପଦମ ଭତ୍ରା, ରାମରାଜ ଭତ୍ରା, ଗବର୍ଧନ ଭତ୍ରା, ହରିଶ୍ଚନ୍ଦ୍ର ଭତ୍ରା, ବନ୍ଧୁ ଭତ୍ରା, ରାମକୃଷ୍ଣ ଭତ୍ରା, ଅନାଦି ଭତ୍ରା, ପୁନାଇ ଭତ୍ରା, ରୁକ୍ମଣୀ ଭତ୍ରା, କମଳା ଭତ୍ରା, ସୁନାମଣି ଭତ୍ରା, ତିଳତମା ଭତ୍ରା, କଷ୍ଣ ଭତ୍ରା ପ୍ରମୁଖ କହିଛନ୍ତି ।

## 'ୱାନ ଷ୍ଟପ ସେଣ୍ଟର ସଖି' କାର୍ଯ୍ୟକ୍ରମର ଟାସ୍କ ଫୋର୍ସ କମିଟି ବୈଠକ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମିଶନଶକ୍ତି ସଭାଗୃହ ଠାରେ ସଖି ୱାନ୍ ଷ୍ଟପ୍ ସେଣ୍ଟର ଜିଲ୍ଲା ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍ ଜିଲ୍ଲା ସମାଜ କଲ୍ୟାଣ ଅଧିକାରି ଦୌପଦୀ କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରି ସୁରେଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଅଜନ୍ତା ଶୁଭଦର୍ଶନୀ, ଏଡି ପିଏଚ ଓ ଡ. ମଳୟ ତ୍ରିପାଠୀ, ସୁରକ୍ଷା ଅଧିକାରି ରମା ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଏଡିଡବ୍ଲୁ ଓ ଭରତ ଚନ୍ଦ୍ର ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ ସଂଗ୍ରାମ ଭୂମିୟ, ଶ୍ରମ ଅଧିକାରୀ ଛୋଟ ରାୟ ଟୁଡୁ, ଶକ୍ତି ସଦନ ପରିଚାଳିକା ଗୀତାଞ୍ଜଳୀ ପାଣିଗ୍ରାହି, ନବରଙ୍ଗପୁର ଶକ୍ତି ସଦନ ପରିଚାଳିକା ମମତା ପରିଛା, ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର କର୍ମକର୍ତ୍ତା ଅଙ୍ଗନ୍ ଟ୍ରଷ୍ଟ କର୍ମ କର୍ତ୍ତା ଶୋଭା କୋର୍ଡିନେଟର, ଚାଇଲଡ ଲାଇନ ଷ୍ଟାଫ ଉପସ୍ଥିତ ଥିଲେ ଏବଂ ଏଥିରେ




ନିର୍ଯ୍ୟାତିତ ମହିଳା ଓ ବାଳିକା ମାନଙ୍କ ପ୍ରତି ହେଉଥିବା ହିଂସା ନିମନ୍ତେ ୱାନ ଷ୍ଟପ ସେଣ୍ଟରର ଭୂମିକା ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରାଗଲା । ୨୦୧୯ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ୧୦୩୯ କେସ୍ ପଞ୍ଜିକରଣ ହୋଇଛି ସେଥି ମଧ୍ୟରୁ ଘରୋଇ ହିଂସା, ଯୌତୁକ ଜନିତ ହିଂସା, ନିଖୋଜ, ଅପହରଣ, ବଳାତ୍କାର, ସାଇବର କ୍ରାଇମ ବାଲ୍ୟବିବାହ, ଡାହାଣୀ ଶିକାର, ଶିଶୁ ଯୌନ ଶୋଷଣ, ମହିଳା ଚାଲାଣ, କର୍ମ କ୍ଷେତ୍ରରେ ଯୌନ ନିର୍ଯ୍ୟତନା ସମସ୍ତ କେସ ଏଥିରେ ଅନ୍ତଭୁକ୍ତ ଅଟେ । ସେଥିରୁ ୧୯୩୮କେସ ପଞ୍ଜିକରଣ ହୋଇଥିବା ବେଳେ ୯୯୦ ସଫଳତା ପାଇଛି ମନସ୍ତାତ୍ତ୍ୱିକ, ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନ ସହାୟତା, ଆଶ୍ରୟ ଦିଆଯିବାରେ ସଫଳ ହୋଇଛି ବୋଲି କେନ୍ଦ୍ର ପରିଚଳିକା ରଞ୍ଜିତା ସାହୁ ଦର୍ଶାଇ ଥିଲେ । ପଲ୍ଲୀସଭା, ଗ୍ରାମସଭା, ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମରେ ସଖି କେନ୍ଦ୍ରକୁ ଡାକିବା ପାଇ ତଥା କାନୁନରେ ଲିପିବଦ୍ଧ କରିବା ପାଇଁ ଆଇନ ପରାମର୍ଶ ଦାତ୍ରୀ କିଶୋରୀ ପଟ୍ଟନାୟକ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମରଣିକା ପଟ୍ଟନାୟକ ପିନି ଖୋସଲା, ଦାମିନୀ ବାଳା ନାୟକ, ଜସ୍ମିନ ସିଂ, ଗୀତାଞ୍ଜଳି ପାଣିଗ୍ରାହୀ ଏବଂ ସ୍ୱର୍ଣ୍ଣଲତା ବେନିଆ ସଂଯୋଜନା କରିଥିଲେ ଶେଷରେ ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ମା'ଧୂମାବତୀଙ୍କ ପୀଠରେ ବାର୍ଷିକୋତ୍ସବ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ନିକଟରେ ୫୫ନଂ ଜାତୀୟ ରାଜପଥ କଡ଼ରେ ପ୍ରତିଷ୍ଠିତ ବିରାଟ କଟକ ପଶ୍ଚିମ ଗଡ଼ଚଣ୍ଡୀ ମା' ଧୂମାବତୀଙ୍କ ନୂତନ ମନ୍ଦିରର ଚତୁର୍ଥ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ୨ଦିନ ବ୍ୟାପି ପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଙ୍କ ପୀଠରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ଅଙ୍କୁରାରୋପଣ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନା ଆଦି ରୀତିନୀତିରେ ଅନୁଷ୍ଠିତ ହୋଇଥିଲା । ଗୁରୁବାର ଆୟୋଜିତ ହୋମଯଜ୍ଞରେ ଯଜ୍ଞରେ ସନାତନ ବାରିକ୍ ଓ କବିତା ବାରିକ୍ କର୍ତ୍ତା ଓ କର୍ତ୍ତୀ ଭାବେ ଆହୁତି ପ୍ରଦାନ କରିଥିଲେ । ମନ୍ଦିର ପୁଜକ ଲୋକନାଥ ମିଶ୍ର, ତ୍ରିନାଥ ମିଶ୍ର ଓ ବୈଦ୍ୟନାଥ ମିଶ୍ର (ଧୁମା ନାନା) ପୁଜା କାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, କାଉନସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇ ମାଙ୍କ କୃପାଲାଭ କରିଥିଲେ । ଧୂମାବତୀ ମନ୍ଦିର ପରଚାଳନା କମିଟିର ପ୍ରଭାକର ନାୟକ, ବିଜୟାନନ୍ଦ ଦାସ, ଗୋବିନ୍ଦନାଥ ଶର୍ମା, ଅଜୟ ଦାସ ମହାପାତ୍ର, ବିଜୟାନନ୍ଦ ସାହୁ, ସତ୍ୟବ୍ରତ ଦାସ,ବିମଳ କୁମାର ବେଉରା, ରାଜେନ୍ଦ୍ର କର, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଦସ୍ୟ ଉତ୍ସବ ପରିଚାଳନା କରିଥିଲେ । ପତିତପାବନ ମିଶ୍ର ଓ ପିଣ୍ଟୁ ମିଶ୍ର ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ ।



## ଚିକିତ୍ସା ଭତ୍ତା ଓ ସୁବିଧା ଦେବା ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ, ଗଂଜାମ ଜିଲ୍ଲା ଶାଖାର ଜରୁରୀ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଡି.ମୋହନ ରାଓ ସଭାପତିତ୍ୱ କରିଥିଲେ । ସମ୍ପାଦକ ଶଙ୍କର୍ଷଣ ପାତ୍ର ଗତ ବୈଠକର ବିବରଣୀ ପଠନ କରିଥିଲେ । ସଭାପତି ରାଓ ଆସନ୍ତା ଦିନରେ ୯ ଦଫା ଦାବି ମୁଖ୍ୟତଃ କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆୟୁଷମାନ ବୟୋ ବୟୋବନ୍ଦନା ଯୋଜନା ଲାଗୁକରିବା ପାଇଁ ହଜାର ହଜାର ପୋଷ୍ଟ କାର୍ଡ ଲେଖି ମୁଖ୍ୟମନ୍ତ୍ରୀଙ୍କୁ ପଠାଇବା ବିଷୟରେ ସମୀକ୍ଷା କରିଥିଲେ ଓ ସରକାରଙ୍କ ପେନ୍‌ସନର ମାରଣ ନୀତି ବିରୁଦ୍ଧରେ ସମସ୍ତ ବ୍ଲକରୁ ଏହି ପୋଷ୍ଟ କାର୍ଡ ହଜାର ହଜାର ସଂଖ୍ୟାରେ ପଠାଇବା ପାଇଁ ଅନୁରୋଧ କରିଥିଲେ । ଆସନ୍ତା ୧୫.୦୭.୨୫ ତାରିଖରେ ଅଖିଳ ଭାରତ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଡ଼ାକରାରେ ହେବାକୁ ଥିବା ଆନ୍ଦୋଳନରେ ଯୋଗଦେବା ଦେବାପାଇଁ ଓ ଏକ ବିଶାଳ ମୌନ ପଦଯାତ୍ରାକରି ମାନ୍ୟବର ଭାରତର ପ୍ରଧାନ ମନ୍ତ୍ରୀ ଓ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ୱଳିତ ଦାବି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କୁ ଦିଆଯିବାପାଇଁ ସ୍ଥିର ହେଲା । ସେହିପରି ତା୧୭.୯.୨୦୨୫ରେ ଦିଲ୍ଲୀର ଯନ୍ତର ମନ୍ତର ରୋଡରେ ହେବାକୁ ଥିବା ଧାରଣାରେ ଯୋଗ ଦେବାପାଇଁ ଗଂଜାମ ଜିଲ୍ଲାରୁ ବହୁସଂଖ୍ୟାରେ ଯୋଗଦେବାକୁ ସ୍ଥିର କରାଗଲା । ରାଜ୍ୟ ସଂଗଠନର ଉପଦେଷ୍ଟା କେ.ନନ୍ଦେଶ୍ୱ ସେନାପତି, ଉପସଭାପତି ଏଏସ୍ଏନ୍ ଗୁପ୍ତା, ଯୁଗ୍ମ ସମ୍ପାଦକ ମହେଶ୍ୱର ସିଂ, ସହସମ୍ପାଦକ ଡି.ଗୁରୁମୂର୍ତ୍ତୀ ପାତ୍ର, କିଶୋର ଚନ୍ଦ୍ର ପାତ୍ର, ଓଏସ୍ଏସ୍‌ଟିଏ ପକ୍ଷରୁ ବିଜୟ କୁମାର ବେହେରା, ନଳିନୀ କାନ୍ତ ମିଶ୍ର, ବି.ରାଙ୍ଗା ପାତ୍ର,ଦେବରାଜ କୋଠିଆ, ସୁବାଷ ଚନ୍ଦ୍ର ପଣ୍ଡା, କେଶବ ଚନ୍ଦ୍ର ଗୌଡ଼, ରାଧାକୃଷ୍ଣ ପଣ୍ଡା, ସନ୍ତୋଷ କୁମାର ସାହୁ ବକ୍ତବ୍ୟ ରଖିଥିଲେ । ଡିଆର୍ କାଳିଆ, ଟ.ମହେଶ, ନାରାୟଣ ପାଣିଗ୍ରାହୀ, ଡି.ଶ୍ରୀନିବାଶ, ପି.କେ.ଚୌଧୁରୀ, ସୋମନାଥ ଚୌଧୁରୀ, ଉଦୟନାଥ ଚୌଧୁରୀ, ସୋମନାଥ ପ୍ରଧାନ, ପ୍ରଫୁଲ୍ଲ ପତି, ନରସିଂହ ସେଠି, ସୀମାଞ୍ଚଳ ସାହୁ, ମ୍.ନରସିଂହ, ପଦ୍ମ ଚରଣ ପରିଡା, ଭଗବାନ ଆଚାରି, ବାସନ୍ତି ନାୟକ, ନିରାକାର ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ଦାସ, ବାଇନାଥ ନାୟକ ଉପସ୍ଥିତ ରହିଥିଲେ । ପରିଶେଷରେ ସେଫାଳୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାୟତ୍ରୀ ନର୍ସରୀରେ ତାଣ୍ଡବ ରଚିଲେ ହାତୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ଜଂଘିରା ସ୍ଥିତ ଗାୟତ୍ରୀ ନର୍ସରୀ ଭିତରେ ଅନେକ ଫଳ ଚାରା ଖାଇ ଯିବା ସହ ପାଦରେ ମାଡି ନଷ୍ଟ କରି ଦେଇଛନ୍ତି ହାତୀ । କେନ୍ଦୁଝର ଜିଲ୍ଲାର ଜଂଘିରାରେ ଅବସର ପରେ ନିଜ ପେନ୍‌ସନ୍ ଟଙ୍କାକୁ ବିନିଯୋଗ କରି ଚାଷୀଙ୍କୁ ମାଗଣାରେ ବିଭିନ୍ନ ସୁସ୍ୱାଦୁ ଫଳ ଚାରା ବାଣ୍ଟି ଲୋକଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ କରାଇବା ସହିତ କେନ୍ଦୁଝରକୁ ସବୁଜ ସୁନ୍ଦର କରିବାର ଲକ୍ଷ ରଖି ବୃକ୍ଷ ମଣିଷ ରମେଶ ଚନ୍ଦ୍ର ମିଶ୍ର ଆରମ୍ଭ କରିଥିଲେ ଗାୟତ୍ରୀ ନର୍ସରୀ । ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରେ ଏହି ଚାରା ସବୁକୁ ବିଭିନ୍ନ ଗ୍ରାମର ଚାଷୀ ମାନଙ୍କୁ ବିତରଣ କରାଯିବାର କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗତ ରାତିରେ ନର୍ସରୀ ପରିସରରେ ବଣୁଆ ହାତୀ ବାଡ଼ ଭାଙ୍ଗି ପଶି ବହୁ ସଂଖ୍ୟାରେ ଚାରା ଖାଇବା ସହିତ ପାଦରେ ଦଳି ଚକଟି ହଜାର ହଜାର ଚାରାକୁ ନଷ୍ଟ କରି ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ବର୍ଷ ମଧ ଏହି ବଗିଚା ମଧ୍ୟରେ ହାତୀ ପଶି ଅନେକ ଚାରା ନଷ୍ଟ କରି ଦେଇଥିଲା । ସେତେବେଳେ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କୁ ଏହି ନର୍ସରୀ ଚାରିପାଖକୁ ସୋଲାର ବାଡ଼ ଲାଗାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ । ଗତ ରାତିରେ ହାତୀ ଜଂଘିରା ଅଞ୍ଚଳରେ ଥିବାର ପୂର୍ବରୁ ବନବିଭାଗ ତରଫରୁ କୌଣସି ସୂଚନା ଦିଆ ଯାଇନଥିବା ବେଳେ କିଛି ଜଙ୍ଗଲୀ ହାତୀ ନର୍ସରୀ ପରିସରରେ ଥିବା ସମସ୍ତ ଅମୃତଭଣ୍ଡା ଓ ପଣସ ଚାରାକୁ ଖାଇ ଦେବା ସହ ଅନ୍ୟ ଚାରା ସବୁକୁ ଦଳି ଚକଟି ପକାଇଛନ୍ତି । ନର୍ସରୀ ପରିସରରେ ପ୍ରାୟ ୧୦ ହଜାର ଫଳାଚାରା ନଷ୍ଟ ହୋଇଥିବା ଗାୟତ୍ରୀ ନର୍ସରୀର ସ୍ରଷ୍ଟା ରମେଶ ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି । ବନ ବିଭାଗ ତରଫରୁ ଗାୟତ୍ରୀ ନର୍ସରୀକୁ କ୍ଷତିପୂରଣ ସହାୟତା ପ୍ରଦାନ କରି ପାରିଲେ ସେହି ଅର୍ଥରେ ଅନେକ ଚାଷୀଙ୍କ ପାଇଁ ମାଗଣାରେ ଫଳଚାରା ବଣ୍ଟନ ପାଇଁ ସହାୟତା ହୋଇ ପାରିବ ଓ କେନ୍ଦୁଝରକୁ ସବୁଜ ସୁନ୍ଦର କରିବାର ଶ୍ରୀ ମିଶ୍ରଙ୍କ ସ୍ୱପ୍ନ ପୁରଣ ଦିଗରେ ସାମାନ୍ୟ ସହଯୋଗ ହୋଇ ପାରିବ ।

## ଚାଷୀଙ୍କୁ ବିହନ ବଣ୍ଟନ




ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ସୁଚନା ପରାମର୍ଶ ତରଫରୁ ପ୍ରଥମ ଦିନରେ ୧୫୦ ଜଣ ମକା ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି । କୃଷି ବିଭାଗ ପକ୍ଷରୁ ମୋଟ ଉପରେ ୫୭୦ ହେକ୍ଟର ଚାଷ କରିବା ଉପରେ ଗୁରୁତ୍ୱ ଦେଇଛି । ଏହି କାର୍ଯ୍ୟକ୍ରମକୁ ରାଇଘର କୃଷି ଅଧିକାରି ରଶ୍ମି ରଂଜନ ସାହୁ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର ମନ୍ତ୍ରି ପ୍ରତିନିଧି ଶିବନାଥ ବାନାର୍ଜୀ, ବସନ୍ତ ଡଙ୍ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କୁନ୍ଦେଇ, କୁରବେଢ଼ା ପଞ୍ଚୟତର ଚାଷୀଙ୍କୁ ମକା ବିହନ ବଣ୍ଟନ କରଯାଇଥିବା ବେଳେ ହାଟଭରାଣ୍ଡି, ଓ ଜଳଙ୍ଗପାରା ପଞ୍ଚାୟତର ଚାଷୀଙ୍କୁ ଧନିତ ବିହନ ବଣ୍ଟନ କରିଥିଲେ । ଏବଂ ୧୭୦ ହେକ୍ଟର ଜମି ରେ ଧନୀତ ଚାଷ ହେବ ବୋଲି ସ୍ଥାନୀୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି ।

## 'ମା' ପାଇଁ ଗଛଟିଏ' ସଚେତନତା



ସାରସକଣା, (ଦ୍ବର ନ୍ୟୁଜ୍) : ବାଙ୍ଗିରିପୋଷି ଜଙ୍ଗଲ ଓ ପରିବେଶ ବିଭାଗ ତଥା ଜଳବାୟୁ ପରିବର୍ତ୍ତନ ପକ୍ଷରୁ ସାରସକଣା ବ୍ଲକ ଅନ୍ତର୍ଗତ ଉମାଦେଇପୂର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାନ୍ଧଡ଼ା ଗ୍ରାମରେ ଏକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚଙ୍କ ଦ୍ବାରା ଲୋକ ମାନଙ୍କୁ ପରିବେଶ ସୁରକ୍ଷା ଅଭିଯାନ ଦିଗରେ ବାର୍ତ୍ତା ଦେଇ ଲେମ୍ବୁ, କମଳା, ଦେବଦାରୁ, ବଉଳ, ଜାମୁ ଇତ୍ୟାଦି ଚାରା ଗଛ ବଣ୍ଟନ କରିଥିଲେ । ଲୋକ ମାନେ ଚାରା ଗଛ ବହୁ ପରିମାଣ ରେ ନେଇ 'ମା ପାଇଁ ଗଛ ଟିଏ'ର ସଫଳ ରୂପାୟନ କରିବେ ବୋଲି ପ୍ରତିଶୃତି ଦେଇ ଥିଲେ । ଅନ୍ୟ ମାନଂକ ମଧରେ ଓଡ଼ିଶା ଭାସ୍କରର ବ୍ଲକ୍ ପ୍ରତିନିଧି ଦେବାଶିଷ ଶତପଥୀ ଉପସ୍ଥିତ ଥିଲେ ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍) : ନନ୍ଦାହାଣ୍ଡି ବ୍ଲକର ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଅବକାରୀ ବିଭାଗ ତରଫରୁ ଡଙ୍ଗରଭେଜାର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମାଦକ ଦ୍ରବ୍ୟ ନିଜେ ସେବନ ନକରିବା ଓ ଅନ୍ୟକୁ ସେବନ ନକରିବା ପାଇଁ ସଚେତନ କରାଇବା ସକାଶେ ଶପଥ ପାଠ କରାଯାଇଥିଲା । ପରେ ଡଙ୍ଗରଭେଜା ଗ୍ରାମରେ ଏକ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା । ନିଶା ଓ ମାଦକ ଦ୍ରବ୍ୟ ତଥା ବିଷାକ୍ତ ମଦ, ପାନ, ବିଡି ଇତ୍ୟାଦି ନିୟନ୍ତ୍ରଣ ଏବଂ ଅବୈଧ କାରବାର ଉପରେ ଦଣ୍ଡବିଧାନ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ



ସସ୍ମିତା ବାଲା ମହାନ୍ତି ଓ ନବରଙ୍ଗପୁର ଅବକାରୀ ସବ ଇନ୍ସପେକ୍ଟର ଦିଲୀପ କୁମାର ରଥ କାର୍ଯ୍ୟକ୍ରମରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ଅବକାରୀ ଆଇନ ୨୦୦୮ ଅନୁସାରେ ମୁଖ୍ୟତଃ ସାତ ଗୋଟି ଧାରା ଉପରେ ସଚେତନ କରାଯାଇଥିଲା । ଧାରା - ୨୫, ୫୨, ୫୫ ଓ ୫୯(କ)(ଖ)(ଗ)(ଘ) ବିଷୟରେ ଆଲୋଚନା କରାଯାଇଥିଲା । ଏହି ଧାରା ଅନୁସାରେ ଅପରାଧୀଙ୍କୁ ଅତିକମରେ ପାଞ୍ଚ ହଜାର ଟଙ୍କାରୁ ଦୁଇ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ସହ ଏକ ବର୍ଷରୁ ଆଜୀବନ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି । ଏହାକୁ ଗାଁକୁ ଗାଁ ଓ ଘରକୁ ଘର ଯାଇ ସଚେତନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସଚେତନ ସହ ସରକାରୀ କର୍ମଚାରୀଦ, ଛାତ୍ରଛାତ୍ରୀ, ଯୁବପିଢି, ମହିଳା ଏସ୍ଏଚଜି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ସାମିଲ ହେବେ । ଏହି ସଚେତନ ଶିବିରରେ ସୁପରଭାଇଜର, ଅଙ୍ଗନୱାଡ଼ି, ଆଶା ଓ ସିଆରପି ମାନେ ସାମିଲ ହୋଇଥିଲେ ।

## 'ବିଶ୍ୱ ବରିଷ୍ଠ ନାଗରିକ ଅପବ୍ୟବହାର' ସମ୍ବନ୍ଧୀୟ ଆଇନ ସଚେତନତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆନୁକୂଲ୍ୟରେ ସଦର ବ୍ଲକ ଅନ୍ତର୍ଗତ ବନାଯୋଡିସ୍ଥିତ ଆନନ୍ଦାଶ୍ରମ ପରିସରରେ 'ବିଶ୍ୱ ବରିଷ୍ଠ ନାଗରିକ ଅପବ୍ୟବହାର' ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଇ. ବିଘ୍ନେଶ୍ୱର ରାଓ,ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଆଇଡିଏ ପ୍ରତିଷ୍ଠାତା ସେବତୀ ସିଂ ଯୋଗଦେଇ ବରିଷ୍ଠ ନାଗରିକମାନେ ପ୍ରକୃତ ପକ୍ଷେ ଦେଶର ସଂପଦ ଓ ସେମାନଙ୍କ ସୁରକ୍ଷା ତଥା ମର୍ଯ୍ୟାଦା ସହକାରେ ବଂଚିବାର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରାଇ ସେମାନଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ସେମାନଙ୍କର ବଂଶଧର ମାନଙ୍କ ପ୍ରତି ଥିବା ଦଣ୍ଡବିଧାନର ବିଭିନ୍ନ ଧାରା, ଉପଧାରା ଉପରେ ବର୍ଣ୍ଣନା କରି ସରକାରଙ୍କ ତରଫରୁ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ କିଭଳି ବୃଦ୍ଧାଶ୍ରମ ଖୋଲାଯାଇ ସେମାନଙ୍କର ସେବାଯତ୍ନ ସେଠାରେ କରାଯାଉଛି ତାହାର ବର୍ଣ୍ଣନା କରି ଆନନ୍ଦାଶ୍ରମ ପରିସରରେ ଥିବା ବୃଦ୍ଧ, ବୃଦ୍ଧା ଓ ଅସହାୟମାନଙ୍କ ଜୀବନଶୈଳୀ ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ପରିଶେଷରେ ଆଇଡିଏର ସଂପାଦକ ଚନ୍ଦ୍ରକାନ୍ତ ବରାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରାଧିକରଣ ଓ ଆଇଡିଏର କର୍ମକର୍ତ୍ତା ଏହି ଶିବିରକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଆନନ୍ଦାଶ୍ରମର ଅନ୍ତେବାସୀ ବୟୋଜ୍ୟେଷ୍ଠ ବୃଦ୍ଧ, ବୃଦ୍ଧା ମାନେ ଭାଗ ନେଇଥିଲେ ।

## ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ

ରାୟଗଡ଼, (ଭାସ୍କର ନ୍ୟୁଜ୍) : ରାୟଗଡ଼ ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଆନୁକୁଲ୍ୟରେ ଗୁରବାର ଦିନ ରାୟଗଡ଼, ବିଷମକଟକ ଓ ଗୁଣପୁର ବ୍ଲକରେ ଥିବା ତିନୋଟି ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ ବ୍ଲକର ହାଟ ଶେଷଖାଲ ଠାରେ ଅନୁଷ୍ଠିତ ମକ୍‌ଡ୍ରିଲରେ ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ବନ୍ୟା ଆଶ୍ରମ ସ୍ଥଳୀର ସଂପାଦକ ପି ସୁଧିର କୁମାର, ଜେମାଦେଇ ପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡ଼: ସୁନୀଳ ପ୍ରସାଦ ମହାପାତ୍ର, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଗୋପାଳ ପଣ୍ଡା ଓ ସ୍ମୃତିରକ୍ଷା ନାୟକ, ହାଟ ଶେଷଖାଲ ସରପଞ୍ଚ ଜେଟି କିଲାକା, ସମିତି ସଭ୍ୟ କ୍ରିଷ୍ଣା କଲକା, ନିର୍ବାହୀ ଅଧିକାରୀ ମନୋଜ ଜିଲାକାରା ସମେତ ଜଙ୍ଗଲ, ମହିଳା ଓ



ଶିଶୁ ବିକାଶରୁ ସୁପରଭାଇଜର ଏମ୍ ମାଙ୍ଗାମା, ଭାରଚ୍ୟୁ ଏନ୍‌ଜିଓରୁ ଜେ ପରମେଶ୍ୱର, ମିଶନ ଶକ୍ତି, ଶିକ୍ଷା, ପଞ୍ଚାୟତି ରାଜ, ଅଗ୍ନିଶମ, ରାଜସ୍ୱ ଆଦି ବିଭାଗୀୟ ଅଧିକାରୀ, ଶେଷଖାଲ ସମେତ ନିକଟସ୍ଥ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଓ ନିର୍ବାଚିତ ପ୍ରତିନିଧି, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଯୁବ ଗୋଷ୍ଠୀ, ମହିଳା ଓ ଜନସାଧାରଣ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାରଖାନା ଓ ବାଷ୍ପିତ୍ର ଉପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ବେହେରା ଅବଜେରଭର ରୂପେ ଯୋଗଦେଇଥିଲେ । ଏବିଡିଓ ଶ୍ରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବିଡିଓ ଶ୍ରୀ ମିଶ୍ର ଜିଲ୍ଲାସ୍ତରରୁ ପ୍ରାପ୍ତ ପାଣିପାଗ ସମ୍ପର୍କିତ ବାର୍ତ୍ତା ବିଷୟରେ ଅବଗତ କରାଇବା ସହ ବାତ୍ୟା ଆଶ୍ରୟସ୍ଥଳୀରେ ଉପଲବ୍ଧ ବ୍ୟବସ୍ଥା ବିଷୟରେ ଜଣାଇଥିଲେ । ଡ: ମହାପାତ୍ର ବନ୍ୟା, ବାତ୍ୟା ସମୟରେ କିପରି ଧନ, ସଂପଦ ସହ ନିଜର ଜୀବନ ସୁରକ୍ଷା ଓ ଯତ୍ନ କରିପାରିବା ତାହା କହିଥିଲେ । ଅଗ୍ନିଶମ ବିଭାଗ ବନ୍ୟା ପ୍ରପୀଡିତ ଅଞ୍ଚଳର ସ୍ଥିତି ଓ ସମାଜ ପାଇଁ ଭୂମିକା ବର୍ଣ୍ଣନା କରିଥିଲେ । ଶେଷରେ ଅଗ୍ନିଶମ ବାହିନୀ ବିଭିନ୍ନ ଯନ୍ତ୍ରପାତିର ଆବଶ୍ୟକ ସମୟରେ ବ୍ୟବହାର କୌଶଳ ପ୍ରଦର୍ଶନ କରିଥିଲେ । ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବିପର୍ଯ୍ୟୟର ପରିଚାଳନା ନିମନ୍ତେ ବୁଧବାର ଦିନ ଯୋଜନା ପ୍ରସ୍ତୁତି ଓ ଗୁରୁବାର ଦିନ କ୍ଷେତ୍ର ସ୍ତରୀୟ ଅଭ୍ୟାସ ଆକସ୍ମିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ପରିଚାଳନା ଅଧିକାରୀଙ୍କ ନିମନ୍ତେ ଅଧିକ ଉପାଦେୟ ହେବ ବୋଲି ବିଡିଓ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ସେହିପରି ବିଷମ କଟକ ବ୍ଲକ ଅନ୍ତର୍ଗତ କୁତ୍ରାଗଡ଼ ବାତ୍ୟା ଆଶ୍ରୟ ସ୍ଥଳୀରେ ବିଷମକଟକ ବିଡିଓ ଶିବ ପଟ୍ଟନାୟକ, ତହସିଲଦାର ଏ ଭେଙ୍କେଟ ରେଡ୍ଡୀ, ଓସ୍‌ଡମା ରାଜ୍ୟ ପ୍ରକଳ୍ପ ଅଧିକାରୀ ଡାକ୍ତର ସଂଗୀତ ଦାଶ, ଜିଲ୍ଲା ପ୍ରଦୋସ ରଞ୍ଜନ ପାତ୍ର, ଅଗ୍ନିଶମ ଅଧିକାରୀ କୈଳାଶ ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, କୁତ୍ରାଗଡ଼ ସରପଞ୍ଚ ଇଲାଇମାଇ ପାଡିକକ୍ଷକକ୍ଷ, ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ, ଜନସାଧାରଣ ଯୋଗଦାନ କରିଥିଲେ । ସେହିପରି ଗୁଣୁପୁର ବାତ୍ୟା ଆଶ୍ରୟ ସ୍ଥଳୀରେ ପୌର ନିର୍ବାହୀ ଅଧିକାରୀ ନେତୃତ୍ୱରେ ମିକଡ୍ରିଲ ଅନୁଷ୍ଠିତ ହୋଇଥିଲା ।



ମାଲକାନଗିରି (ଭାସ୍କର ନ୍ୟୁଜ) : ଜିଲ୍ଲାର ବିଭିନ୍ନ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବାଦିଲି, ଗିରକାନପଲ୍ଲି, ମୋଟୁ ଓ ଧୁଙ୍ଗିଆପୁଟ ଠାରେ ଚାରି ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଓସଡମା ରାଜ୍ୟ ଓବଜରଭର ଅରୁଣ କୁମାର ପ୍ରଧାନ ଓ ଜରୁରୀକାଳୀନ ଅଧିକାରୀ ପ୍ରଫୁଲ୍ଲ ବେହେରା ଗିରକାନପଲ୍ଲି ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ। ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ବିଡିଓ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଧୁଙ୍ଗିଆପୁଟ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ। ରାଜ୍ୟ ଓବଜରଭର, ଜିଲ୍ଲା ଶିକ୍ଷା ଅଧିକାରୀ, ତହସିଲଦାର ମାଲକାନଗିରି ବାଦିଲି ସ୍ଥିତ ଆଶ୍ରୟସ୍ଥଳୀ ଗସ୍ତ କରିଥିଲେ। ସେହିପରି କାଲିମେଲା ତହସିଲଦାର ମୋଟୁ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଗସ୍ତ କରି ଅଭ୍ୟାସ କାର୍ଯ୍ୟକ୍ରମ ଦେଖିଥିଲେ। ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ଲକ୍ଷ୍ୟ ରଖି ଧନ ଜୀବନ ସୁରକ୍ଷା ରଖିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ଅନ୍ୟ ମାନଙ୍କୁ ସୁରକ୍ଷା କରିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ବୃନ୍ଦ ବନ୍ୟା, ବାତ୍ୟା, ବଜ୍ରାଘାତ, ଭୂମିକମ୍ପ, ସର୍ପାଘାତ ପ୍ରାଥମିକ ଚିକିତ୍ସା ଉପରେ ଉପାଦେୟତା ତଥ୍ୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଇଥିଲେ। ବିଭିନ୍ନ ଗ୍ରାମର ବିପର୍ଯ୍ୟୟ ପରିଚାଳନା ପାଇଁ ସତର୍କ ସୂଚନା, ଉଦ୍ଧାରକାରୀ ଦଳ, କ୍ଷୟକ୍ଷତି ଆକଳନ, ରିଲିଫ୍ ଥଇଥାନ ଆଦି ଦଳ ଗଠନ କରିବା ସହିତ ବିପର୍ଯ୍ୟୟ ସମୟରେ ସରକାରୀ କର୍ମଚାରୀଙ୍କ ସହିତ ସହଯୋଗ କରି ଜନସାଧାରଣଙ୍କୁ ସାହାଯ୍ୟ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଓଡ୍ରାଫ୍ ଓ ଅଗ୍ନିଶମ ଦଳଙ୍କ ତତ୍ତ୍ୱାବଧାନରେ ଏହି ମକ୍ ଡ୍ରିଲ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଗଛକୁ ପିଟିଲା ଆମ୍ବୁଲାନ୍ସ

ବାରିପଦା (ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ଜିଲ୍ଲା ୧୮ ନମ୍ବର ଜାତୀୟ ରାଜପଥରେ ଥିବା ଅସନଯୋଡ଼ା ନିକଟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ସ୍ଥାନୀୟ ସୂଚନା ଅନୁସାରେ, ଏକ ସ୍କୁଟି ହଠାତ୍ ଆମ୍ବୁଲାନ୍ସ ସାମ୍ନାକୁ ଆସିଯାଇଥିଲା। ସ୍କୁଟିକୁ ସୁରକ୍ଷା ଦେବାକୁ ଚେଷ୍ଟା କରିବା ସମୟରେ ଆମ୍ବୁଲାନ୍ସ ଚାଳକ ଭାରସାମ୍ୟ ହରାଇ ଗଛକୁ ଧକ୍କା ମାରିଥିଲେ। ଘଟଣାସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ଆମ୍ବୁଲାନ୍ସର ହେଲପରଙ୍କ ଗୋଡ଼ ଚାପି ହୋଇଯାଇଥିଲା। ସୂଚନା ପାଇ ପହଞ୍ଚିଥିବା ଅଗ୍ନିଶମ ବିଭାଗ ଦଳ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅନେକ ପରିଶ୍ରମ ଓ ଚେଷ୍ଟା ପରେ ହେଲପରଙ୍କୁ ଉଦ୍ଧାର କରି ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



## ଡାଇରିଆ ସଚେତନତା ଓ ଔଷଧ ବିତରଣ କାର୍ଯ୍ୟକ୍ରମ




କାଳିଆପାଣି (ଭାସ୍କର ନ୍ୟୁଜ) : କାଳିଆପାଣି ଖଣିଅଞ୍ଚଳରେ କ୍ରୋମ ଉତ୍ତୋଳନ କରୁଥିବା ବାଲେଶ୍ୱର ଆଲଏଜ କମ୍ପାନି ପକ୍ଷରୁ ରାଜ୍ୟରେ ଦ୍ରୁତଗତିରେ ମାଡିଚାଲିଥିବା ଡାଇରିଆକୁ ଖଣି ଅଞ୍ଚଳରେ ରୋକିବା ପାଇଁ ଶୁକ୍ରବାର ଦିନ କାଳିଆପାଣି ପଞ୍ଚାୟତ ବିର୍ସାନଗର କମ୍ୟୁନିଟି ହଲ ଠାରେ ଏକ ସଚେତନତା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିର୍ସାନଗର ଓ ଆଖପାଖ ଅଞ୍ଚଳର ବହୁ ମହିଳାଙ୍କ ସମେତ ଛୋଟ ପିଲା କାର୍ଯ୍ୟକ୍ରରେ ଉପସ୍ଥିତ ରହି ଔଷଧ ନେଉଥିବା ଦେଖିବାକୁ ମିଳିଥିଲା। ନିୟମିତ ଶୁଦ୍ଧ ପାଣି ପିଇବା, ବାସି ଖାଦ୍ୟ ନଖାଇବା ସହ ଝାଡା ବାନ୍ତି ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରିବାକୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହନହାଗା, କମ୍ପାନିର ମୁଖ୍ୟ ମାନବ ସମ୍ବଳ ଅଧିକାରି ଗୁରୁପ୍ରିତି ସିଂ, ମାନବ ସମ୍ବଳ ପରିଚାଳକ ରଞ୍ଜିତ ବିଶ୍ୱାଳ, ମାଇନ୍ସ ମୁଖ୍ୟ ଗିରିଜା ବିଶ୍ୱାଳ, ଯୁବ ସମାଜସେବୀ ଆଶିଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। କମ୍ପାନିର ସଂଯୋଜିକା ଶ୍ରୀଦେବୀ ଏ ଓ ଫାର୍ମାସିଷ୍ଟ ତୋଲେଶ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଓଆର୍‌ଏସ୍ ଏବଂ ଡାଇରିଆ ଔଷଧ ପ୍ରଦାନ କରିଥିଲେ। ଖଣି ଅଞ୍ଚଳରେ ବାଲେଶ୍ୱର ଆଲଏଜ ସଚେତନ ଓ ଔଷଧ ବିତରଣ କରିଥିବାରୁ ଜନସାଧାରଣ ସାଧୁବାଦ ଜଣାଇଛନ୍ତି ।

## ବାଲିପୋଖରୀ-ଦଳିତ ସାହି ରାସ୍ତା ବିପର୍ଯ୍ୟସ୍ତ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ) : ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଦଳିତସାହିକୁ ସଂଯୋଗକାରୀ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ସାହିବାସିନ୍ଦାମାନେ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ସାହିକୁ ଗମନାଗମ ପାଇଁ ଏହା ଏକମାତ୍ର ରାସ୍ତା ଅଟେ। ଏହି ରାସ୍ତାରେ ୧୦ ବର୍ଷ ପୂର୍ବେ ପଞ୍ଚାୟତ ତରଫରୁ ନାମମାତ୍ର ମୋରମ ବିଛାଣ ହୋଇଥିଲା। ଏହାପରେ ରାସ୍ତା ମରାମତି କିମ୍ବା ପୁନଃ ନିର୍ମାଣ ହୋଇନାହିଁ। ରାସ୍ତାର ଦୁରାବସ୍ଥା ପାଇଁ ସାହିକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଯାନ ଯାତାୟତ କରିପାରୁ ନାହିଁ। ବୟସ୍କ ବ୍ୟକ୍ତି, ରୋଗାକ୍ରାନ୍ତ ବ୍ୟକ୍ତି, ବିଦ୍ୟାଳୟକୁ ଯାତାୟତ ପାଇଁ ଛାତ୍ରଛାତ୍ରୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ପ୍ରତିଷ୍ଠିତ ବିଦ୍ୟାଳୟକୁ ଛାତ୍ର ଅଭାବ ଦର୍ଶାଇ ବନ୍ଦ କରି ଦିଆଯାଇଛି। ତେଣୁ ସାହିର ପିଲାମାନେ ଦୂର ବିଦ୍ୟାଳୟକୁ ପାଠ ପଢିବାକୁ ଯାତାୟତ କରୁଛନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟତ କରିବା କଷ୍ଟସାଧ୍ୟ ହୋଇଛି। ସାହିବାସୀ ରାସ୍ତାକୁ କଂକ୍ରିଟକରଣ କରିବାକୁ ଦାବି କରିଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଅର୍ଥ ଯୋଗାଇବାକୁ ବ୍ଲକ ପ୍ରଶାସନକୁ ବାରମ୍ବାର ପଞ୍ଚାୟତ ପକ୍ଷରୁ ଅନୁରୋଧ କରାଯାଇଥିଲେ ବି ଅର୍ଥ ମିଳିପାରୁ ନଥିବାରୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ ବୋଲି ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ମତପ୍ରକାଶ କରିଛନ୍ତି।

## ଶତାୟୁ ମହିଳା ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଜପୁର (କେରେଣ୍ଡିପାଳ) ଗ୍ରାମରେ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ସୁରେନ୍ଦ୍ର କୁମାର ମାଣିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭକ୍ତ ଜୟଦେବବଂଶ, ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, କମିଟି ସମ୍ପାଦକ ଧୀରେନ୍ଦ୍ର ଡାକୁଆ, ଡ. ରାମଚନ୍ଦ୍ର ବେହେରା, କ୍ଷେତ୍ରମୋହନ ଗିରି, ତାପସ କୁମାର ଦାସ, ହରକିଶୋର ଡାକୁଆ, କୃଷ୍ଣଚନ୍ଦ୍ର ଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଆଚାର୍ଯ୍ୟା ସୁଶ୍ରୀ ପ୍ରିତି ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଯୋଗ ଦେଇ ପ୍ରାଚୀନ ସଂସ୍କୃତି ଓ ମା' ମଙ୍ଗଳାଙ୍କ ଜନ୍ମ ଇତିହାସ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂସ୍କୃତିକୁ ସମ୍ମାନ ଦେବା ସହିତ ତାକୁ ଜୀବିତ ରଖିବା ଉଚିତ ବୋଲି ମଞ୍ଚାସୀନ ଅତିଥି ବକ୍ତବ୍ୟ ରଖିଥିଲେ। ଗ୍ରାମର ଶତାୟୁ (୧୦୧) ମହିଳା ମଣି ଦେଇଙ୍କୁ ସାଲ୍, ପୁଷ୍ପଗୁଚ୍ଛ ଗ୍ରାମର ବରିଷ୍ଠ ନାଗରିକ ଓ ବିଗତ ତିନିବର୍ଷ ମଧ୍ୟରେ ଶତକଡ଼ା (୭୦)ରୁ ଊର୍ଦ୍ଧ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଏବଂ ନବୋଦୟ, ଆଦର୍ଶ ବିଦ୍ୟାଳୟ ଓ ସରକାରୀ ବୃତ୍ତି ପାଇଁ ମନୋନୀତ ହୋଇ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମହାନ ପର୍ବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ପ୍ରମୋଦ କିଶୋର ପୃଷ୍ଟି ଯୋଗ ଦେଇଥିଲେ। ଉତ୍ସବକୁ ସୁଶ୍ରୀ ସୁମନ ସରିତା ମାଣିକ, ଦିବ୍ୟା ଦିବ୍ୟଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ।

## ଉପନିର୍ବାଚନ ପାଇଁ ବାଟ ଖୋଲିଲା

ଚାନ୍ଦବାଲି (ଭାସ୍କର ନ୍ୟୁଜ): ଚାନ୍ଦବାଲି ବ୍ଲକର ନଳଗୋହିରା ପଞ୍ଚାୟତର ସରପଞ୍ଚ ଚଞ୍ଚଳା ଦାସଙ୍କର ମୃତ୍ୟୁ ପରେ ଚାନ୍ଦବାଲିରେ ୧ଟି ସରପଞ୍ଚ ପଦ ଖାଲି ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚାନ୍ଦବାଲି ବ୍ଲକରେ ୨୨ଟି ୱାର୍ଡମେମ୍ବର ପଦ ଖାଲି ଥିବାରୁ ଏଥିପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତି କରିଥିଲା। ତେବେ ବର୍ଷାଦିନ ପାଇଁ ଉପନିର୍ବାଚନ ପ୍ରକ୍ରିୟା ଅଟକି ଯାଇଛି। ମୌସୁମି ଯିବା ପରେ ନଭେମ୍ବର ମାସରେ ନିର୍ବାଚନ ହେବ ବୋଲି ଧାର୍ଯ୍ୟ ହୋଇଥିଲା । ସେହିପରି ଚାନ୍ଦବାଲି ବ୍ଲକରେ ଆରଡ଼ି, ବାଂଶଡ଼ା, ବଜରାପୁର, ଭୂଇଁବୃତ୍ତି, ଚରଦିଆ, ଧାମରା, ଦୌସିଙ୍ଗା, ଜାଗୁଳା, ଜଳେଶ୍ୱରପୁର, କରଞ୍ଜମାଳ, କରଣପଲ୍ଲୀ, ମତୋ, ଓଳଗ, ଓରାସାହି, ସୁନ୍ଦରପୁର, ତୋଗପଡ଼ା, ମୌସୁଦା, ନଳଗୋହିରା, ଗୋପିନାଥପୁର, ମହୁଲିଆ ଏବଂ ନାଳଗୁଣ୍ଡା ପଞ୍ଚାୟତରେ ମୋଟ ୨୨ଟି ୱାର୍ଡ଼ମେମ୍ବର ପଦବି ଖାଲି ପଡ଼ିଛି। କଥା ହେଉଛି ନୂଆ ସରକାର ଧାର୍ଯ୍ୟ ସମୟରେ ନିର୍ବାଚନ କରିବେ, ନା ବିଳମ୍ବ କରିବେ ସେ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆମେରିକାରେ ଓଡ଼ିଆ ଝିଅ ନିରଜାଙ୍କ ସଫଳତା



ଫୁଲନଖରା(ଭାସ୍କର ନ୍ୟୁଜ) : ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ ଫ୍ରିସ୍କୋ ଆଇଏସ୍‌ଡି ସ୍କୁଲ ଅଷ୍ଟମ ଶ୍ରେଣୀର ଛାତ୍ରୀ ମେଧା ପ୍ରତିଭା ନିରଜା ସାହୁ ସୁଦୂର ଆମେରିକାରେ ପାଳିତ ହେଉଥିବା ଓଡିଶାର ଗଣପର୍ବ ରଜ ମହୋତ୍ସବ - ୨୦୨୫ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇ ଆମ ରାଜ୍ୟ ଓଡ଼ିଶା ପାଇଁ ଗୌରବ ଆଣି ପାରିଛନ୍ତି। ଡ଼ଲାସ, ଟେକ୍ସାସ ଆମେରିକା ନିବାସୀ ମାତା ଧର୍ମପ୍ରାଣା ରୀନା ସାହୁ ଓ ପିତା ସମାଜସେବୀ ସତ୍ୟନାରାୟଣ ସାହୁଙ୍କ ନିରଜା ସୁକନ୍ୟା ଅଟନ୍ତି। ସୂଚନାଯୋଗ୍ୟ କଟକ ଜିଲ୍ଲା ତିଗିରିଆ ଥାନା ଉପକଣ୍ଠ ପାଞ୍ଚଗାଁର ସେ ମୂଳ ବାସିନ୍ଦା ଅଟନ୍ତି। ତାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯିବା ସହ ଉତ୍ତରୋତ୍ତର କାମନା କରଯାଇଛି।

## ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ପାରାଦୀପ (ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ଯୋଗ ଦିବସର 'ହରିତ ଯୋଗ' ଅଂଶ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମାଉସୀ ମା' ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ଗୋଲଡେନ ଜୁବିଲି ପାର୍କ ଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ମାଉସୀ ମା' ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱକୁ ଅଧିକ ମନୋରମ, ଆକର୍ଷଣୀୟ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ସେଠାରେ ଗଦା ହୋଇଥିବା ଅଳିଆ ଓ ଆବର୍ଜନାକୁ ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କ ସମେତ ବନ୍ଦର କର୍ମଚାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରମୁଖ ଏହି ସ୍ୱଚ୍ଛତା ଓ ଚାରାରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ପାରାଦୀପ ବନ୍ଦରର ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ଏବଂ ଆର୍ଟ ଅଫ୍ ଲିଭିଙ୍ଗ ମିଳିତ ସହଯୋଗରେ ସ୍ଥାନୀୟ ଅଫିସର୍ସ କ୍ଲବ ଠାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନାଥାଉ କି, ଜୁନ ୨୧ ତାରିଖ ଶନିବାର ଦିନ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଏକ ବୃହତ ଯୋଗ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଅଂଶଗ୍ରହଣ କରିବା ନେଇ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବ୍ୟାପୁଛି ଡାଇରିଆ

## ବିଦ୍ୟାଳୟକୁ ଯାଇ ସଚେତନ କଲେ ସରପଞ୍ଚ



ରଘୁନାଥପୁର (ଭାସ୍କର ନ୍ୟୁଜ): ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରଜଛୁଟି ପରେ ସ୍କୁଲ ଖୋଲିଥିବାରୁ ରଘୁନାଥପୁର ବ୍ଲକ ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ ପଞ୍ଚାୟତରେ ଥିବା ବିଭିନ୍ନ ସ୍କୁଲକୁ ଯାଇ ଏନେଇ ସଚେତନ କରିଛନ୍ତି। ପ୍ରତି ବିଦ୍ୟାଳୟ ପରିବେଶରେ ପରିଷ୍କାର ପରିଛନ୍ନତା, ପିଇବା ପାଇଁ ଥିବା ପାଣିଟାଙ୍କି, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ପାକଶାଳା, ଶୌଚାଳୟ ଓ ଡଷ୍ଟବିନ୍ କୁଣ୍ଡକୁ ତଦାରଖ କରିବା ସହ ଏ ସମ୍ପର୍କରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ନିୟମିତ ଭାବେ ବ୍ଲିଚିଂ ବ୍ୟବହାର ଓ ପିଲାମାନେ ଖାଇବା ପୂର୍ବରୁ ଯେପରି ଭଲଭାବେ ହାତ ସଫା କରି ଖାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଖାଦ୍ୟ ପ୍ରସ୍ତୁତି ଓ ପିଇବା ପାଇଁ ବିଶୁଦ୍ଧ ଜଳ ବ୍ୟବହାର କରିବା ନିମନ୍ତେ ସରପଞ୍ଚ ନାୟକ ସତର୍କ କରିଥିଲେ। ବର୍ଷାଋତୁରେ ବର୍ଷା ଜାରି ରହିଥିବାରୁ ଯଥାସମ୍ଭବ ଭୋଜିଭାତରୁ ଦୂରେଇ ରହିବା ଓ ଅପରିଷ୍କାର ସ୍ଥାନରେ ବସି ନଖାଇବା ପାଇଁ କୋମଳମତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଗରାଦେଇପୁରରେ ରଜ ମହୋତ୍ସବ ଉଦ୍‌ଯାପିତ

ଏରସମା (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଗରାଦେଇପୁର ଗ୍ରାମରେ ବଜରଙ୍ଗୀ ଯୁବକ ସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଗଣେଷ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଦିନକୁ ଦିନ ପୁରୁଣା ସଂସ୍କୃତି, ପରମ୍ପରା ଓ ଭାଇଚାରା ଲୋପ ପାଇବାକୁ ବସୁଥିବା ବେଳେ ଗରାଦେଇପୁର ଗ୍ରାମବାସୀ ଓ ଯୁବକ ସଂଘ ଏକତ୍ରିକ ହେବା ସହିତ ଆଜିର ଯୁବପିଢ଼ି ମାନଙ୍କୁ ଏକତ୍ରିତ କରି ଏହି ମହୋତ୍ସବକୁ ମିଳିମିଶି ଆନନ୍ଦ ଉଲ୍ଲାସର ସହିତ ପ୍ରତିବର୍ଷ ଗ୍ରାମରେ ରଜ ମହୋତ୍ସବ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ତତ୍ ସହିତ ଅନୁଷ୍ଠାନ ଦୀର୍ଘଜୀବୀ ହେଉ ଏବଂ ମୋର ଏ ଗ୍ରାମ ପ୍ରତି ଭଲପାଇବା ଅଛି ଏବଂ ଆପଣଙ୍କ ସବୁ ସୁବିଧା ଓ ଅସୁବିଧାରେ ଆମେ ଆପଣମାନଙ୍କ ସହିତ ଅଛୁ। ସମସ୍ତେ ଏକାଠି ହୋଇ ବିକାଶ ପଥରେ ଆଗେଇ ଚାଲିବା ପାଇଁ ବିଧାୟକ ଶ୍ରୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ କୃଷ୍ଣଚନ୍ଦ୍ରପୁର ସମବାୟ ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ସମିତି ସଭ୍ୟାଙ୍କ ପ୍ରତିନିଧି ବିଭୁ ରଞ୍ଜନ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପ୍ରଧାନ, ୱାର୍ଡ ସଭ୍ୟ ବିଜୟ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଅରକ୍ଷୀତ ସ୍ୱାଇଁ, ସମ୍ପାଦକ ପାରେଶ୍ୱର ରାଉତ, ନରେଶ ସାହୁ, ସଞ୍ଜୟ ନାୟକ, ଦିଲ୍ଲୀପ ସ୍ୱାଇଁ, ଭାଗବତ ସ୍ୱାଇଁ, ରଞ୍ଜନ ନାୟକ, ମହେଶ୍ୱର ସ୍ୱାଇଁ, ପ୍ରସନ୍ନ ରାଉତ, ପ୍ରକାଶ ସ୍ୱାଇଁ, ବିକ୍ରମ ରାଉତ, ସୁଜିତ୍ ସ୍ୱାଇଁ, ରଞ୍ଜନ ସାହୁ, ନନ୍ଦି ସ୍ୱାଇଁ, ପରେଶ ସାହୁ, ଫିଲୁ ସ୍ୱାଇଁ, ଧରଣୀ ଲେଙ୍କା, ମାନସ ସ୍ୱାଇଁ, ସନ୍ତୋଷ ଦାସ, ବିକାଶ ସ୍ୱାଇଁ, ଦିପକ ନାୟକ, ଶ୍ରୀଧର ସାହୁ, ସୁଶାନ୍ତ ରାଉତ, ଲିଟୁ ସ୍ୱାଇଁ,ବାସୁଦେବ ପ୍ରଧାନ, ବାପି ରାଉତ, ତପନ ସ୍ୱାଇଁ, ଉପେନ୍ଦ୍ର ସାହୁ, ଲିଟୁନା ସ୍ୱାଇଁ, ବିକ୍ରମ ସ୍ୱାଇଁ, ଚନ୍ଦ୍ରଶେଖର ସେଠୀ, ଗଙ୍ଗାଧର ସ୍ୱାଇଁ ପ୍ରମୁଖଙ୍କ ସମେତ ଯୁବକ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



### ବିକାଶ ବାହନ ପରିକ୍ରମା କାର୍ଯ୍ୟକ୍ରମ

## ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ



ଜଳେଶ୍ୱର (ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ୧ ବର୍ଷର ବିକାଶମୂଳକ କାର୍ଯ୍ୟକୁ ଜନଗଣଙ୍କ ନିକଟରେ ପହଞ୍ଚାଇବାର ପଦକ୍ଷେପ ସ୍ୱରୂପ ବିକାଶରଥ ପରିକ୍ରମା ହେବା ଅବସରରେ ସୁଗୋ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ପରିଝା ୨୧ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ବିଶେଷ କରି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଜଳେଶ୍ୱର ବ୍ଲକ ଦାୟିତ୍ୱରେ ଥିବା ଅତିରିକ୍ତ ଶ୍ରମ ଅଧିକାରିଣୀ ଶିବାଙ୍ଗୀ ହେମ୍ବରମ ଶ୍ରମିକମାନଙ୍କୁ ଚିହ୍ନଟ କରି ପରିଚୟପତ୍ର ଦେବାରେ ବିଶେଷ ଭୂମିକାକୁ ସର୍ବସାଧାରଣରେ ପ୍ରଶଂସା କରାଯିବା ସହିତ ସରକାରଙ୍କ ଦୃଷ୍ଟିଭଙ୍ଗୀକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର ନେତା ପଲଟୁ ଦାସ, ଚନ୍ଦନ କମିଳା, ସୁଶାନ୍ତ ରାଉତ, ତପନ ପ୍ରମାଣିକ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିବା ସହିତ ସହଯୋଗ କରିଥିଲେ। ସୁଗୋ ଗ୍ରାମ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ପରିଡା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଛଟେଇ ପ୍ରତିବାଦରେ ଶ୍ରମିକଙ୍କ ଧାରଣା

ପାରାଦୀପ (ଭାସ୍କର ନ୍ୟୁଜ) : ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍ (ପିପିଏଲ)ରେ ଆଜକୁ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ କେମିକାଲ ବିଭାଗରେ କାମ କରୁଥିବା ୧୯ଜଣ ସ୍ଥାନୀୟ ଶ୍ରମିକଙ୍କୁ ପ୍ରାୟ ତିନିମାସ ହେବ କାର୍ଯ୍ୟରୁ ଅନ୍ତର କରାଯାଇଛି। ଶ୍ରମିକମାନେ ବାରମ୍ବାର ପିପିଏଲ କର୍ତ୍ତୃପକ୍ଷ ଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡ଼ିଏମ)ଙ୍କୁ ଗୁହାରି କଲା ପରେ ବି ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ଶ୍ରମିକ ମାନେ ମାସିକ ୧୦ ରୁ ୧୨ ହଜାର ଟଙ୍କାରେ ଦୀର୍ଘ ବର୍ଷ ହେବ କାମ କରିଆସୁଛନ୍ତି। ସେଥିରେ ଶ୍ରମିକଙ୍କ ଗୁଜୁରାଣ ମେଣ୍ଟିବା ବହୁତ କଷ୍ଟ ହେଲେ ମଧ୍ୟ ସେମାନେ ଦୀର୍ଘ ବର୍ଷ ହେବ କାମ କରିଆସୁଥିଲେ। ଶ୍ରମିକଙ୍କ କହିବା ଅନୁଯାୟୀ ସେମାନେ ପିପିଏଲ୍‌ର କାମକୁ ଶୁଭମ ଏଣ୍ଟରପ୍ରାଇଜେସ ଦ୍ୱାରା କାର୍ଯ୍ୟ କରିଆସୁଥିଲେ। ଗତ ତିନିମାସ ତଳେ ପିପିଏଲ କର୍ତ୍ତୃପକ୍ଷ ଶୁଭମ ଏଣ୍ଟରପ୍ରାଇଜେସକୁ ହଟାଇ ଦେଲେ। ତା'ବଦଳରେ ଆଉ ଏକ ନୂଆ କଣ୍ଟ୍ରାକ୍ଟର ଦ୍ୱାରା ଶ୍ରମିକମାନଙ୍କୁ କାମରେ ଲଗାଇବା କଥା। କିନ୍ତୁ ପିପିଏଲ କର୍ତ୍ତୃପକ୍ଷ ଜାଣିଶୁଣି ନୂଆ କଣ୍ଟ୍ରାକ୍ଟର ନିଯୁକ୍ତି ନକରି ସମୟ ପରେ ସମୟ ଗଡ଼ାଇ ଚାଲିଛନ୍ତି । ଅନ୍ୟପଟେ ନୂତନ ଶ୍ରମିକଙ୍କୁ ଆଣି ସେହି କାମକୁ ଚାଲୁ ରଖିଛନ୍ତି। ଯାହାଦ୍ୱାରା ଶ୍ରମିକମାନେ ଦୌଡ଼ି ଦୌଡ଼ି ନିରାଶ ହେଲା ପରେ ବାଧହୋଇ ଶୁକ୍ରବାର ସକାଳୁ ପାରାଦୀପ ଏଡ଼ିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣରେ ବସିଛନ୍ତି।



## ରାଶିଫଳ

ଶନିବାର, ୨୧ ଜୁନ୍ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ଘରୋଇ ଜୀବନ ପ୍ରତି ଧ୍ୟାନ ଦେବେ ଏବଂ କିଛି ବଡ ଖର୍ଚ୍ଚ ମଧ୍ୟ ହୋଇପାରେ।



**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ।



**ମିଥୁନ:** ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଦିନଟି ଭଲ।



**ମୀନ:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



ଜ୍ୟୋତିଷ ପ୍ରଶ୍ନ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ସଭାଗୃହ ଠାରେ ବ୍ଲକ ଓ ପୌର ପରିଷଦରର ମିଳିତ ଆନୁକୂଲ୍ୟରେ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିପିଓ ପାଣ୍ଡିଆ ପାପୁଲୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ କିଭଳି ପରିସ୍ଥିତିର ମୁକାବିଲା କରାଯିବ, ଗର୍ଭବତୀ ଏବଂ ଶିଶୁଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ନେଇ ସେମାନଙ୍କର ସଠିକ ଯତ୍ନ ନିଆଯାଇ ପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ମେଘବାନ ବାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ପୌର ପରିଷଦ ପକ୍ଷରୁ ଡମ୍ବରୁଧର ମାଝୀ ଓ ସମସ୍ତ ସରକାରୀ ବିଭାଗର ଅଧିକାରୀମାନେ ଓ ଉମରକୋଟ ପୌର ପରିଷଦ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିପିଓ ପାଣ୍ଡିଆ ପାପୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଙ୍କ ହସ୍ତକ୍ଷେପ ପରେ ମଣ୍ଡିରୁ ଉଠିଲା ଧାନ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ମଣ୍ଡିରେ ଖଡ଼ିଆଳ, ଡୁଆଝର, ବରଗାଁ, ତୁକଳା, ସାନ ମହେଶ, ଭୋଜପୁର, ଅରେଡା, ଖୁଦପେଜ, ପାଞ୍ଚ ଶହରୁ ଅଧିକ ଚାଷୀଙ୍କ ୫୦ ହଜାରରୁ ଅଧିକ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଖଡ଼ିଆଳ କଂଗ୍ରେସ ଓ ଚାଷୀଙ୍କ ପକ୍ଷରୁ ଖଡ଼ିଆଳ ନୂଆପଡା ୩୫୩ ଜାତୀୟ ରାଜପଥ ସାନ ମହେଶ୍ୱର ଠାରେ ଅବରୋଧ କରାଯାଇଥିଲା। ସାନ ମହେଶ୍ୱର ଗ୍ରାମ ପଞ୍ଚାୟତର ମୋଟ ୩୪୨ ଜଣ ଚାଷୀ ଧାନ ବିକ୍ରି ପା ଇଁ ପଞ୍ଜୀକୃତ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୧୯୫ ଜଣ ଚାଷୀଙ୍କ ୧୧,୧୦୬ କ୍ୱିଣ୍ଟାଲ ଧାନ କିଣାଯାଇଛି। ବର୍ତ୍ତମାନ ୧୦୫ ଜଣ ଚାଷୀଙ୍କ ୧୪,୪୦୦ ବସ୍ତା ଧାନ କିଛିଦିନ ହେବ ଖୋଲା ଆକାଶତଳେ ପଡ଼ି ରହିଥିବାବେଳେ ମିଲର୍ସ ଆସୁ ନଥିବାରୁ ଧାନ ଉଠୁନି। ଅନ୍ୟ ପକ୍ଷରେ ବୁଧବାର ରାତ୍ରିରେ ଓ ଗୁରୁବାର ଦିନ ତମାମ ବର୍ଷାରେ ମଣ୍ଡିରେ ପଡିଥିବା ଚାଷୀଙ୍କ ଧାନ ଭିଜିବାକୁ ଲାଗିଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବର୍ଷା ଲାଗି ରହିଥିବାରୁ ଧାନ ଗଜା ହେବାର ସମ୍ଭାବନା ରହିଛି। ଧାନ ଉଠାଇବାକୁ ବାରମ୍ବାର ଦାବି କଲେ ମଧ କେହି ଶୁଣୁ ନାହାନ୍ତି। ଏନେଇ ଗୁରୁବାର ଚାଷୀମାନେ ଉତ୍ତେଜିତ ହୋଇ ଖଡ଼ିଆଳ ନୂଆପଡ଼ା ୩୫୩ ଜାତୀୟ ରାଜପଥ ସାନ ମହେଶ୍ୱର ଠାରେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚଳିତ ବର୍ଷ ରବିଧାନ ଅମଳ ସମୟରେ ଚାଷୀ ମାନେ ବହୁତ ହଇରାଣ ହୋଇଥିଲେ। ଅମଳ ସମୟରେ ବର୍ଷା ହେବାରୁ ପାଣି ଭିତରୁ ଧାନ କାଟିଛନ୍ତି ଚାଷୀ। ଅନେକଙ୍କ ଧାନ ନଷ୍ଟ ହୋଇଯାଇଛି ଓ ଯେତେ ଅମଳ ହେବା କଥା ତାହାର ଅଧା ପାଇଛନ୍ତି। ଏହି ପରିସ୍ଥିତିରେ ମଣ୍ଡିରେ ପୁଣି ଧାନବସ୍ତା ବର୍ଷାରେ ଭିଜିଲେ ବିକ୍ରି ସମୟରେ କଟନି ଛଟନି ହେବ। ତେଣୁ ଶୀଘ୍ର ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି। ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳଚରଣ ତାଣ୍ଡି ଓ ଚାଷୀ ରାଜେନ୍ଦ୍ର ମହାପାତ୍ର, ନଭେମ୍ବର ବେହେରା, ଟଙ୍କଧର ଶବର ରାସ୍ତା ଅବରୋଧ କରିଥିବାବେଳେ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ ସାହୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହିତ କଥା ହୋଇ ତିନୋଟି ଟ୍ରକ ଯୋଗେ ଧାନ ଉଠାଇବା ସହିତ ଆଗାମୀ ଧାନ ବିକ୍ରି ପାଇଁ ଟୋକନ ଚାଷୀଙ୍କୁ ଯୋଗାଇ ଦେବା ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

# ବିକାଶ ମେଳାରେ ୯୭ ଲକ୍ଷ ଟଙ୍କାର ବ୍ୟବସାୟ କଲେ ଏସ୍ଏଚ୍ଜି

କୋରାପୁଟ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ପୋଲିସ ପଡିଆ ଠାରେ ଗତ ୭ଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏସ୍ଏଚ୍ଜି ୯୭ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବାବେଳେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ପ୍ରଥମ ଦିନରେ ବିଧାୟକ ରଘୁରାମ ମାଛ ଏହାକୁ ଉଦ୍‌ଘାଟନ କରିଥିଲେ। ୧୬ତାରିଖ ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଭି. କିର୍ତ୍ତୀଭାସନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ନୀହାର ରଞ୍ଜନ ଦାସ, କୋରାପୁଟ ଏସ୍‌ପି ରୋହିତ ବର୍ମା , ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଓ ଦେବୀ ପ୍ରସାଦ ମହାନ୍ତି, ବ୍ଲକ ଅଧକ୍ଷା ନମିତା ମାଝି, ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧକ୍ଷ ରାଜେନ୍ଦ୍ର



ପାତ୍ର, ସିଡିଓ ବେଣୁଧର ଶବର, ଓରମାସ କାର୍ଯ୍ୟନିର୍ବାହୀ ଅଧିକାରୀ ରୋସନ କାର୍ତ୍ତିକ ପ୍ରମୁଖ ଯୋଗ ଦେଇଥିଲେ। ଓରମାସ ପକ୍ଷରୁ ୭୦ ଷ୍ଟଲ କରାଯାଇଥିବା ବେଳେ ୯୭ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି ଉତ୍ପାଦକ ସଂଗଠନ ଗୁଡିକ ଉପକୃତ ହୋଇଥିଲେ। ଏଥିସହ ସୁଭଦ୍ରା ପାରମ୍ପରିକ ଖାଦ୍ୟମେଳା ଆୟୋଜନ କରାଯାଇଥିଲା। ଯେଉଁଥିରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯିବା ସହ ବିକ୍ରି ହୋଇଥିଲା। ବିକାଶ ମେଳା ସମୟରେ ରଜ ଥିବା ବେଳେ ମେଳାରେ ଦୋଳି ଖେଳ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହରବାସୀ ଉପଭୋଗ କରିଥିଲେ।

# କୃଷିଭିତ୍ତିକ ବିକାଶ ଓ ଗବେଷଣାକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

କୁଚିଣ୍ଡା (ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସମ୍ବଲପୁର ଚିପିଲିମାରେ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି କଲେଜ ଗୁଡ଼ିକ ହେଉଛି ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଏବଂ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅପାର



ସମ୍ଭାବନା ରହିଛି। ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଏବଂ କୃଷି-ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ ଆମେ ଏଠାରେ ଇଚ୍ଛାନୁସାରେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ। ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଏବଂ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି-ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ଆମର ପ୍ରାଥମିକତା ହେବା ଆବଶ୍ୟକ। ଏଥିପାଇଁ ସମ୍ବଲପୁରର ଚିପଲିମାରେ ମୁଖ୍ୟମନ୍ତ୍ରୀଙ୍କୁ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ।ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମା ଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ପାଖରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି। ଏହା ସହିତ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ଅଛି, ଯାହାକୁ ଏହି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରିବ। ତେଣୁ ଏହି ପ୍ରସ୍ତାବିତ ପ୍ରତିଷ୍ଠାନଗୁଡ଼ିକ ଏଠାରେ ଅବସ୍ଥାପିତ ହୋଇପାରିବ। ପ୍ରସ୍ତାବିତ ଏହି କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ୍ୟ ସୁନିଶ୍ଚିତ ହେବ। କୃଷି ସାମଗ୍ରୀ ବୃଦ୍ଧି ସହ ବଜାର ସଂଯୋଗକୁ ଉନ୍ନତ କରିବ ତଥା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ। କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଗ୍ରାମୀଣ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ବିଷୟକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକର ଅନୁମୋଦନ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ୨୩ ଲକ୍ଷ ଟଙ୍କା ହଡ଼ପ୍ ଘଟଣାରେ ୧୧ ଗିରଫ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ଜଳ ଛାୟା ପ୍ରକଳ୍ପର ଉମରକୋଟ ସହର ଠାରେ ଥିବା ୟୁନିୟନ ବ୍ୟାଙ୍କ ଶାଖା ରୁ ୨୩ ଲକ୍ଷ ଟଙ୍କା ହଡପ ଘଟଣାରେ ଏହାର ମୁଖ୍ୟ ମାଷ୍ଟର ମାଇଣ୍ଡ ବିଜୟ କୁମାର ପରିଡ଼ା ଓରଫ୍ ଶ୍ରୀଧର ବେହେରା ଗିରଫ ହେଇ ଜେଲ ଯିବା ପରେ ଆଉ ୨ ଜଣଙ୍କୁ ଗିରଫ କରିଥିଲା ଉମରକୋଟ ପୋଲିସ। ଆଜି ପୋଲିସ ୮ ଜଣଙ୍କୁ ଗିରଫ କରି ଜେଲ ପଠାଇଥିବା ବେଳେ ଗିରଫ ସଂଖ୍ୟା ୧୧ କୁ ବୃଦ୍ଧି ପାଇଲା। ଗିରଫ ବ୍ୟକ୍ତି ମାନେ ହେଲେ ଝରିଗାଁ ଥାନା ଅନ୍ତର୍ଗତ ମହଣ୍ଡି ଗ୍ରାମର ରାମଧର ଭତ୍ର। ୫୩ ବର୍ଷ, କର୍ମରି ଗ୍ରାମର ପୂର୍ଜେଣ୍ଡଚନ୍ଦ୍ର ଗଣ୍ଡ, ବୟସ ୫୨, ଚିକିଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜାନି ବୟସ ୫୯, ଚିକିଲୀ ଗ୍ରାମର



ନନ୍ଦ ଜାନି, ବୟସ ୫୫, କଲେଗାଁ ଗ୍ରାମର ଚମର। ପ୍ରଧାନୀ ବୟସ ୪୦, କଲେଗାଁ ଗ୍ରାମର ତିରୁପତି ମାଝି , ବୟସ ୫୦, କଲେଗାଁ ଗ୍ରାମର ଗୋପବନ୍ଧୁ ମାଝୀ , ବୟସ ୫୫ ଓ କଲେଗା ଗ୍ରାମର ଆଶାରାମ ଗଣ୍ଡ ବୟସ ୭୫ ବର୍ଷ। ଗିରଫ ସମସ୍ତ ବ୍ୟକ୍ତିଙ୍କ ଘର ଝରିଗାଁ ଥାନାରେ ଆସୁଥିବା ବେଳେ ସମସ୍ତେ ଜଳଛାୟା ପ୍ରକଳ୍ପର ସଭ୍ୟ ଥିବା ଜଣାପଡ଼ିଛି। ଉଲ୍ଲେଖ ଯୋଗ୍ୟ ଏହି କି ଯେ ଦୀର୍ଘ ବର୍ଷ ଧରି ଝରିଗାଁ ଜଳଛାୟା ପ୍ରକଳ୍ପର ଟଙ୍କା ଉମରକୋଟ ୟୁନିୟନ ବ୍ୟାଙ୍କ ରେ ଜମା ହେଇଥିଲା। ଦୀର୍ଘ ବର୍ଷ ଧରି ଏହି ପ୍ରକଳ୍ପ ବନ୍ଧ ହେଇଯାଇଥିଲା। ଏହାର ଫାଇଦା ନେଇ ଥିଲା ବିଜୟ କୁମାର ପରିଡ଼ା। ବିଜୟ ଏଥିପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଜଳଛାୟା ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ। ତେଣୁ ସେ ପ୍ରକଳ୍ପ ରେ ଟଙ୍କା ଜମା ଥିବା ଭଲ ଭାବରେ ଅବଗତ ଥିଲେ। ତେବେ ଝରିଗାଁ ଜଳ ଛାୟା ପ୍ରକଳ୍ପର ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀଙ୍କ ଅବହେଳା ଓ ଦାୟିତ୍ୱ ହିନତା ଯୋଗୁ ବିଜୟ ବ୍ୟାଙ୍କ ରୁ ୨୩ ଲକ୍ଷ ଟଙ୍କା ଜାଲିଆତି କରି ହଡପ କରିବାରେ ସଫଳ ହେଇଥିଲେ। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଓ କନେଷ୍ଟବଳ ନରେନ୍ଦ୍ର ନାୟକ ଓ ପୋଲିସ ଫର୍ସ ଝରିଗାଁ ଥାନା କର୍ମଚାରୀ ଙ୍କ ସହାୟତାରେ ବିଳମ୍ବିତ ରାତିରେ ଏହି ସବୁ ଗ୍ରାମ ଉପରେ ଚଡାଉ କରି ଗିରଫ କରିଛନ୍ତି।

# ରଥଯାତ୍ରା ପୂର୍ବରୁ ସମସ୍ୟା ସମାଧାନ ପାଇଁ ଦାବି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ରଥଯାତ୍ରାକୁ ଆଉ ରହିଲା ସାତ ଦିନ। ହେଲେ ଏଯାଏଁ କୌଣସି ସୁବିଧା ହୋଇ ପାରିଲା ନାହିଁ। ବ୍ଲକ ସଦର ସାହିବସ୍ତିରେ ଥିବା ସମସ୍ତ ନାଳିଗୁଡିକ ଜାମ୍ ହୋଇପଡିଛି। ଚାରିଆଡ଼େ ଅଳିଆ ଆବର୍ଜନାରେ ଭରପୂର ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏପରିକି ରଥଯାତ୍ରା ଦିନ ବାଇପାସ ଭାବେ ବ୍ୟବହାର ହେଉଥିବା ସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରଥଯାତ୍ରା ସମୟରେ ଯଦି ଉକ୍ତ ରାସ୍ତାରେ ଯାନବାହାନ ଚଳ ପ୍ରଚଳ କରିବ ତେବେ ନିଶ୍ଚିତ କିଛି ନା କିଛି ସମସ୍ୟା ଉପୁଜିପାରେ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ବ୍ଲକ ପ୍ରଶାସନ ସେଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଡ୍ରେନ୍‌ଗୁଡିକ ସଫାରଖିବା, ରାସ୍ତାରେ ଥିବା ଖାଲ ଢିପକୁ ସମତୁଲ କରିବା, ଅପରିଷ୍କାର ପରିବେଶ ସୃଷ୍ଟି କରୁଥିବା ଅଳିଆ ଆବର୍ଜନା ହଟାଇ ଚଳିତ ରଥଯାତ୍ରାକୁ ସ୍ୱଚ୍ଛ ଭାବେ ପାଳନ କରାଯାଉ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି।



## ବିକାଶ ମେଳା ସମାପ୍ତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ୯ ଜଣକୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି ସିଓ ଓରମାସ୍ ସୁବଳ ଜେନାମଣି, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ଡ୍. ମାୟାଧର ସାହୁ,ସହକାରୀ ନିର୍ବାହୀ ଅଧିକାରୀ ଶ୍ରୀ ଭେଙ୍କଟ ରାଓ ଆଚାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ , ଓଡ଼ିଶା ଜୀବିକା ମିଶନ ଗଜପତି ଟିମନ ବାରା ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଅପରାଧିକ ଆଇନ ସଚେତନତା ପାଇଁ କର୍ମଶାଳା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ନୂତନ ଭାରତର ନୂତନ ଆଇନ - ନୂତନ ଅପରାଧିକ ଆଇନର କାର୍ଯ୍ୟକାରୀତା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି.ଆର ରେଡ୍ଡୀ ରାଘବେନ୍ଦ୍ର ସମସ୍ତଙ୍କୁ ସ୍ୱାଗତ କରି କର୍ମଶାଳାର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ସେ କହିଲେ ଯେ ଭାରତୀୟ ସଂସଦ ତିନୋଟି ଐତିହାସିକ ଆଇନ ଯଥା ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦, କ୍ରିମିନାଲ ପ୍ରୋସିଡର କୋଡ୍, ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ, ୧୮୭୨କୁ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ୨୦୨୩,



ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ସଂହିତା, ୨୦୨୩ ହିସାବରେ ବଦଳାଇ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତୀୟ ନ୍ୟାୟ ମୂଲ୍ୟବୋଧ ଉପରେ ଆଧାରିତ ଏହି ନୂତନ ଆଇନ ଭାରତୀୟ ନ୍ୟାୟ ପଦ୍ଧତିକୁ ପ୍ରତିଫଳିତ କରି ଦଣ୍ଡମୂଳକ ଦୃଷ୍ଟିକୋଣରୁ ନ୍ୟାୟଭିତ୍ତିକ ଆଭିମୁଖ୍ୟ ଆଡ଼କୁ ପରିବର୍ତ୍ତନ ସୂଚାଇଥାଏ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ଉନ୍ନୀତ ନ୍ୟାୟ ବ୍ୟବସ୍ଥା ସୃଷ୍ଟି କରିବା ଯାହା କେବଳ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରେ ନାହିଁ ବରଂ ଆଇନ ବ୍ୟବସ୍ଥାକୁ ମଧ ବଜାୟ ରଖେ। ସୂଚନାଯୋଗ୍ୟ ଯେ ନୂତନ ଆଇନର ପ୍ରମୁଖ ବୈଶିଷ୍ଟ୍ୟ ଗୁଡିକ ବିଷୟରେ ନାଗରିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଥାନାର ଭାରପ୍ରାପ୍ତ ଅଧିକାରୀ ମାନେ କାର୍ଯ୍ୟକ୍ରମ ଆୟୋଜନ କରିବେ। ଏହି କାର୍ଯ୍ୟକ୍ରମ ରେ ମହିଳା, ଯୁବକ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ, ସ୍ଥାନୀୟ ଶାନ୍ତି କମିଟି ଏବଂ ଶିକ୍ଷାନୁଷ୍ଠାନ ଯଥା ସ୍କୁଲ ଓ କଲେଜର ସଦସ୍ୟମାନେ ଅଂଶଗ୍ରହଣ କରିପାରିବେ। ଆଜିର ଏହି ସଚେତନତା କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜିତ୍ ନାୟକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲାର ସବୁ ପ୍ରଶାସନିକ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ପୋଲିସ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ ସମ୍ପୃକ୍ତ ଅଧିକାରୀମାନେ ବାରମ୍ବାର ଆଇନକୁ ପଢି ତାକୁ ବୁଝିବେ ଓ କାର୍ଯ୍ୟରେ ପ୍ରୟୋଗ କରିବେ। ନୂଆ ଆଇନର ସମସ୍ତ ଧାରା ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ ହେବ। ଶିଶୁ, ମହିଳା ଓ ସମାଜର ଦୁର୍ବଳ ଶ୍ରେଣୀ ଉପରେ ହେଉଥିବା ଅତ୍ୟାଚାରର ତୁରନ୍ତ ସମାଧାନ ହେବ। ନୂତନ ଅପରାଧିକ ଆଇନ ସମାଜରେ ନ୍ୟାୟ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବ।

# ପୌର ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟିର ପ୍ରଥମ ଅର୍ଦ୍ଧବାର୍ଷିକ ବୈଠକ ସମାପ୍ତ




ସମ୍ବଲପୁର (ଭାସ୍କର ନ୍ୟୁଜ୍): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମ୍ବଲପୁରର ପୌର ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟିର ପ୍ରଥମ ଅର୍ଦ୍ଧବାର୍ଷିକ ବୈଠକ ୧୮ ଜୁନ୍ ୨୦୨୫ରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ମୁଖ୍ୟାଳୟ, ସମ୍ବଲପୁରରେ ଏମସିଏଲର ଅଧକ୍ଷ-ସମ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଭଲେଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ସମାପ୍ତ ହୋଇଯାଇଛି। ଏହି ବୈଠକରେ ନିର୍ଦ୍ଦେଶକ ଏମ୍‌ସିଏଲ୍‌ର କେ. ଶିବ ରାଓ ଏବଂ ଡକ୍ଟର ବିଚିସେନ ଗୁପ୍ତା, ଉପ-ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ), ଆଞ୍ଚଳିକ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ କୋଲକାତା ଯୋଗ ଦେଇଥିଲେ। ନିଳିନୀ କଟି ମିଶ୍ର, ମହାପ୍ରବନ୍ଧକ (ମାନବ ସମ୍ବଳ ରାଜଭାଷା) / ସଦସ୍ୟ ସଚିବ, , ସମ୍ବଲପୁର ସମସ୍ତ ଉପସ୍ଥିତ ପ୍ରତିନିଧି ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଧକ୍ଷ ଉଦୟ ଅନନ୍ତ କାଭାଲେ ତାଙ୍କ ପ୍ରେରଣାଦାୟକ ଭାଷଣରେ କହିଥିଲେ ଯେ ସରକାରୀ ଭାଷା ହିନ୍ଦୀ କେବଳ ଆମର ସାମ୍ବିଧାନିକ ଦାୟିତ୍ୱ ନୁହେଁ ବରଂ ଏହା ଆମର ଜାତୀୟ ଚରିତ୍ର ଏବଂ ସାଂଗଠନିକ ସଂସ୍କୃତିର ପରିଚୟ। ସେ ଏହା ମଧ କହିଥିଲେ ଯେ ସରକାରୀ ଭାଷା କାର୍ଯ୍ୟକାରୀ କରିବା କେବଳ ଅନୁପାଳନ ନୁହେଁ ବରଂ ବ୍ୟାଙ୍କ ରାଷ୍ଟ୍ର ନିର୍ମାଣର ଏକ ନିରନ୍ତର ପ୍ରକ୍ରିୟା। ଏମ୍‌ସିଏଲର ନିର୍ଦ୍ଦେଶକ କେ.ଶିବା ରାଓ ମଧ ଏହି ଅବସରରେ ନିଜର ମତାମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ହିନ୍ଦୀ କେବଳ ଏକ ଭାଷା ନୁହେଁ ବରଂ ବ୍ୟାଙ୍କ ଯୋଗାଯୋଗ ଏବଂ ସମନ୍ୱୟର ଏକ ଶକ୍ତିଶାଳୀ ମାଧ୍ୟମ। ଡକ୍ଟର ବିଚିସେନ ଗୁପ୍ତା, ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ), ଆଞ୍ଚଳିକ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବ), କୋଲକାତା, ତାଙ୍କ ଅଭିଭାଷଣରେ କହିଥିଲେ ଯେ ସହର ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି, ସମ୍ବଲପୁରର ସଦସ୍ୟ କାର୍ଯ୍ୟାଳୟ ଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ପ୍ରମାଣିତ କରେ ଯେ ଅନୁଷ୍ଠାନଗୁଡ଼ିକ ସରକାରୀ ଭାଷା ହିନ୍ଦୀର ପ୍ରଚାର ପାଇଁ ଗମ୍ଭୀରତାର ସହିତ କାର୍ଯ୍ୟ କରୁଛନ୍ତି। ସେ ଗୃହ ମନ୍ତ୍ରଣାଳୟରୁ ସମ୍ବଲପୁରର ନାରକାସ ଦ୍ୱାରା ପ୍ରାପ୍ତ ରାଜଭାଷା ପୁରସ୍କାରକୁ ପ୍ରଶଂସା କରିଥିଲେ ଏବଂ ଏହାକୁ ସମସ୍ତ ସଦସ୍ୟ କାର୍ଯ୍ୟାଳୟର ସାମୂହିକ ସଫଳତା ବୋଲି କହିଥିଲେ। ବୈଠକରେ, ସାବଲପୁରର ନାରକାସ ବାର୍ଷିକ ପତ୍ରିକା 'ସମ୍ବଲଭା'ର ତ୍ରୟୋଦଶ ସଂଖ୍ୟା ଅଧକ୍ଷଙ୍କ ହାତରେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ, ଭାରତୀୟ ଷ୍ଟେଟବ୍ୟାଙ୍କର ଉପ-ମହାପ୍ରବନ୍ଧକ ଶ୍ରୀ ସଞ୍ଜୟ କୁମାର ଝା, ଝାରସୁଗୁଡାର ଭାରତୀୟ ବିମାନବନ୍ଦର ପ୍ରାଧିକରଣ ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବିଭାଗୀୟ ମୁଖ୍ୟ ଅଜିତ କୁମାର ମାହେର, କେନ୍ଦ୍ରୀୟ ଜଳ ଆୟୋଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆର. ରାମା ପ୍ରସାଦ, କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୧ ର ଅଧକ୍ଷ ରଞ୍ଜନ ସିଂହ, କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ର ସୁମିତ୍ରା ପ୍ରଧାନ, ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ନିମତା ପାଠକ ଇତ୍ୟାଦି ବହୁ ବିଶିଷ୍ଟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

## କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ଦାବିପତ୍ର

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ସୀମାନ୍ତ ତଥା ରାୟଗଡା ଜିଲ୍ଲାର ସୀମାନ୍ତ କଂସାରିଗୁଡାରେ ଆଦିତ୍ୟ ଆଲୁମିନା କମ୍ପାନୀ ନିର୍ମାଣଧୀନ ରହିଛି। ଏହାକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଠାରୁ ଟଙ୍କା ମାଗିବା ଏବଂ ସ୍ଥାନୀୟ ଲୋକଙ୍କୁ କମ୍ପାନୀ ବିରୋଧରେ ଉସ୍‌କାଇବା ଅଭିଯୋଗ କରି କୋଡିଙ୍ଗାମାଳି ସୁରକ୍ଷା ମଂଚ ପକ୍ଷରୁ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ପାନୀକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଏଥିରେ ଉଲ୍ଲେଖ ରହିଛି। କୋଡିଙ୍ଗାମାଳି ସୁରକ୍ଷା ମଂଚର ସଭାପତି ପ୍ରଦୀପ କୁମାର ବାଘଙ୍କ ନେତୃତ୍ୱରେ ଶତାଧିକ ମଂଚ ସମର୍ଥକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଂଚିଥିଲେ। କମ୍ପାନୀ ଦ୍ୱାରା ପାରିପାର୍ଶ୍ୱିକ ଉନ୍ନତି ହେବ ସହ ଅଂଚଳବାସୀ ଏଥିରେ ନିଯୁକ୍ତି ପାଇପାରିବେ। ଏହାସହ ପରିବେଶ ସୁରକ୍ଷା ନେଇ ମଂଚ କାର୍ଯ୍ୟ କରିବ। ଏହି ବିକାଶମୂଳକ କାର୍ଯ୍ୟ ପାଇଁ ଦୀର୍ଘ ୮ବର୍ଷ ଧରି ସଂଗ୍ରହ କରୁଥିବା ମଂଚ ପ୍ରଶାସନ ଓ କମ୍ପାନୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରର ଏକ ନକଲ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

# ଗଞ୍ଜେଇ ଗାଡ଼ି ଜବତ; ଡ୍ରାଇଭର ଫେରାର

■ ୧୨ଦିନ ପରେ କୋର୍ଟକୁ ଗଲା ମାମଲା
■ ଅମ୍ବାଦଳା ପୋଲିସର ବଡ ସଫଳତା

ମୁନିଗୁଡା(ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ସଦର ମହକୁମାରେ ଖୁଲମଖୁଲା ଦେଶୀ ବିଦେଶୀ ମଦ କାରବାର ସାଙ୍ଗକୁ ଗୋରୁ ଚାଲାଣ ଓ ଗଞ୍ଜେଇ ଚାଲାଣ, ବେଦାନ୍ତ କମ୍ପାନୀର ଆଲୁମିନିୟମ ପାଉଡର ଓ ଲୁହା ସ୍କ୍ରାପ ଚୋରାଚାଲାଣ ନିତିଦିନିଆ ଘଟଣା ହୋଇପଡ଼ିଛି। ପୋଲିସ ଜାଣି ବି ଅଜଣା ଅଭିନୟ ଯୋଗୁ ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ଆମ୍ବାଦଳା ଥାନା ପୋଲିସ୍ ଟିମ୍ ରାତିରେ ପାଟ୍ରୋଲି କରୁଥିବା ବେଳେ ତା୪.୬.୦୨୫ ରିଖ ଭୋର୍ ସମୟରେ ମୁନିଗୁଡା ଦେଇ ଭବାନୀପାଟଣା, ରାୟପୁର ଅଭିମୁଖେ ଘରୋଇ ସାମାନ ଲୋଡକରି ଯାଉଥିବା ଡିଏଲ୍ ୧ଏଲ୍ଏମ୍ ୨୯୯୫ ନମ୍ବର ଭ୍ୟାନକୁ ପୋଲିସ୍ ପାଟ୍ରୋଲିଂଟିମ୍ ଦହିଖାଲ ନିକଟରେ ଅଟକାଇ ଚେକିଂ କରିଥିଲେ। ସେଥିରେ ଚତୁରତାର ସହିତ ପ୍ରାୟ ଏକ କ୍ୱିଣ୍ଟାଲ ପାଖାପାଖି ଗଞ୍ଜେଇ ଲୁକ୍କାୟିତ ଭାବେ ରଖାଯାଇଥିଲା। ପୋଲିସ୍ ଟିମ୍ ଉକ୍ତ ଗାଡ଼ିକୁ ଓ ଗଞ୍ଜେଇ ଜବତ କରି ଥାନାକୁ ନେଇଥିଲେ। ଶୁଣିବାକୁ ମିଳୁଛି ଜଣେ ହୋମଗାର୍ଡଙ୍କ ଭୂମିକା ଥାଇ ଆଇଆଇସି ମାଡାମ କେଶ୍ ନ କରି କି ସ୍ୱାର୍ଥରେ ନିରବ ରହି ଛୁଟିରେ ଚାଲିଗଲେ। ହେଲେ ଛୁଟିର ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ନରହି ଫେରି ଆସିଥିଲେ। କିନ୍ତୁ ଡ୍ରାଇଭରକୁ ଫେରାର ଦର୍ଶାଇଥିଲେ ମଧ ଗଞ୍ଜେଇ ଓ ଜବତ ଗାଡି ଉପରେ କେଶ୍ ନ କରିବା ପୋଲିସର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।ଏତେ ଘଟଣା ଘଟିଥିଲେ ମଧ ଏସଡିପିଓ ଜାଣିନପାରିବା ତାହା କ୍ଷୋଭର ବିଷୟ ପାଲଟିଛି। ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଗଞ୍ଜେଇ ଓ ଭ୍ୟାନ ଜବତ ହେବାର ୧୨ଦିନ ପର୍ଯ୍ୟନ୍ତ କେଶ କରାଗଲା ନାହିଁ କାହିଁକି। ଆଇଆଇସି ମାଡାମ କଣ ପାଇଁ ଏତେ ଦିନ ହେବ କେଶ୍ କରୁନଥିଲେ। ଯାହାକୁ ନେଇ ନାନା ପ୍ରକାର ବାଟରେ ଘାଟରେ ଆଲୋଚନା ହେଉଛି। ହେଲେ ଶୁଣିବାକୁ ମିଳୁଛି ଅମ୍ବାଦଳାରେ



ଏଭଳି ଘଟଣା ଘଟିଥିଲେ ମଧ ରାୟଗଡ଼ା ଏସ୍ପି ମାଡାମଙ୍କୁ ଅମ୍ବାଦଳା ଆଇଆଇସି ମାଡାମ କି ବିଷମ କଟକ ଏସଡିପିଓ ଜଣାଇଲେ ନାହିଁ କାହିଁକି ? ଯେତେବେଳେ ଏସ୍ପିଙ୍କ ନଜରକୁ ଆସିବାରୁ ଆଇଆଇସିଙ୍କୁ ତାଗିଦ୍ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୬.୬.୦୨୫ ରିଖ ଦିନ ଥାନା କେଶନଂ୧୪୨/୦୨୫ ପ୍ରକାର କେଶ କରି ତାପର ଦିନ କୋର୍ଟକୁ ପଠାଯାଇଥିବା ଶୁଣିବାକୁ ମିଳୁଛି। ଏନେଇ ଗଣମାଧ୍ୟମ ପ୍ରତିନିଧି ଆଇଆଇସି ମାଡାମଙ୍କୁ ପଚାରିବାରୁ କେଶ ହୋଇଛି ସମସ୍ତ ବିବରଣୀ ପଠାଇ ଦେବେ ବୋଲି କହି ୧୬ତାରିଖ ଦିନରୁ ଆଜି ପର୍ଯ୍ୟନ୍ତ ପଠାଇ ପାରିଲେ ନାହିଁ। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏସ୍ପି ମାଡାମଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ୨୪ଘଣ୍ଟା ମଧ୍ୟରେ କେଶ ନ କରି ଗାଡି ଚାଳକ ଗାଡି ଛାଡି ଚାଲିଯିବା ଏବଂ ୧୨ଦିନ ପରେ କେଶ୍ କରାଯିବା ପଛରେ କି ସ୍ୱାର୍ଥ ରହିଥିଲା ଏବଂ ଏସ୍ପି ମାଡାମ ଏହା ଉପରେ କି ପଦକ୍ଷେପ ନେଇ ପୋଲିସ୍ ଉପରେ ବିଶ୍ୱାସ ତୁଟାଉଥିବା ଜନ ସାଧାରଣଙ୍କୁ ବିଶ୍ୱାସ ଜନ୍ମାଇବେ ତାହା ଦେଖିବାକୁ ବାକି ରହିଲା। ପ୍ରକାଶ ଥାଉକି ଏଥିପୂର୍ବରୁ ଆକାଶ ସାହୁ ଏସଡିପିଓ ଥିବା ବେଳେ ଶହଶହ କ୍ୱିଣ୍ଟାଲ ଗଞ୍ଜେଇ ଜବତ ସହ ବେପାରିଙ୍କୁ ଗିରଫ କରା ଯାଉଥିଲା। ତତ୍କାଳୀନ ଆଇଆଇସି ସୁଜ୍ଞାନୀ ସାହୁଙ୍କ ସମୟରେ ବହୁ ଗଞ୍ଜେଇ ବେପାରୀ ବର୍ଷ ବର୍ଷ ଧରି ଜେଲ୍ ଭୋଗିଛନ୍ତି। କିନ୍ତୁ ମୁନିଗୁଡା ଆମ୍ବାଦଳା ଥାନାରେ ଏବେ କେତେକ କ୍ଷେତ୍ରରେ ଗଞ୍ଜେଇ ଧରାପଡୁଛି। କିନ୍ତୁ ଆସାମି ଧରା ନପଡିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ତେଣୁ ଏସ୍ପି ମାଡାମ କି ପଦକ୍ଷେପ ଗ୍ରହଣ କରିବେ ସେହି ସମୟକୁ ଅପେକ୍ଷା।



ବୋଲଗଡ଼ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଶାସନର ଏକବର୍ଷ ପୂର୍ତ୍ତି ଓ କେନ୍ଦ୍ରସରକାରଙ୍କ ୧୧ବର୍ଷ ପୂର୍ତ୍ତି ଉପଲକ୍ଷେ ( ଲୋକଙ୍କ ସେବାରେ ସମର୍ପିତ ଏକବର୍ଷ ) ବିକାଶର ବାର୍ତ୍ତା ପ୍ରଚାର ପାଇଁ ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତ ଆନୁକୂଲ୍ୟରେ ପଞ୍ଚାୟତ ପରିସରରେ ବିକାଶ ବାହନ ପରିକ୍ରମା ରଥ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଶୁଭାରମ ହୋଇଯାଇଅଛି। ଏହି ବିକାଶ ବାହନ ପଞ୍ଚାୟତର ବାୟାପଲ୍ଲୀ ଓ କୃଷ୍ଣଶରଣପୁର ଗ୍ରାମବୁଲି ବିକାଶ ବାର୍ତ୍ତା ପ୍ରଚାର କରିବ।ଏହି କାର୍ଯ୍ୟକ୍ରମରେ ପିଚୁକୁଳି ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ସନ୍ଦୀପ ଦାସ ଉଦ୍ୟାନ କୃଷି ଅଧିକାରୀ ପ୍ରଶାନ୍ତ କୁମାର ସେଠୀ,, ସାନପଦର ପ୍ରାଥମିକ ଉପସ୍ୱାସ୍ଥ୍ୟକେନ୍ଦ୍ରର ଏନ ଏମ ଶାନ୍ତିଲତା ସାହୁ, ସାନପଦର ଜନସେବା କେନ୍ଦ୍ରର ଆଲୋକ ଦୀପ ଛୋଟରାୟ, ସାନପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡାଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବହୁ ଆଶା କର୍ମୀ ପ୍ରମୁଖ ଯୋଗଦେଇ ଥିଲେ। କାମ ସବୁ ହାତକୁ, ପାଣି ସବୁ କ୍ଷେତକୁ, କ୍ଷତ ସବୁ ମୁଣ୍ଡକୁ, ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ତଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ପ୍ରତ୍ୟେକ ଜନସାଧାରମାନଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେ ବିଷୟରେ ସରପଞ୍ଚ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ କହିଥିଲେ। ପରେ ପଞ୍ଚାୟତର ଗରିବ ହିତାଧିକାରୀମାନଙ୍କୁ ରାସନ କାର୍ଡ, ଆବାସ ଯୋଜନାରେ ଗୃହ ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାରେ ସ୍ୱାବଲମ୍ବୀ ମହିଳାଙ୍କ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଆଧାର ସଂଶୋଧନ ଷ୍ଟଲ ଖୋଲାଯାଇଥିଲା। ଇ -ସେବା ମାଧ୍ୟମରେ ନୂତନ ଆଧାର କାର୍ଡ, ଆୟୁଷ୍ମାନ କାର୍ଡ, ଇ -କେୱାଇସୀ,ବୟୋ ବନ୍ଦନା କାର୍ଡ, ନୂତନ ଆବାସ ଆଦି ସୁବିଧା ପାଇପାରିବେ ! ଆଧାର କାର୍ଡରେ ଭୁଲ ଥିବା ବହୁ ହିତାଧିକାରୀମାନେ ଯୋଗଦେଇ ନିଜନିଜର ଆଧାର ସଂଶୋଧନ କରିଥିଲେ।



## ଆସନ୍ତା ବର୍ଷରୁ ଲାଗୁ ହେବ ନୂଆ ନିୟମ

# ଦୁଇ ଚକିଆ ଯାନରେ ଆଣ୍ଟିଲକ୍ ବ୍ରେକ୍ ସିଷ୍ଟମ ବାଧ୍ୟତାମୂଳକ

ନୂଆଦିଲ୍ଲୀ : ମୋଟର ସାଇକେଲ ଚାଳକଙ୍କୁ ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେବା, କେନ୍ଦ୍ର ସରକାରଙ୍କ ପାଇଁ ସବୁବେଳେ ଏକ ବଡ଼ ଚ୍ୟାଲେଞ୍ଜ୍ ହୋଇ ଆସିଛି। ତେଣୁ ଏହାକୁ ରୋକିବାକୁ ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି। ମୋଟର ସାଇକେଲ ଚାଳକଙ୍କ ସୁରକ୍ଷା ପାଇଁ ସମସ୍ତ ମୋଟରସାଇକେଲ, ବାଇକ ଓ ସ୍କୁଟିରେ ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ(ଏବିଏସ୍) ବାଧ୍ୟତାମୂଳକ କରାଯିବ। ଆସନ୍ତା ବର୍ଷ ଜାନୁଆରୀ ପରେ ନିର୍ମାଣ ହେବାକୁ ଥିବା ସମସ୍ତ ମୋଟରସାଇକେଲ୍‌ରେ ଏହି ସିଷ୍ଟମ ଲଗାଇବାକୁ ବାଧ୍ୟତାମୂଳକ କରିବାକୁ ସଡ଼କ ପରିବହନ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହେଁ, ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ନିର୍ମାତା ଏବଂ ଡିଲରମାନଙ୍କୁ ବିକ୍ରି ସମୟରେ ଦୁଇଚକିଆ ଯାନ ସହିତ ଦୁଇଟି ବିଆଇଏସ୍-ପ୍ରମାଣିତ ହେଲମେଟ ଦେବାକୁ ମଧ୍ୟ ବାଧ୍ୟତାମୂଳକ କରିବ। ଦେଶରେ ଘଟୁଥିବା ମୋଟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁର ପ୍ରାୟ ୪୪% ଦୁଇଚକିଆ ଯାନ ଚାଳନାରେ ଘଟୁଛି। ଏଥିମଧ୍ୟରୁ ଅଧିକାଂଶ ମୁଣ୍ଡରେ ଆଘାତ ଯୋଗୁ ହେଉଛି। କାରଣ ଚାଳକମାନେ ସୁରକ୍ଷା ସାମଗ୍ରୀ ପିନ୍ଧୁ ନାହାନ୍ତି। ତେଣୁ ଏହି ନିଷ୍ପତ୍ତି ସେମାନଙ୍କ ଜୀବନର ସୁରକ୍ଷା ଦିଗରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରଣାଳୟ କହିଛି। ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ, ଏଇ କିଛିଦିନ ମଧ୍ୟରେ ମନ୍ତ୍ରାଳୟ ପକ୍ଷରୁ ଏହି ନୂଆ ନିୟମ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ବର୍ତ୍ତମାନ, କେବଳ ୧୨୫ସିସିରୁ ଅଧିକ ଇଞ୍ଜିନ କ୍ଷମତା ବିଶିଷ୍ଟ ଦୁଇଚକିଆ ଯାନ ପାଇଁ ଏବିଏସ୍ ବାଧ୍ୟତାମୂଳକ କରାଯାଇଛି। ତେଣୁ ୪୫% ବାଇକ୍ ଏବଂ ମୋଟର ସାଇକେଲରେ ଏହି ସେଫ୍‌ଟି ଫିଚର୍ସ ନାହିଁ। ହେଲେ ନୂଆ ବିଜ୍ଞପ୍ତି ପ୍ରକାଶ ପାଇଲେ ଏବିଏସ୍ ସିଷ୍ଟମକୁ ସମସ୍ତ ନୂଆ ବାଇକ୍ ଓ ମୋଟରସାଇକେଲରେ ଲାଗୁ କରାଯିବ। କାରଣ ପ୍ରାୟତଃ ବର୍ତ୍ତମାନର ସବୁ ବାଇକ ଘଣ୍ଟା ପ୍ରତି ୭୦ କିଲୋମିଟର ସ୍ପିଡ୍‌ରେ ହାସଲ କରିପାରୁଛନ୍ତି। ତେଣୁ ଦୁର୍ଘଟଣାର ସମ୍ଭାବନା ହ୍ରାସ କରିବା ପାଇଁ ଏହି ସିଷ୍ଟମ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରଣାଳୟ କହିଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୯ ମୃତ

କୋଲକାତା : ପଶ୍ଚିମବଙ୍ଗ ପୁରୁଲିଆ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର୍ ଏବଂ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୯ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ପୁରୁଲିଆ ଟାଟା ଜାତୀୟ ରାଜପଥ ନାମସୋଲ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ କାର୍ କିଛି ଯାତ୍ରୀଙ୍କୁ ନେଇ କାର୍ଟି ପୁରୁଲିଆ ଝାଡଖଣ୍ଡ ଅଭିମୁଖେ ଯାଉଥିଲା। ଏତିକି ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ କାରଟିକୁ ଧକ୍କା ଦେଇଥିଲା। ୯ ଜଣ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିବାବେଳେ ଏଭଳି ଅଘଟଣ ଘଟିଛି। ପୋଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# ‘ଯୋଗ: ଶକ୍ତିର ଅଫୁରନ୍ତ ଉତ୍ସ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫,୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ। ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ , ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ଭାବପ୍ରବଣତା ଉପରେ ଆଧାରିତ ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ସୁସ୍ଥତା ଏବଂ ନମନୀୟତା ବୃଦ୍ଧି, ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ଓଜନ ପରିଚାଳନା ଏବଂ କୋଷ ବିଭାଜନରେ ସନ୍ତୁଳନ ସୁରକ୍ଷା, ଶାନ୍ତ ନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ।ଏବେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଚିନ୍ତା ପରି ଅଣ-ସଂକ୍ରମଣକାରୀ ରୋଗ ବୃଦ୍ଧି ପାଇବାରେ ଲାଗିଛି। ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। କିଛି ଯୋଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଯୋଗ, ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି କରେ। କ୍ଲାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ କରେ। ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ଆସନ୍ତୁ, ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା ନିଜେ ସୁସ୍ଥ ରହି ସମାଜ ଓ ଦେଶ ର ମାନବିକ ସମ୍ବଳକୁ ଶକ୍ତିମାନରେ ସ୍ୱୟଂସିଦ୍ଧ ହେବା।

# ‘ପ୍ରତ୍ୟେକ ଯୋଗ ଆସନ ରକ୍ତସ୍ରାବକୁ ସୁଧାରିଥାଏ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୋଗ ଦିବସରେ ଭୁବନେଶ୍ୱର ନିବାସୀ ପ୍ରସିଦ୍ଧ ଡ଼. ରଞ୍ଜିତ କୁମାର ପଣ୍ଡା ଏକ ନୂତନ ଭିଡିଓ ଅଭିଯାନ ଆରମ୍ଭ କରିଛନ୍ତି ଯାହା ଦେଖାଏ କିପରି ଯୋଗ ହୃଦରୋଗ ଓ ଡାଏବେଟିସ ଚିକିତ୍ସାରେ ସହାୟକ ହୋଇପାରେ। ଯାହା ଏକ ଅନୁଭବୀ ଯୋଗ ଶିକ୍ଷକ ଦ୍ୱାରା ଡାଇନାମିକ୍ ଯୋଗ ଆସନ ଦେଖାଯାଇଛି। ଡ଼. ପଣ୍ଡା ସେଗୁଡ଼ିକର ବୈଜ୍ଞାନିକ ଭିତିରେ ସହଜ ବ୍ୟାଖ୍ୟା କରିଛନ୍ତି। ସେ ବ୍ୟାଖ୍ୟା କରିଛନ୍ତି ଯେ, କିପରି ପ୍ରତ୍ୟେକ ଯୋଗ ଆସନ ରକ୍ତସ୍ରାବକୁ ସୁଧାରିଥାଏ, ଶରୀରରେ ଥିବା ସୋଜ ହ୍ରାସ କରେ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ। ଯାହା ଜୀବନଶୈଳୀ ସଂପର୍କିତ ଦୀର୍ଘକାଳୀନ ରୋଗ ପାଇଁ ଆଶା ଦିଏ। ଯୋଗ ହେଉଛି ଦିନନିତି ଉପଚାରର ଏକ ପ୍ରେସକ୍ରିପ୍ସନ ବୋଲି ଡ଼. ପଣ୍ଡା କହିଛନ୍ତି। ଏହା ନିରବ ଭାବେ କିନ୍ତୁ ଶକ୍ତିଶାଳୀ ଭାବରେ ଶରୀରର ଆତ୍ମ ଉପଚାର ପ୍ରଣାଳୀକୁ ପୁନଃସମନ୍ୱୟ କରେ। ପୂରା ଭିଡିଓଟି ଆର୍‌ଏକ୍ସ ଯୋଗର ୟୁଟ୍ୟୁବ୍ ଚ୍ୟାନେଲ ଦେଖନ୍ତୁ। ଅଧିକ ସ୍ୱାସ୍ଥ୍ୟ ସମ୍ପର୍କିତ ଟିପ୍ସ, ଯୋଗ ଉପଦେଶ ଓ ପ୍ରକୃତ ଚିକିତ୍ସା ଘଟଣାପ୍ରବାହ ପାଇଁ ଡ଼. ରଞ୍ଜିତ କୁମାର ପଣ୍ଡାଙ୍କୁ ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ୍‌ରେ ଅନୁସରଣ କରିପାରିବେ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୈଜ୍ଞାନିକ ଗବେଷଣା...

ଓ ଆମେରିକା ସହିତ ସ୍ଥିତିରେ ଇରାନକୁ ପୂର୍ଣ୍ଣ ସମର୍ଥନ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଇରାନ ପ୍ରତି ବିଶ୍ୱବ୍ୟାପୀ ବିରୋଧ ଏହାର ପରମାଣୁ ପାଇଁ ନୁହେଁ, ବରଂ ବିଶ୍ୱାସ, ଜ୍ଞାନ ଓ ସ୍ୱାଧୀନତା ଉପରେ ଏହାର ଦୃଷ୍ଟିକୋଣରୁ ସୃଷ୍ଟି ହୋଇଛି ଯାହା ଦଳିତମାନଙ୍କୁ ସଶକ୍ତ କରିଥାଏ। ଅନ୍ୟପକ୍ଷରେ ଆମେରିକା ପକ୍ଷରୁ କୁହାଯାଇଛି ଯେ ଯଦି ଇରାନ କଥା ନ ଶୁଣେ, ତେବେ ଆକ୍ରମଣ ସୁନିଶ୍ଚିତ। ଏସବୁ ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ ଯଦି ଇସ୍ରାଏଲ-ଇରାନ ସଂଘର୍ଷରେ ଆମେରିକା ଇସ୍ରାଏଲକୁ ଅତ୍ୟାଧୁନିକ ଅସ୍ତ୍ର ଯୋଗାଏ ତେବେ ପରିସ୍ଥିତି ଭୟାନକ ରୂପ ଧାରଣ କରିବ।

### ପଶ୍ଚିମ ଓଡ଼ିଶାକୁ...

ରଖି ବିଭିନ୍ନ ସ୍ଥାନରେ ଜଳ ବିଶୋଧନ ସହ ବାସିଖାଦ୍ୟ ଉପରେ ଚଢାଉ କରାଯାଉଛି। ଡାଇରିଆର ମୁକାବିଲା ପାଇଁ ବିଭିନ୍ନ ଜିଲ୍ଲାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିମ୍ ଯିବା ସହ ସ୍ଥିତିର ସମୀକ୍ଷା କରୁଛନ୍ତି। ଯାଜପୁର ଜିଲ୍ଲାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, କେନ୍ଦ୍ରୀୟ ଟିମ୍‌ର ଡାକ୍ତର ଏମ.ସୋମାଲକର, ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣର ଡାକ୍ତର ଗୀତାଞ୍ଜଳି ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ସେହିପରି କଟକ ଜିଲ୍ଲାରେ କେନ୍ଦ୍ରୀୟ ଟିମ୍‌ର ଡାକ୍ତର ବି.ଦ୍ୱିବେଦୀ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଏସ.ମହାନ୍ତି, ଭଦ୍ରକ ଜିଲ୍ଲାରେ ଡାକ୍ତର ପି.ଘୋଷ, ଡାକ୍ତର ଜି.ଚୌଧୁରୀ ଏବଂ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସୁଭାଶିଷ ମହାନ୍ତି ଗସ୍ତ କରି ଅନୁଧ୍ୟାନ କରୁଛନ୍ତି। ଏହି ଟିମ୍ ପାନୀୟଜଳ ଉତ୍ସର ବିଶୋଧିକରଣ, ରୋଗୀଙ୍କ ଚିକିତ୍ସା, ରୋଗୀଙ୍କ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ ଇତ୍ୟାଦି କରୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ୬ଟି ଜିଲ୍ଲାର ଡାଇରିଆ ମୁକାବିଲାର ସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ସ୍ଥିତି ସଂପର୍କରେ ଆଲୋଚନା ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରଘର ବୁଲି ସଚେତନତା ଅଭିଯାନ ଜାରି ରହିଛି। ଯେଉଁ କୂଅ ବା ନଳକୂପ ପାଣିରେ ଜୀବାଣୁ ରହୁଛନ୍ତି ସେଗୁଡ଼ିକୁ ସିଲ୍ କରାଯାଉଛି।

### ସଚେତନତା ଜାରି...

ଗତକାଲି (୧୯ ତାରିଖ) ବିଭିନ୍ନ ହସ୍ପିଟାଲମାନଙ୍କରେ ୭୧ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ। ଗତ କାଲି ରାତି ସୁଦ୍ଧା ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୧୧୬୭ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥଲେ। ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ ଏବଂ ୮୨ ଜଣ ଚିକିତ୍ସାଧୀନ ଥିଲେ। ସେହିପରି କେନ୍ଦୁଝର ଜିଲ୍ଲାରେ ମଧ ଅନୁରୂପ ଡାଇରିଆ ସଂକ୍ରମଣ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ ୧୦ ତାରିଖରେ ୭୯ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ଜୁନ ୧୨ ରେ ୪୪, ଏବଂ ୧୮ ବେଳକୁ ୩୮କୁ ହ୍ରାସ ପାଇଥିଲା। ୧୯ ତାରିଖ ରାତି ସୁଦ୍ଧା ୧୭ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ। ଗତକାଲି ରାତି ସୁଦ୍ଧା କେନ୍ଦୁଝର ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୪୯୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୫୪ ଜଣ ଆରୋଗ୍ୟ ଲାଭ ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ ଏବଂ ୩୪ ଜଣ ସଂକ୍ରମିତ ଚିକିତ୍ସାଧୀନ ଥିଲେ। ବର୍ତ୍ତମାନ ସାରା ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିଛି। ଯାଜପୁର, କେନ୍ଦୁଝର, ଭଦ୍ରଖ, କଟକ ଓ ଢ଼େଙ୍କାନାଳ ଆଦି ଜିଲ୍ଲାରେ ଏହାକୁ ଅଧିକ ସଘନ ଓ ବ୍ୟାପକ କରାଯାଇଛି।ସବୁ ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗନବାଡ଼ି କେନ୍ଦ୍ର ଆଦିକୁ ପର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ, ହାଲୋଜେନ ବଟିକା, ସାଲାଇନ, ଇଞ୍ଜେକସନ ଏବଂ ଆବଶ୍ୟକୀୟ ଔଷଧ ଇତ୍ୟାଦି ଯୋଗାଇ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବିଶେଷଜ୍ଞ ଟିମ୍ ମାନେ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ନିରାକରଣ ଏବଂ ପ୍ରତିଷେଧକ କାର୍ଯ୍ୟର ତଦାରଖ ପୂର୍ବକ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି। ଗତକାଲି ରାତି ସୁଦ୍ଧା ଯାଜପୁର, କେନ୍ଦୁଝର, ଢ଼େଙ୍କାନାଳ, ଭଦ୍ରଖ ଓ କଟକ ଆଦି ଜିଲ୍ଲାରୁ ସମୁଦାୟ ୪୦୦ ଡାଇରିଆ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨୯୯ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ। ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ଚାଲୁ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମହାଲିଙ୍ଗ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଦିନେ ଡାଇରିଆ ଓ ଜଣ୍ଡିସ ପରି ଜଳବାହିତ ରୋଗର ନିରାକରଣ ନିମନ୍ତେ ବ୍ୟାପକ ସେଚେତନତା ଏବଂ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ସଂକ୍ରମଣ ଚିହ୍ନଟ ଉପରେ ଡଃ ମହାଲିଙ୍ଗ ଗୁରୁତ୍ୱ ଆରୋପ କରିଛନ୍ତି। ପାଣି ଫୁଟାଇ ପିଇବା, ବାରମ୍ବାର ସାବୁନରେ ହାତ ଧୋଇବା, ସମସ୍ତ ପାନୀୟ ଜଳଉତ୍ସ ଗୁଡିକୁ ପୁନଃପୌନିକ ଭାବେ ବିଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ ପରାମର୍ଶ ଦେଇଛନ୍ତି। ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ଘରକୁ ଘର ଅଭିଯାନ ଜାରି ରଖିବା ପାଇଁ ସେ ସମସ୍ତ କ୍ଷେତ୍ର ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶ ପ୍ରଗତିର...

ପହଞ୍ଚି ପାରୁନଥିଲା। ଓଡ଼ିଶା ଅନେକ କ୍ଷେତ୍ର ବିକାଶରେ ପଛରେ ରହିଥିଲା। ଗତ ଏକବର୍ଷରେ ଏହାର ସମାଧାନ ପାଇଁ ବିଜେପି ସରକାର ଅବିରତ କାମ କରୁଛି। ବିକାଶର ଡବଲ ଇଞ୍ଜିନର ଲାଭ ମଧ୍ୟ ଦେଖିବାକୁ ମିଳୁଛି। ଆଜି ଯେଉଁ ହଜାର ହଜାର କୋଟି ଟଙ୍କାର ଶିଳାନ୍ୟାସ ଓ ଲୋକାର୍ପଣ ହେଲା, ସେଥିରେ ଡବଲ ଇଞ୍ଜିନର ଛାପ ରହିଛି। ଦୀର୍ଘ ସମୟଯାଏ ଓଡ଼ିଶାର ଲୋକେ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ ରହିଥିଲେ। ଆଜି ସେହି ଯୋଜନା ସହ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଲାଭ ମିଳୁଛି। ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ବୟୋବନ୍ଦନ ଯୋଜନାରେ ସେମାନଙ୍କ ଚିକିତ୍ସା ସୁନିଶ୍ଚିତ କରାଯାଇଛି। ନିର୍ବାଚନ ସମୟରେ ଆମେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଆମ ସରକାର ଲାଗି ପଡ଼ିଛନ୍ତି। ଓଡ଼ିଶାରେ ବହୁସଂଖ୍ୟାରେ ଆଦିବାସୀ ରହୁଥିଲେ ମଧ୍ୟ ସେମାନଙ୍କୁ ପୂର୍ବ ସରକାର ଅଣଦେଖା କରୁଥିଲେ। ଆଦିବାସୀ ଜିଲ୍ଲାକୁ ହିଂସାରୁ ମୁକ୍ତ କରି ବିକାଶର ମାର୍ଗରେ ନେଇଛୁ। ସେଠାରେ ବିକାଶର ଗଙ୍ଗା ପ୍ରବାହିତ ହେଉଛି। ଖୁବ୍‌ଶୀଘ୍ର ନକ୍ସଲବାଦ ଦେଶରୁ ଲୋପ ହେବ ବୋଲି ସେ କହିଥିଲେ। ସେ କହିଥିଲେ, ପାରାଦୀପରୁ ଝାରସୁଗୁଡ଼ା ଔଦ୍ୟୋଗିକ ବିକାଶ ହୋଇଛି। ଆଗାମୀ ଦିନରେ ପେଟ୍ରୋ କେମିକାଲ୍ସର ହବ୍ ହେବ ଓଡ଼ିଶା। ପେଟ୍ରୋ କେମିକାଲ୍ସ ପାଇଁ ଦେଢଲକ୍ଷ କୋଟି ବିନିଯୋଗ କରାଯାଇଛି। ସେହିପରି ମଞ୍ଚରେ ଲକ୍ଷପତି ଦିଦିଙ୍କ ପାଦ ଛୁଇଁଥିଲେ ମୋଦୀ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮ହଜାର ୬୫୩ କୋଟିର ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ସେଥିମଧ୍ୟରୁ ୬୦ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବାବେଳେ ୪୫ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଦୀ ବିକଶିତ ଓଡ଼ିଶା ଓ ଭାରତ ଗଠନ ପାଇଁ ପ୍ରସ୍ତୁତ ଭିଜନ ଡକ୍ୟୁମେଣ୍ଟ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହାସହ ବରପୁତ୍ର ସମ୍ମାନ ଯୋଜନାର ଶୁଭାରମ୍ଭ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାର ପୁସ୍ତିକା ଉନ୍ମୋଚନ କରିଥିଲେ। ସେହିପରି ୧୦୦ ଇ-ବସ୍‌ର ଶୁଭାରମ୍ଭ ସହ ବୌଦ୍ଧକୁ ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରିଥିଲେ। ସେହିପରି ୨୭୫୦ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟସରକାରଙ୍କ ମନ୍ତ୍ରୀଗଣ, ସାଂସଦ ଓ ବିଧାୟକମାନେ ସାମିଲ ହୋଇଥିଲେ। ଏଥିପୂର୍ବରୁ ମୋଦୀ ବିମାନବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ରୋଡ ଶୋ’ରେ ମଧ୍ୟ ଆସିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମୋଦୀଙ୍କ ସୁରକ୍ଷା ପାଇଁ ୧୩୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ୪୦୦ରୁ ଅଧିକ ବରିଷ୍ଠ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା।

# ଏନ୍‌କାଉଣ୍ଟରରେ ୨ ନକ୍ସଲ ମୃତ

ମାଲକାନଗିର (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କଂକେର ଜିଲ୍ଲାର ଛୋଟାବେଠିଆ ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଛି। ପ୍ରାୟ ଅଧ ଘଣ୍ଟା ଧରି ହୋଇଥିବା ଗୁଳିବିନିମୟ ହୋଇଥିଲା। ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନବେଳେ ଜଣେ ମହିଳା ନକ୍ସଲ ସମେତ ଦୁଇଜଣଙ୍କ ଶବ ଉଦ୍ଧାର କରାଯାଇଛି। ଏଥି ସହ ବନ୍ଧୁକ ଓ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏବେ ବି ସର୍ଚ୍ଚ ଅପରେସନ ଜୋରଦାର ଚାଲିଛି। ମୃତ ନକ୍ସଲଙ୍କ ଚିହ୍ନଟ ଚାଲିଥିବା ପୋଲିସ କହିଛି। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦ ବିଲୋପ ପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି।

# ପରଲୋକରେ ସାମ୍ବାଦିକ ବିକ୍ରମ

ପୁରୀ (ଭାସ୍କର ନ୍ୟୁଜ) ‘ପ୍ରମେୟ’ ପୁରୀ ସଂସ୍କରଣର କ୍ରାଇମ ରିପୋର୍ଟର ବିକ୍ରମ କେଶରୀ ଆଚାର୍ଯ୍ୟଙ୍କର ୩୩ ବର୍ଷ ବୟସରେ ପରଲୋକ ହୋଇଛି। ଗୁରୁବାର ପୁରୀ ନବକଳେବର ରୋଡର ଗୋଛାୟତ ବଗିଚାରେ ଥିବା ନିଜର ଭଡା ଘରେ ବେକରେ ଗାମୁଛା ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସେ ପୁରୀ କାର୍ଯ୍ୟାଳୟକୁ ଆସି ଖବର ଦେଇ ରାତି ପ୍ରାୟ ୧୧ଟାରେ ନିଜର ଭଡା ଘରକୁ ଫେରିଥିଲେ। ତେବେ ପରିବାର ଲୋକଙ୍କ ସହ ରାତିରେ ତାଙ୍କର ଫୋନରେ କୌଣସି କାରଣରୁ ମତାନ୍ତର ହୋଇଥିଲା। ଶେଷରେ ମାନସିକ ଭାରସାମ୍ୟ ହରାଇ ନିଜର ଭାଇ ଭାଉଜଙ୍କୁ ଭିଡିଓ କଲରେ ରଖି ନିଜ ରୁମରେ ଥିବା ଫ୍ୟାନରେ ଗାମୁଛା ଲଗାଇ ଝୁଲି ପଡିଥିଲେ। ତାଙ୍କ ଭାଇ ଭାଉଜ ଏନେଇ ବିକ୍ରମଙ୍କର ଅନ୍ୟ ସାମ୍ବାଦିକ ବନ୍ଧୁମାନଙ୍କୁ ଖବର ଦେଇଥିଲେ। ତତକ୍ଷଣାତ ସମସ୍ତେ ତାଙ୍କ ଘରେ ପହଞ୍ଚିଥିଲେ। କବାଟ ଭାଙ୍ଗି ରୁମରେ ପଶିଥିଲେ। ସେଠାରେ ବିକ୍ରମଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। କୁମ୍ଭାରପଡା ପୋଲିସ ପହଞ୍ଚି ତାଙ୍କର ଝୁଲନ୍ତା ଶରୀରକୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ଅଣାଯାଇଥିଲା। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ସ୍ୱର୍ଗଦ୍ୱାରରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମାଜସେବୀ ବ୍ରଜକିଶୋର ସାହୁ, ସିଦ୍ଧାର୍ଥ ରାୟ, ସ୍ୱାଧୀନ ପଣ୍ଡା, ଚନ୍ଦ୍ର ଶେଖର ମିଶ୍ର, ବିଶ୍ୱଜିତ ମହାନ୍ତି, ସନ୍ତୋଷ ବିନ୍ଧାଣୀ, ମନୋଜ ସାହୁ, ସୋମନାଥ ସାହୁ, ଦେବାଶିଷ ଦାସ, ସୁକାନ୍ତ ପଣ୍ଡା, ସଞ୍ଜୀବ ମହାନ୍ତି, ତ୍ରିଲୋଚନ ଦାସ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ପ୍ରମେୟ ଭୁବନେଶ୍ୱର ଚିଫ୍ ଅଫ୍ ବ୍ୟୁରୋ ଦେବେନ୍ଦ୍ର ସୁଆର ଓ ଡିଜିଏମ୍ ଗଜେନ୍ଦ୍ର ଦାସ ମଧ୍ୟ ତାଙ୍କର ମୃତ୍ୟୁ ଖବର ଶୁଣି ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ବରିଷ୍ଠ ସାମ୍ବାଦିକ ମଧୁସୁଦନ ମିଶ୍ର, ରଣଜୀତ ମିଶ୍ର, ଶୈଳେନ୍ଦ୍ର ଆଚାର୍ଯ୍ୟ,ବିଶ୍ୱଜିତ ମିଶ୍ର, ଅକ୍ଷୟ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, ବିବୁଧ ମହାନ୍ତି, ଶ୍ୟାମକାହ୍ନା ପନାୟକ,ସୁମନ୍ତ ପରିଡ଼ା, ଆଲୋକ ଆଶୁତୋଷ ନାୟକ, ପ୍ରିତୀସି ମହାନ୍ତି, ବିଶାଳ ମହାନ୍ତି, ଦୀପକ ମହାରଣା, ଶାରଦା ପ୍ରସାଦ ମହାନ୍ତି, ଅଜିତ ମହାନ୍ତି, ପ୍ରଦୀପ୍ତ ନାୟକ, ଅନନ୍ତ ସିଂ, ପ୍ରିୟଦର୍ଶନ ମହାନ୍ତି ପ୍ରମୁଖ ତାଙ୍କର ଶବାଧାରରେ ସାମିଲ ହୋଇଥିଲେ। ଏସପି ବିନୀତ ଅଗ୍ରବାଲ, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ସଞ୍ଜୟ ଦାସବର୍ମା। ପ୍ରମୁଖ ତାଙ୍କୁ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବିକ୍ରମଙ୍କର ଶହଶହ ଶୁଭେଚ୍ଛୁ ମଧ ତାଙ୍କ ପ୍ରତି ଶେଷ ସମବେଦନା ଜଣାଇଛନ୍ତି। ଶେଷକୃତ୍ୟ ବେଳା ତାଙ୍କ ବଡଭାଇ, ବାପା, ମାଉସୀ, ଭାଉଜ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସାନଭାଇ ମୁଖାଗ୍ନୀ ଦେଇଥିଲେ।


**AFFIDAVIT**

By virtue of an affidavit in the court of Executive Magistrate, Bhubaneswar, I Bhajan Kumar Nayak, S/o- Late Kangali Charan Nayak, resident of Plot No-799, Rout Sahi, Near Jagannath Mandira, Patia, Ps- Chandrasekharpur, BBSR, Dist- Khurdha, declare that I have changed my Minor Son's name from Ranjan Nayak to Ranjan Kumar Nayak. Henceforth, He shall be known as Ranjan Kumar Nyak for all purposes.
Sd/- Bhajan Kumar Nayak

**AFFIDAVIT**

By virtue of an affidavit sworn before the Executive Magistrate, Nimapara, dated: 31.05.2025, I Dipali Ransingh, Address: village-Olikana, Po-Olikana, Ps- Nimapara, Dist- Puri, Odisha, PIN-752114, declare that I have changed my name from Sipra Khatoi to Dipali Ransingh. Henceforth, I shall be known as Dipali Ransingh for all purposes.
Sd/- Dipali Ransingh

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 03.06.2025, I Arjun Nayak, S/o- Sidhi Nayak, Vill-Babajiguda,Po- Hirli, Ps-Papadahandi,Dist-Nabarangpur, Odisha, declare that. I have changed my minor daughter's name from Jagmuti Nayak to Jagruti Nayak. Henceforth she shall be known as Jagruti Nayak for all purposes.
Sd/- Arjun Nayak

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025024, ତା.10.06.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ପୁରୀ ଷ୍ଟେସନ ୟାର୍ଡ ଠାରେ ପ୍ଲାଟଫର୍ମ ନଂ. 7 ଏବଂ 8 ନିମନ୍ତେ ବାଲାଷ୍ଟ ବିହୀନ ଟ୍ରାକ୍ କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.61 ଲକ୍ଷ, EMD : ₹ 6,53,800/-, କାର୍ଯ୍ୟ ଶେଷ ହେବା ଅବଧି: 05 (ପାଞ୍ଚ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକାକୋରିୟରା ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଟର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-44/CI/25-26

**SIDDHA BARANGA DEGREE COLLEGE OF EDN & TECH**
**PUNANGA, JAGATSINGHPUR. PRINCIPAL+91-9438564370**
**E-Mail ID: sbd18g@gmail.com**
**No.71/2025, Date: 20.06.2025**

**NOTICE INVITING SEALED QUOTATIONS**

Sealed quotations are hereby invited from GST registered firms/ agencies for supply of IT infrastructure items-desktop computers, ups system, multi function printer machine, LED TV (65 inch), wireless mouse & cameras for virtual meetings etc. under the Government of Odisha's upgrading IT infrastructure schemes per Government Order No 12655/dtd.05.03.2025. The sealed quotations must reach at the Principal Siddha Baranga Degree College of EDN & Tech. Punanga, Jagatsinghpur within 7 days of the tender publication. The quotations will be opened on 28th June 2025 at 11.00 AM in presence of the committee members & the authorised representatives of the bidders if any.

Terms and conditions:
1. Only GST registered firms/ agencies are elligible to participate.
2. The Items must confirm to this specification as per the Government order mentioned above.
3. Quotations must be submitted in a sealed envelop clearly marked " quotation for supply of IT items".
4. The under signed reserves the right to reject any or all quotations without assigning any reason thereof. For any further information contact the College Office during the working hours.

**Sd/- Principal**
**SB Degree College of Education & Technology**
**Pinanga, Jagatsinghpur**

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
E/M LIGHT MACHINERY TUBE WELL & GATE DIVISION SAKRI, BILASPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
(FIRST-CALL)

System Tender No. 170143 / NIT No.: 08/SAC/2025-26 Dated: 17.06.2025

Online Tenders are invited for the following works up to 08.07.2025 at 17.30 Hour

**Name of work –** REPAIR,MAINTENANCE & PAINTING WORK OF THE GATES OF BILASPUR DIVERSION INCLUDING RESTORATION OF REMOTE CONTROL SYSTEM AND ILLUMINATION WORK OF THE DIVERSION SITE AT BLOCK BILHA IN DISTRICT BILASPUR (C.G.)

**Probable Amount of Contract: - Rs. 197.31 Lakhs**

(Probable Amount of Contract based on SOR 22.08.2022)

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 24.06.2025, at 17.31 Hours.(IST) onwards.

NOTE :- 1- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

2- It is mandatory for the tenderer to use the certificate issued for Pre Bid Qualification ( Valid up to 30.09.2025) in the year 2024 in this tender.

3. For Prequalification Submit Necessary document as mentioned in Tender Form B Clause 2.1.1(S. No.4&5) & ANNEXURE – I (P.Q. & Tender Form B Document )

G-252601632//5

Sd/- Executive Engineer
E/M L.M.T.W. & Gate Division
Sakri, Bilaspur (C.G.)

B-228

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

File No.-B-I-Tourism-07/2025 24050 / Bhubaneswar, the 19th June, 2025

Invitation for Bids
1st Corrigendum

Tender Reference No. C.E. (B) - 11 / 2025-26

Name of the Work : Development of Biraja Haat at Jajpur Town in District of Jajpur.

The following changes have been made in Bid Identification No. C.E. (B) - 11 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.02.07.2025 to 17.00 hours of dt.17.07.2025 instead of dt.20.06.2025 to dt.05.07.2025 for ONLINE BIDDING respectively.
2. Online bids shall be received till 17.00 Hours of dt.17.07.2025 instead of dt.05.07.2025.
3. The technical bids will be opened at 11.30 A.M. of dt.18.07.2025 instead of dt.07.07.2025.

All other terms and conditions remain unchanged.

OIPR 34117/11/0110/2526

Sd/-Chief Engineer (Buildings-I),
Odisha, Bhubaneswar

OFFICE OF THE SUPERINTENDING ENGINEER
RWS&S DIVISION, SAMBALPUR
Brooks Hill, Infront of VSS Stadium main gate, Pin- 768001
e- mail ID: eerwsssbp@gmail.com
SHORT QUOTATION CALL NOTICE No. 03/2025-26

O-317

Sealed Quotations are invited from interested reputed Travel agencies/ Tour operators/ Private individuals having valid GST and PAN Card for providing one number of AC diesel/ petrol driven vehicle BS-VI compliant having seating capacity not less than five including Driver (which shall confirm to the terms & conditions of the quotation call notice) for official use of the following offices for inspection of the official work on monthly rent basis.

| Sl. No. | Name of the Work | Type of vehicle | Fuel Used | Required No. | Sale of Quotation Document | Last Date to Drop of Quotation | Opening of Quotation |
|---|---|---|---|---|---|---|---|
| 1 | Hiring of one no. private vehicle for official use of the Asst. Executive Engineer, RWS&S Sub-Division, Rairakhol for the year 2025-26. | TUV 300/ Bolero/ Scorpio | Diesel | 01 (One) | 21.06.2025 At 10:00 am up to 30.06.2025 05:00 pm | 30.06.2025 Up to 05:00 pm | 01.07.2025 at 11:00 am |
| 2 | Hiring of one no. private vehicle for official use of the Asst. Executive Engineer, RWS&S Sub-Division, Kuchinda for the year 2025-26. | -do- | Diesel | 01 (One) | | | |

Further details can be seen from the DQCN.

OIPR 25015/11/0007/2526

Sd/- Superintending Engineer
RWS&S Division, Sambalpur

OFFICE OF THE CHIEF ENGINEER, MEGA LIFT
BHUBANESWAR
Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail: cemlpwr.od@gmail.com

A-292

Government of Odisha “e” Procurement Notice
Bid Identification No. 02ML/2025-26

On Line open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work**: Execution of 04 nos. of Lift Irrigation Schemes with intake points on Harabhangi River & Vansadhara River (Dhuapadar ISS, Karanpadu ISS & Pradhaniguda ISS) having Command area between 500Ha. to 2000 Ha. in **Cluster No. XXXV** in the district of Rayagada & Gajapati including its distribution network, up to 1 Ha Chak having total planned Culturable Command Area of 4,050 Ha. on “EPC –Turn Key” basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion**: 36 (Thirty-six) calendar months including rainy season.
3. **Date & time of availability of bid document in the portal** : 24.06.2025, 10 A.M.
4. **Last date/Time for receipt of bids in the portal** : 14.07.2025 up to 5.00 P.M
5. **Name & address of the officer inviting Bid** :Chief Engineer, Megalift A-8/2, Bhoi Nagar, Bhubaneswar,Pin – 751022

Further details can be seen from the e-procurement portal “https://tendersodisha.gov.in”

OIPR 32504/11/0048/2526

Sd/-Chief Engineer, Megalift
Bhubaneswar



ନୂଆଦିଲ୍ଲୀ: ଉତ୍ତରାଖଣ୍ଡର କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ବେଳେ ଆର୍ଯ୍ୟନ ଏଭିଏସନର ହେଲିକପ୍ଟର ଗୌରୀକୁଣ୍ଡ ଓ ସୋନପ୍ରୟାଗ ମଧ୍ୟରେ ଥିବା ଏକ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ପାଇଲଟଙ୍କ ସମେତ ସମସ୍ତ ୭ଜଣ ଯାତ୍ରୀ ଜଳି ଯାଇଥିଲେ। ଏହି ହେଲିକପ୍ଟର ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଧାମି ଆହ୍ୱାନ ମୋଡକୁ ଓହ୍ଲାଇ ବିଳମ୍ବିତ ରାତିରେ ଦୁଇ ବଡ଼ବଡ଼ ଅଧିକାରୀଙ୍କର ବଦଳି କରିଛନ୍ତି। ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟନ ସଚିବ ସଚିନ କୁର୍ବେ ଥିବା ବେଳେ ଅନ୍ୟ ଜଣେ ହେଉଛନ୍ତି ୟୁସିଏଡିଏ ସିଇଓ ସୋନିକା। ଉଭୟ ଅଧିକାରୀଙ୍କ ବଦଳିକୁ ହେଲିକପ୍ଟର ଦୁର୍ଘଟଣା ସହିତ ଯୋଡାଯାଇ କୁହାଯାଉଛି ଯେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ହେଲିକପ୍ଟର ଦୁର୍ଘଟଣାରେ ବହୁତ କ୍ରୋଧିତ ହୋଇ ଯାଇଛନ୍ତି।

## ଏମ୍ଏସିସିଆଇଏର ନବନିର୍ମିତ ମୁଖ୍ୟାଳୟକୁ ଉଦଘାଟନ କଲେ ଶାହ




କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ମୁମ୍ବାଇରେ ମହାରାଷ୍ଟ୍ର ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରି ଆଣ୍ଡ ଏଗ୍ରିକଲଚର (ଏମଏସିସିଆଇଏ) ର ନବନିର୍ମିତ ମୁଖ୍ୟାଳୟକୁ ଉଦଘାଟନ କରିଛନ୍ତି ଏବଂ ଏକ ରାଜ୍ୟସ୍ତରୀୟ ସମବାୟ ଶିଳ୍ପ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶ୍ରୀ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶ୍ରୀ ଶେଠ ୱାଲଚାନ୍ଦ ଜୀ ତାଙ୍କ ଜୀବନକାଳରେ ଯାହା କିଛି ଆରମ୍ଭ କରିଥିଲେ, ତାହା କେବଳ ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିନଥିଲା, ବରଂ ବର୍ଷ ବର୍ଷ ଧରି ଶିଳ୍ପ, ସମାଜ, ମହାରାଷ୍ଟ୍ର ଏବଂ ରାଷ୍ଟ୍ରର ସେବା ମଧ୍ୟ କରିଥିଲା। ସେ ଉଲ୍ଲେଖ କରିଥିଲେ ଯେ ଶ୍ରୀ ଶେଠ ୱାଲଚାନ୍ଦ ଜୀ ଜଣେ ଶିଳ୍ପପତି ଥିଲେ, ଯିଏ ନିଜର କମ୍ପାନୀଗୁଡ଼ିକର ବିକାଶ କରିବା ସହିତ ଦେଶର ଆବଶ୍ୟକତା ଉପରେ ମଧ୍ୟ ଧ୍ୟାନ ଦେଇଥିଲେ। ଶ୍ରୀ ଶାହ କହିଥିଲେ ଯେ ଯେତେବେଳେ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି କୌଣସି ଜିନିଷର ମୂଳଦୁଆ ପକାଇଥାନ୍ତି, ସେତେବେଳେ ସେ ନିଶ୍ଚିତ ଭାବେ ଦିବ୍ୟ ଆଶୀର୍ବାଦ ପାଇଥାନ୍ତି। କୌଣସି ଅନୁଷ୍ଠାନ ୧୦୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବା ଏବଂ ଏହାର ଶତବାର୍ଷିକୀ ପାଳନ କରିବା ଉଭୟ ଅନୁଷ୍ଠାନ ଏବଂ ସମାଜ ପାଇଁ ଗର୍ବର ବିଷୟ। ଶ୍ରୀ ଅମିତ ଶାହ କହିଥିଲେ ଯେ ଯେତେବେଳେ କୌଣସି ଅନୁଷ୍ଠାନ ୧୦୦ ବର୍ଷ ପୂରଣ କରିଥାଏ, ସେତେବେଳେ ଏହାର ପରମ୍ପରା, ନିୟମ ଏବଂ ପଦ୍ଧତି ପ୍ରାୟତଃ ପୁରୁଣା ହୋଇଯାଏ, କିନ୍ତୁ ଏହି ଶତବାର୍ଷିକୀ ବର୍ଷ କେବଳ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ ନୁହେଁ, ଏହା ଆତ୍ମ ବିଶ୍ଳେଷଣର ଏକ ସୁଯୋଗ ମଧ୍ୟ। ସେ ଉଲ୍ଲେଖ କରିଥିଲେ ଯେ ଆଜି ଦେଶରେ ଶିଳ୍ପ, ବାଣିଜ୍ୟ ଏବଂ କୃଷି କ୍ଷେତ୍ରରେ ପରିବର୍ତ୍ତନକାରୀ ପରିବର୍ତ୍ତନ ଆସିଛି, ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ପରିବର୍ତ୍ତନ ସହିତ ସମଗ୍ର ଅର୍ଥବ୍ୟବସ୍ଥା ଏବେ ବିଶ୍ୱସ୍ତରୀୟ ହୋଇଛି। ସେ କହିଥିଲେ ଯେ ନୀତି ନିର୍ଦ୍ଧାରଣରେ ପରିବର୍ତ୍ତନ ଏବଂ କାର୍ଯ୍ୟକାରିତାରେ ଅକ୍ଲାନ୍ତ ପ୍ରୟାସ କାରଣରୁ ଭାରତର ପାସପୋର୍ଟର ବୈଶ୍ୱିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ମହାରାଷ୍ଟ୍ରରେ ଅପାର ସମ୍ଭାବନା ରହିଛି ଏବଂ ଏହା ଏକ ପ୍ରକାରରେ ଦେଶର ଶିଳ୍ପ ବିକାଶର ପ୍ରତୀକ ଏବଂ ସୂଚକ। ସେଥିପାଇଁ ମୁମ୍ବାଇ ଭାରତର ଆର୍ଥିକ ରାଜଧାନୀ ହେବାର ସମ୍ମାନ ଅର୍ଜନ କରିଛି। ସେ କହିଥିଲେ ଯେ ଦେଶର ବିକାଶରେ ଯୋଗଦାନ ଦେବାରେ ମହାରାଷ୍ଟ୍ର କୌଣସି ପ୍ରୟାସ ଛାଡ଼ିନାହିଁ। ଶ୍ରୀ ଅମିତ ଶାହ କହିଥିଲେ ଯେ ୨୦୦୪ରୁ ୨୦୧୪ ମଧ୍ୟରେ ମହାରାଷ୍ଟ୍ରକୁ ୧ ଲକ୍ଷ ୯୧ ହଜାର କୋଟି ଟଙ୍କା ହସ୍ତାନ୍ତର ଏବଂ ସହାୟତା ଅନୁଦାନ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୪ରୁ ୨୦୨୪ ମଧ୍ୟରେ ରାଜ୍ୟକୁ ୭ ଲକ୍ଷ ୮୨ ହଜାର କୋଟି ଟଙ୍କା ଆବଣ୍ଟନ କରିଥିଲେ। ମୋଦୀ ସରକାର ଗତ ୧୧ ବର୍ଷ ମଧ୍ୟରେ ଦେଶର ସମସ୍ତ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି ଏବଂ ନୀତି ନିର୍ଦ୍ଧାରଣରେ ଅନେକ ପରିବର୍ତ୍ତନ ଆଣିଛନ୍ତି।

## ବିଶାଖାପାଟଣାର ଅନ୍ତର୍ଜାତୀୟ ଯୋଗ ଦିବସର ନେତୃତ୍ୱ ନେବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ୨୧ ଜୁନ୍ ୨୦୨୫ ରେ ମହାସମାରୋହରେ ପାଳନ ହେବାକୁ ଥିବା ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଜାତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ମୁଖ୍ୟ ସ୍ଥାନରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ସାଧାରଣ ଯୋଗ ପ୍ରୋଟୋକଲ (ସିୱାଇପି) ପ୍ରଦର୍ଶନ କରିବେ। ତାଙ୍କ ସହିତ ଭାରତର ବିଶ୍ୱ ସୁସ୍ଥତା ଦୃଷ୍ଟିକୋଣର ଏହି ବିଶାଳ ପ୍ରଦର୍ଶନରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଆୟୁଷ) ପ୍ରତାପରାଓ ଜାଧବ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଯୋଗଦେବେ ।ପ୍ରଧାନମନ୍ତ୍ରୀ ବିଶାଖାପାଟଣାର ନିର୍ଦ୍ଧାରିତ ସ୍ଥାନରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ସାଧାରଣ ଯୋଗ ପ୍ରୋଟୋକଲ (ସିୱାଇପି) ପ୍ରଦର୍ଶନ କରିବେ, ଯାହା 'ଯୋଗ ସଙ୍ଗମ' ପଦକ୍ଷେପ ଅଧୀନରେ ଦେଶର ୧୦ ଲକ୍ଷରୁ ଅଧିକ ସ୍ଥାନ ସହିତ ସମନ୍ୱୟ ରକ୍ଷା କରିବ । ଏହି ସାମୂହିକ ପ୍ରଦର୍ଶନ ସକାଳ ୬ ଟା ୩୦ ମିନିଟ୍ରୁ ସକାଳ ୭ ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଏଥିରେ ଦେଶର ସମସ୍ତ କୋଣ-ଅନୁକୋଣରୁ ଅଭୂତପୂର୍ବ ସମାବେଶର ଆଶା କରାଯାଉଛି । ଏକ ଅଭୂତପୂର୍ବ ସମାବେଶରେ, ରାଜ୍ୟର ୧ ଲକ୍ଷରୁ ଅଧିକ ସ୍ଥାନରେ ୨ କୋଟିରୁ ଅଧିକ ଲୋକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଆନ୍ଧ୍ରପ୍ରଦେଶ ସରକାର ଏହି ଉତ୍ସବକୁ ପାଳନ କରିବା ପାଇଁ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ପ୍ରୟାସ ମଧ୍ୟ କରୁଛନ୍ତି । ଏହା ସହିତ, ଆନ୍ଧ୍ରପ୍ରଦେଶ ସରକାର ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ ୫୦ ଲକ୍ଷରୁ ଅଧିକ ଯୋଗ ପ୍ରମାଣପତ୍ର ପ୍ରଦାନ କରିବେ, ଯାହା ଅନ୍ତର୍ଜାତୀୟ ଯୋଗ ଦିବସର ଏହି ଦଶନ୍ଧି ସଂସ୍କରଣକୁ ଭାରତର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଯାତ୍ରାରେ ଏକ ପ୍ରକୃତ ଐତିହାସିକ ମୁହୂର୍ତ୍ତ ଭାବରେ ପରିଗଣିତ କରିବ। ବିଶାଖାପାଟଣାରେ ପାଳନର ଅଂଶ ସ୍ୱରୂପ, ଆଜି ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ଏକ ଉଲ୍ଲେଖନୀୟ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଠାରେ ପ୍ରାୟ ୨୫,୦୦୦ ଆଦିବାସୀ ପିଲା ୧୦୮ ମିନିଟରେ ୧୦୮ଟି ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଇଁ ସାଧାରଣ ଅଂଶଗ୍ରହଣ ହାସଲ କରିବା ପାଇଁ ୧୦ ଟି ଦସ୍ତଖତ କାର୍ଯ୍ୟକ୍ରମ ଆରମ୍ଭ ହେବା ଫଳରେ ଦେଶ ଏବଂ ବିଦେଶରୁ ଅଭୂତପୂର୍ବ ପ୍ରତିକ୍ରିୟା ମିଳିଛି । ଦେଶରେ ଜୁନ୍ ମାସ ୨୧ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ୧ ଲକ୍ଷ ପଞ୍ଜୀକରଣ ଲକ୍ଷ୍ୟ ସତ୍ତ୍ୱେ, ୧୧ ଲକ୍ଷରୁ ଅଧିକ ସଂଗଠନ ଏବଂ ଗୋଷ୍ଠୀ ଆୟୁଷ ମନ୍ତ୍ରଣାଳୟର ଯୋଗ ପୋର୍ଟାଲ୍ ମାଧ୍ୟମରେ ନିଜ ନିଜ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିଛନ୍ତି । ରାଜସ୍ଥାନ ୨.୨୫ ଲକ୍ଷରୁ ଅଧିକ ପଞ୍ଜୀକରଣ କରି ତାଲିକାର ଶୀର୍ଷରେ ରହିଛି ଏବଂ ତା'ପରେ ଆଉ ତିନୋଟି ରାଜ୍ୟ ୧ ଲକ୍ଷ ପଞ୍ଜୀକରଣ ଲକ୍ଷ୍ୟ ଅତିକ୍ରମ କରିପାରିଛନ୍ତି।

## ଏସିୟୁ କ୍ୟାମ୍ପସ୍ ଉଦ୍‌ଘାଟନ କଲେ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କର୍ଣ୍ଣାଟକର ବେଙ୍ଗାଲୁରୁରେ ଆଦିଚୁଞ୍ଚନଗିରି ବିଶ୍ୱବିଦ୍ୟାଳୟ (ଏସିୟୁ) ର ବେଙ୍ଗାଲୁରୁ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆମ ସଂସ୍କୃତିର ମୂଳ ନୀତି ହେଉଛି 'ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ', ଯାହାର ଅର୍ଥ କେବଳ ନିଜ ବିଷୟରେ ନୁହେଁ ବରଂ ସମସ୍ତଙ୍କ କଲ୍ୟାଣ ଏବଂ ସୁଖ ବିଷୟରେ ମଧ୍ୟ ଚିନ୍ତା କରିବା। ସେ କହିଥିଲେ ଯେ ଶ୍ରୀ ଆଦିଚୁଞ୍ଚନଗିରି ମଠ ଗ୍ରାମରେ ସ୍ୱାସ୍ଥ୍ୟ କେନ୍ଦ୍ର ଚଳାଇ, ଗରିବଙ୍କ ପାଇଁ ମାଗଣା ଚିକିତ୍ସା ପ୍ରଦାନ କରି ଏବଂ ପିଲାମାନଙ୍କ ପାଇଁ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରି ଉତ୍କୃଷ୍ଟ କାର୍ଯ୍ୟ କରୁଛି। ଅମିତ ଶାହ କହିଥିଲେ ଯେ ୪୦୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ୧୬ ଏକର ଜମିରେ ୨୦ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ୨୦୦ କୋଟି ଟଙ୍କା ବ୍ୟୟରେ ଏକ କ୍ୟାମ୍ପସ ନିର୍ମାଣ କରାଯାଇଛି। ସେ ଉଲ୍ଲେଖ କରିଛନ୍ତି ଯେ ସମସ୍ତ ସ୍ୱାସ୍ଥ୍ୟସେବା ସୁବିଧା ସହିତ ସଜ୍ଜିତ ଏହି ୧୦୦୦ ଶଯ୍ୟା ବିଶିଷ୍ଟ ଆଧୁନିକ ଡାକ୍ତରଖାନା ଶିକ୍ଷା ସହିତ ଗରିବଙ୍କୁ ମାଗଣା ଏବଂ ସୁଲଭ ଚିକିତ୍ସା ପ୍ରଦାନ କରି ପ୍ରକୃତରେ ସେବାର ଏକ ମହାନ ମାଧ୍ୟମ ହେବ। ଶ୍ରୀ ଶାହ କହିଥିଲେ ଯେ ଶ୍ରୀ ଆଦିଚୁଞ୍ଚନଗିରି ମଠ କେବଳ ବ୍ୟକ୍ତିର ଆତ୍ମାର ଉନ୍ନତି ପାଇଁ ନୁହେଁ, ବରଂ ସମାଜର ଆତ୍ମାକୁ ଜାଗ୍ରତ କରିବା ପାଇଁ ମଧ୍ୟ ସମର୍ପିତ। ସେ କହିଥିଲେ ଯେ ଏଠାକାର ୧୫୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଅତି କମ୍ ଖର୍ଚ୍ଚରେ ଏବଂ ଗରିବଙ୍କ ପାଇଁ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ, ଯେଉଁଥିରେ ଗବେଷଣା କେନ୍ଦ୍ର, ହୃଦରୋଗ, ସ୍ନାୟୁଶଲ୍ୟଚିକିତ୍ସା, କର୍କଟ ଏବଂ ଏପରିକି ବୃକକ୍, ଯକୃତ ଏବଂ କର୍ଣ୍ଣିଆ ପ୍ରତିରୋପଣ ଅନ୍ତର୍ଭୁକ୍ତ।ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ହେବା ପରେ ଶ୍ରୀ ନରେନ୍ଦ୍ର ମୋଦୀ ସେହି ପ୍ରତିଶ୍ରୁତି ପୂରଣ କରିଥିଲେ ଏବଂ ଆଜି ଭାରତ ସରକାର ୬୦କୋଟି ଅଭାବୀ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପ୍ରଦାନ କରୁଛନ୍ତି। ଏହାବ୍ୟତୀତ, ପ୍ରଧାନମନ୍ତ୍ରୀ ଜନଔଷଧି ଯୋଜନା ଅଧୀନରେ ୧୫,୦୦୦ ସ୍ଥାନରେ ବଜାର ମୂଲ୍ୟର ୨୦% ମୂଲ୍ୟରେ ସମସ୍ତ ଔଷଧ ଉପଲବ୍ଧ କରାଯାଉଛି।

## ରାସନ କାର୍ଡ ପାଇଁ କେୱାଇସି ଅବଧି ୩୦ଯାଏଁ : ବିଷ୍ଣୁଦେବ



ରାୟପୁର: ଭାରତ ସରକାରଙ୍କ ଏକ ରାଷ୍ଟ୍ର, ଏକ ରାସନ କାର୍ଡ ଯୋଜନା ଅନ୍ତର୍ଗତ ଛତିଶଗଡ ରାଜ୍ୟରେ ଆଧାର ପ୍ରମାଣିକରଣ ଆଧାରିତ ଖାଦ୍ୟ ବିତରଣ ସୁନିଶ୍ଚିତ କରାଯାଉଛି। ଏହି ପ୍ରକ୍ରିୟାକୁ ସୁଚାରୁରୂପେ ଲାଗୁ କରିବା ପାଇଁ ସାର୍ବଜନିକ ବିତରଣ ପ୍ରଣାଳୀରେ ଯୋଡ଼ି ହୋଇ ରାସନ କାର୍ଡଧାରୀଙ୍କୁ କେୱାଇସି କରିବା ଜରୁରୀ ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ବର୍ତ୍ତମାନ ଛତିଶଗଡରେ ୮୧.୫୬ଲକ୍ଷ ରାସନ କାର୍ଡ ଚାଲୁ ରହିଛି। ଯେଉଁଥିରେ ୨.୭୩କୋଟି ସଦସ୍ୟ ପଞ୍ଜିକୃତ ହୋଇଛନ୍ତି। ସେହିପରି ୨.୩୫କୋଟି ସଦସ୍ୟ କେୱାଇସି ଶେଷ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୮ଲକ୍ଷ ସଦସ୍ୟଙ୍କ କେୱାଇସି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମ ଅନୁଯାୟୀ ୫ବର୍ଷରୁ କମ୍ ବର୍ଷର ଶିଶୁଙ୍କ କେୱାଇସି କରାଯିବ ନାହିଁ। ଛତିଶଗଡର ଖାଦ୍ୟ ସଚିବ ରୀନା କଙ୍ଗାଲେ କହିଛନ୍ତି ଯେ, ରାଜ୍ୟର ସମସ୍ତ ରାସନ ଦୋକାନରେ ମୂଲ୍ୟ ବୋର୍ଡ ଟଙ୍ଗା ଯାଉଛି। ଏହି ସବୁ ରାସନ ଦୋକାନରେ କେୱାଇସି ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି। ଏହାଛଡା ଭାରତ ସରକାରଙ୍କ ଦ୍ୱାରା ବିକଶିତ ମେରା କେ ୱାଇସି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମଧ୍ୟ ହିତାଧିକାର ନିଜ ସ୍ମାର୍ଟ ଫୋନରେ ଘରେ ବସି କରିପାରିବେ। ଏହି ଆପ୍ ମାଧ୍ୟମରେ ଇକେୱାଇସି କରିବା ପାଇଁ ଏଣ୍ଡ୍ରାଇଲ ମୋବାଇଲରେ ଗୁଗୁଲ ପ୍ଲେ ଷ୍ଟୋରକୁ ଯାଇ ଆପ୍ ଡାଉନଲୋଡ କରି ହିତାଧିକାରୀମାନେ ନିଜର ଆଧାର ନମ୍ବର, ଆଧାର ଓଟିପି ମାଧ୍ୟମରେ ମଧ୍ୟ କେୱାଇସି କରିପାରିବେ। ସେ ସମସ୍ତ ହିତାଧିକାରୀଙ୍କୁ ନିବେଦନ କରିଥିଲେ ଯେ, ଆସନ୍ତା ୩୦ତାରିଖ ସୁଦ୍ଧା ରାସନ ସାମଗ୍ରୀ ପାଇଁ ଇକେୱାଇସି କରିବା ଜରୁରୀ।

# ବାଣିଜ୍ୟ



ମୁମ୍ବାଇ : ଗୁଜରାଟର ଅହମଦାବାଦରେ ଜୁନ ୧୨ ତାରିଖ ଦିନ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସ ପ୍ରତି ଯାତ୍ରୀଙ୍କ ଆସ୍ଥା ତୁଟିଯାଇଛି। ଇଣ୍ଡିଆନ ଆସୋସିଏସନ ଅଫ ଟୁର ଅପରେଟର୍ସ (ଆଇଏଟିଓ) ଅଧ୍ୟକ୍ଷଙ୍କ ଅନୁସାରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଘରୋଇ ଓ ଅନ୍ତର୍ଜାତୀୟ ଉଡାଣ ବୁକିଂରେ ୨୦% ହ୍ରାସ ଦେଖାଯାଇଛି। ଘଟଣାର ତୁରନ୍ତ ବାଦ ଅନ୍ତର୍ଜାତୀୟ ରୁଟରେ ୧୮-୨୨% ଓ ଘରୋଇ ମାର୍ଗରେ ୧୦-୧୨% ବୁକିଂ ହ୍ରାସ ଦେଖାଯାଇଛି। ଏହି ହ୍ରାସ ସ୍ୱଳ୍ପ କାଳିକ ଓ ମନୋବୈଜ୍ଞାନିକ କାରଣରୁ ବୋଲି ଅନୁମାନ କରାଯାଉଛି। ତେବେ ଏହାର ପ୍ରଭାବ ଏୟାରଲାଇନ୍ସର ଛବି ଓ ରାଜସ୍ୱ ଉପରେ ପଡୁଛି। ବୁକିଂରେ ଏପରି ହ୍ରାସ ଦେଖି ଏୟାର ଇଣ୍ଡିଆ ଏହାର ମୁଖ୍ୟ ମାର୍ଗରେ ଭଡା ହ୍ରାସ କରିଛି। ଆଇଏଟିଓ ଅନୁସାରେ ଘରୋଇ ମାର୍ଗରେ ହାରାହାରି ୮-୧୨% ଓ ଦକ୍ଷିଣ-ପୂର୍ବ ଏସିଆ ଭଳି ଅନ୍ତର୍ଜାତୀୟ ଗନ୍ତବ୍ୟ ନିମନ୍ତେ ୧୦-୧୫% ପର୍ଯ୍ୟନ୍ତ ଭଡ଼ା ହ୍ରାସ କରାଯାଇଛି।

## ଓପିଜିସିକୁ ଇକୋନୋମିକ ଟାଇମ ରୌପ୍ୟ ପୁରସ୍କାର



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଏକ ଐତିହାସିକ ସଫଳତା ସ୍ୱରୂପ, ଓଡିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି)କୁ ଟେକ୍ନୋଲୋଜି କ୍ଷେତ୍ରରେ ନେତୃତ୍ୱ ପାଇଁ ଇକୋନୋମିକ ଟାଇମ ରୌପ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ୧୯ ଜୁନ୍, ୨୦୨୫ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଦେଶର ପ୍ରମୁଖ ସରକାରୀ ଉଦ୍ୟୋଗମାନେ ଯୋଗଦେଇଥିଲେ, ଯେଉଁଥିରେ ଭାରତର ୫୦ରୁ ଅଧିକ ପ୍ରମୁଖ ସରକାରୀ ଉଦ୍ୟୋଗ ମାନଙ୍କ ସହିତ ପ୍ରତିଯୋଗିତା କରି ଓପିଜିସି ନବୀକରଣ ଏବଂ ପରିଚାଳନା ଉତ୍କର୍ଷର ପ୍ରତୀକ ଭାବେ ଏହି ରୌପ୍ୟ ପୁରସ୍କାର ପ୍ରାପ୍ତ କରିଛି। ଓପିଜିସିର ଅଗ୍ରଣୀ ଡିଜିଟାଲ୍ ପଦକ୍ଷେପଗୁଡ଼ିକ ଏହାକୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ଭାବେ ସ୍ଥାପିତ କରିଛି। ପୁରସ୍କାର ଜୁରି ଓପିଜିସିକୁ OSI PI Historian, ରିଅଲ୍-ଟାଇମ୍ ଆନାଲିଟିକ୍ସ ପ୍ଲାଟଫର୍ମ ଏବଂ ଉନ୍ନତ ପ୍ରକ୍ରିୟା ଅଟୋମେସନ୍ ଭଳି ପରିବର୍ତ୍ତନକାରୀ ଟେକ୍ନୋଲୋଜିର ଉପଯୋଗ ଦ୍ୱାରା ପ୍ଲାଣ୍ଟ ପରିଚାଳନାକୁ ନୂତନ ସ୍ତରକୁ ନେବା ଏବଂ ଦକ୍ଷତାରେ ଉଲ୍ଲେଖନୀୟ ବୃଦ୍ଧି କରିଥିବା ଯୋଗୁଁ ଏହି ପୁରସ୍କାରରେ ସମ୍ମାନିତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ, ପରିଚାଳନା ନିର୍ଦ୍ଦେଶକ କେଦାରରଞ୍ଜନ ପାଣ୍ଡୁ, , ନିର୍ଦ୍ଦେଶକ (ଅପରେସନ) ଏ.ଆର. ଦାଶ, ଏବଂ ବରିଷ୍ଠ ଉପାଧ୍ୟକ୍ଷ ସୁକାନ୍ତ ମହାପାତ୍ର, ଓପିଜିସିର ସଭିଙ୍କୁ ହୃଦୟ ପୂର୍ବକ ଅଭିନନ୍ଦନ ଜଣାଇଛନ୍ତି। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ଓପିଜିସି ତରଫରୁ ପୁରସ୍କାର ଗ୍ରହଣ କରିଥିଲେ ଜେନେରାଲ ମ୍ୟାନେଜର (ଅପେରସନ) ସୁଧାକର ସ୍ୱାଇଁ ଏବଂ ମ୍ୟାନେଜର (ଇଞ୍ଜିନିୟରିଂ) ପ୍ରଭୁପାଦ ଆଚାର୍ଯ୍ୟ। ଏହି ଜାତୀୟ ସମ୍ମାନ ଓପିଜିସିର ଉନ୍ନତି ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ବ୍ୟବହାରର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି ଏବଂ ଅନ୍ୟ ସରକାରୀ ଉଦ୍ୟୋଗମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି।

## ଟ୍ରାନ୍ସୟୁନିୟନ୍ ସିବିଲ୍ ପକ୍ଷରୁ କ୍ରେଡିଟ୍ ଭିଜନ ସିବିଲ୍ କମର୍ସିଆଲ୍ ର୍ୟାଙ୍କର ଶୁଭାରମ୍ଭ

ନୂଆଦିଲ୍ଲୀ: ବ୍ୟାଙ୍କଗୁଡ଼ିକୁ ସହଯୋଗ କରିବା ଏବଂ ଭାରତର ବାଣିଜ୍ୟିକ ବ୍ୟବସାୟ ବର୍ଗରେ ଦୃଢ଼ ଋଣ ଅଭିବୃଦ୍ଧିକୁ ବଢ଼ାଇବା ଲାଗି ଟ୍ରାନ୍ସୟୁନିୟନ୍ ସିବିଲ୍ ପକ୍ଷରୁ ପରବର୍ତ୍ତୀ ପିଢ଼ିର ଋଣ ଅନୁଶୀଳନ ମଡେଲ୍ କ୍ରେଡିଟ୍ ଭିଜନ ସିବିଲ୍ କମର୍ସିଆଲ୍ ର୍ୟାଙ୍କ (ସିଭି-ସିଏମ୍ଆର୍) ଉନ୍ମୋଚନ କରାଯାଇଛି। ସିଭି-ସିଏମଆର୍ ଋଣ ପ୍ରଦାନକାରୀମାନଙ୍କୁ ଗ୍ରାହକଙ୍କ ଋଣ ଆଚରଣ ଉପରେ ଗଭୀର ସୂଚନା ପ୍ରଦାନ କରିବ ଯାହା ଫଳରେ ବାଣିଜ୍ୟିକ ଋଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ହୋଇପାରିବ। ଟ୍ରାନ୍ସୟୁନିଅନ୍ ସିବିଲ୍ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭବେଶ ଜୈନ କହିଛନ୍ତି ଯେ, 'ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଭାରତର ଏମଏସଏମଇ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଯାହା ନିଯୁକ୍ତି, ନବସୃଜନ ଏବଂ ଆଂଚଳିକ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରୁଛି। ସିଭି ସିଏମଆର ଋଣ ପ୍ରଦାନକାରୀମାନଙ୍କୁ ଦ୍ରୁତ, ଅଧିକ ସୂଚିତ ନିଷ୍ପତି ନେବାର କ୍ଷମତା ପ୍ରଦାନ କରିବା ସହ ବାଣିଜ୍ୟିକ ବ୍ୟବସାୟଗୁଡିକ ପାଇଁ ଋଣ ପ୍ରକ୍ରିୟାକୁ ସୁଗମ କରିବ। ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ଅର୍ଥନୈତିକ ସମୃଦ୍ଧି ପାଇଁ ଆବଶ୍ୟକ ପୁଂଜିକୁ ଯୋଗ୍ୟ ବ୍ୟବସାୟଗୁଡ଼ିକ ପାଖରେ ପହଂଚାଇ ଏହା ଏକ ଆତ୍ମନିର୍ଭର ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ପ୍ରତି ଯୋଗଦାନ ପ୍ରଦାନ କରିବ।ଟାଟା କ୍ୟାପିଟାଲ୍ ଲିମିଟେଡ୍ର ଏମଡି ଏବଂ ସିଇଓ ରାଜୀବ ସାବରୱାଲ୍ କହିଛନ୍ତି ଯେ, 'ଆମେ ଖୁସି ଯେ ଟ୍ରାନ୍ସୟୁନିଅନ୍ ସିବିଲ୍ ନିଜର ପ୍ରମୁଖ ସିଏମଆରକୁ ଉନ୍ନତ କରି ସିଭି ସିଏମଆର ଉନ୍ମୋଚନ ସହିତ ବଜାରର ନୂତନ ପରିବର୍ତନଗୁଡ଼ିକୁ ସାମିଲ କରିଛି। ଏସ୍‌ଭିସି କୋଅପରେଟିଭ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ରବିନ୍ଦର ସିଂହ କହିଛନ୍ତି ଯେ, 'ଟ୍ରାନ୍ସୟୁନିଅନ୍ ସିବିଲ୍ର ସିଏମ୍ଆର୍ ଆମକୁ ଆମର କ୍ରେଡିଟ୍ ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଗମ କରିବା ଏବଂ ଯୋଗ୍ୟ ବ୍ୟବସାୟଗୁଡ଼ିକୁ ଅଧିକ ଦ୍ରୁତ ଏବଂ ସ୍ୱଳ୍ପ ମୂଲ୍ୟରେ ଋଣ ଉପଲବ୍ଧ କରାଇବାରେ ବହୁତ ସାହାଯ୍ୟ କରିଛି। ଆମ୍ବିଟ୍ ଫିନଭେଷ୍ଟର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଞ୍ଜୟ ଅଗରୱାଲ କହିଛନ୍ତି ଯେ, 'ସିଏମଆର ଆମ ଶାଖାଗୁଡ଼ିକରେ ଛୋଟ ବ୍ୟବସାୟ ଋଣ ପ୍ରଦାନକୁ ଅଧିକ ବ୍ୟବସ୍ଥିତ କରିବାରେ ସାହାଯ୍ୟ କରିଛି।

## ଜେନେରେଟିଭ ନିବେଶ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ: ଭାରତରେ ଜେନେରେଟିଭ ଏଆଇ (ଜେନ୍ଏଆଇ)ର ଗ୍ରହଣୀୟତା ୨୦୨୪ରେ ବୃଦ୍ଧି ପାଇଛି। ଆମାଜନ ୱେବ ସର୍ଭିସେସ୍ (ଏଡବ୍ଲ୍ୟୁଏସ) ପକ୍ଷରୁ ଅକ୍ସେସ ପାର୍ଟନରସିପ ସହ ସହଭାଗିତାରେ ପରିଚାଳନା କରାଯାଇଥିବା ଏକ ଅଧ୍ୟୟନର ଫଳାଫଳ ଏ ତଥ୍ୟ ଜଣାପଡ଼ିଛି । ଏହାମଧ୍ୟରୁ ଏକ ଶୀର୍ଷ ନିଷ୍କର୍ଷ ହେଉଛି, ଭାରତର ୮୩% ସଂସ୍ଥା ଗ୍ରହଣକୁ ତ୍ୱରାନ୍ୱିତ କରିବା ଓ କାର୍ଯ୍ୟାନ୍ୱୟନ ଜଟିଳତାକୁ ପରିଚାଳନା କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଏଆଇ ଏକ୍‌ଜିକ୍ୟୁଟିଭ ବା ଚିଫ୍ ଏଆଇ ଅଫିସର (ସିଏଆଇଓ)ଙ୍କୁ ନିଯୁକ୍ତ କରୁଛନ୍ତି ଏବଂ ଅନ୍ୟ ୧୫% ସଂସ୍ଥା ୨୦୨୬ ସୁଦ୍ଧା ଏଭଳି କରିବାକୁ ଯୋଜନା ରଖିଛନ୍ତି। 'ଜେନେରେଟିଭ ଏଆଇ ଆଡପ୍ସନ ଇଣ୍ଡେକ୍ସ' ନାମକ ଏହି ରିସର୍ଚ୍ଚ ଷ୍ଟଡି, ଜେନ ଏଆଇର ପରୀକ୍ଷଣରୁ ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସଫଳତାର ସହ ସ୍ଥାନା'ର ହୋଇଥିବା ସଂସ୍ଥାଗୁଡିକର ଶୈଳୀ ଓ ତଥ୍ୟକୁ ସୂଚିତ କରିଛି, ଯାହା ବ୍ୟବସାୟ ମୂଲ୍ୟକୁ ବୃଦ୍ଧି କରିବା ପାଇଁ କାର୍ଯ୍ୟକ୍ଷମ ରଣନୀତିଗୁଡିକୁ ଉନ୍ମୋଚନ କରୁଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ), ମୁଖ୍ୟ ବୈଷୟିକ ଅଧିକାରୀ (ସିଟିଓ) ଓ ମୁଖ୍ୟ ଉଭାବନ ଅଧିକାରୀ (ସିଆଇଓ)ମାନେ ବର୍ତମାନ ଅଧିକାଂଶ ଜେନେରେଟିଭ ଏଆଇ ଉଭାବନ ପଦକ୍ଷେପର ନେତୃତ୍ୱ ନେଉଥିବା ବେଳେ, ନୂତନ ଚାହିଦାକୁ ପୂରଣ କରିବା ଏବଂ ସଂସ୍ଥାଗୁଡିକର ସର୍ବୋଚ୍ଚ ସ୍ତରରେ ଏଆଇ-ଦକ୍ଷ ପ୍ରତିଭାଙ୍କ ପାଇଁ ନୂଆ କ୍ୟାରିୟର ସୁଯୋଗ ସୃଷ୍ଟି କରିବା ଲାଗି ନେତୃତ୍ୱ ଢାଂଚାଗୁଡିକ ବିକଶିତ ହେଉଛି। ଜଣେ ସମର୍ପିତ ଏଆଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିଯୁକ୍ତି ହେଉଛି ୨୦୨୫ ପାଇଁ ସଂସ୍ଥାଗୁଡିକ ନିଜ ବଜେଟରେ ଜେନ ଏଆଇକୁ ଶୀର୍ଷ ପ୍ରାଥମିକତା (୬୪%) ଦେବାର ଫଳ, ଏହାପରେ ସୁରକ୍ଷା (୨୧%) ଓ କମ୍ପ୍ୟୁଟ (୧୦%)ର ସ୍ଥାନ ରହିଛି। ଏ ସମ୍ପର୍କରେ ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ସଲ୍ୟୁଶନ ଆର୍କିଟେକ୍ଚର ବିଭାଗର ମୁଖ୍ୟ ସତିନ୍ଦର ପାଲ୍ ସିଂହ କହିଛନ୍ତି, 'ଆମେ ଏଆଇର ବର୍ଦ୍ଧିତ ସ୍ୱୀକୃତିକୁ ଏକ ପରିବର୍ତନଶୀଳ ଟେକ୍ନୋଲୋଜି ଭାବେ ଦେଖୁଛୁ। ଭାରତ ପାଇଁ ଏହା କେବଳ ଏକ ଟେକ୍ନୋଲୋଜି ଗ୍ରହଣୀୟତା ନୁହେଁ ବରଂ ଏହା ନିର'ର ଉଭାବନର ମାନସିକତା ସୃଷ୍ଟି କରିବା ଏବଂ ଗ୍ରାହକଙ୍କ ଅନୁଭୂତିକୁ ଉନ୍ନତ କରିବା ଓ କାର୍ଯ୍ୟଗୁଡିକର ଶୈଳୀକୁ ପୁନଃନିର୍ମାଣ କରିବା ପାଇଁ ଏକ ରଣନୈତିକ ପରିଚାଳକ ଭାବେ ଏଆଇର ଉପଯୋଗ କରିବା ସହ ଜଡ଼ିତ।' ସଂସ୍ଥାଗୁଡିକୁ ଜେନ ଏଆଇର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ପାଇଁ ଏଡବ୍ଲ୍ୟୁଏସ୍ ଜେନେରେଟିଭ ଏଆଇ ଇନୋଭେଶନ ସେଂଟରର ଶୁଭାରମ୍ଭ କରିଛି । ଏହା ଏକ ୧୦୦ ମିଲିୟନ ଡଲାରର ନିବେଶ ଯାହା ସଂସ୍ଥାଗୁଡିକୁ ମାଗଣା କର୍ମଶାଳା, କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ମାଧ୍ୟମରେ ଏଡବ୍ଲ୍ୟୁଏସ୍ ଏଆଇ ବିଶେଷଜ୍ଞଙ୍କ ସହ ସଂଯୋଜିତ କରିବ। ଏଡବ୍ଲ୍ୟୁଏସ୍ ବିସ୍ତୃତ ତାଲିମ ପଦକ୍ଷେପ ଯେପରିକି ଏଡବ୍ଲ୍ୟୁଏସ ସ୍କିଲ ବିଲ୍ଡର ମାଧ୍ୟମରେ ଜରୁରୀ ଏଆଇ ଦକ୍ଷତା ଅନ୍ତରକୁ ଦୂର କରୁଛି। ଏଡବ୍ଲ୍ୟୁଏସ୍ ସ୍କିଲ ବିଲ୍ଡର , ୨୦୨୫ ସୁଦ୍ଧା ଏଆଇ ଓ ମେଶିନ ଲର୍ଣ୍ଣିଂ କ୍ଷେତ୍ରରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କୁ ତାଲିମ ପ୍ରଦାନ କରିବା ନେଇ ଏଡବ୍ଲ୍ୟୁଏସର ପ୍ରତିଶ୍ରୁତିବଦ୍ଧତାର ଅଂଶ ଭାବେ ୮୦ରୁ ଅଧିକ ମାଗଣା ଜେନ ଏଆଇ ପାଠ୍ୟକ୍ରମ ଓ ଶିକ୍ଷା ମାର୍ଗ ପ୍ରଦାନ କରୁଛି।

## ରୟାଲ ଷ୍ଟାଗ ବ୍ୟାରେଲ ସିଲେକ୍ଟ ସର୍ଟସର ନୂଆ ଅଭିଯାନ

ନୂଆଦିଲ୍ଲୀ : ଭାରତର ସର୍ବୋତମ କ୍ଷୁଦ୍ର ଚଳଚ୍ଚିତ୍ର କାହାଣୀ ପାଇଁ ସମୀକ୍ଷକ ଭାବରେ ପ୍ରଶଂସିତ ପ୍ଲାଟଫର୍ମ, ରୟାଲ୍ ଷ୍ଟାଗ୍ ବ୍ୟାରେଲ୍ ସିଲେକ୍ଟ ସର୍ଟସ୍ ଏହାର ନୂତନ ବିଷୟବସ୍ତୁ ଅଭିଯାନ, ଫର୍ ଦି ସିଲେକ୍ଟ ୱାନ୍ସକୁ ଶୁଭାରମ୍ଭ କରିଛି। ଯେଉଁଥିରେ ପ୍ରସିଦ୍ଧ କଳାକାର ରାଜକୁମାର ରାଓ ଏବଂ ପତ୍ରଲେଖା ସାମିଲ୍ ହୋଇଛନ୍ତି। ଏଫସିବି ନିଓ ଦ୍ୱାରା ସଂକଳ୍ପିତ, ଏହି ଅଭିଯାନ ସେମାନଙ୍କ ପାଇଁ ଏକ ଶ୍ରଦ୍ଧାଳି ଯେଉଁମାନେ ସଫଳତାର ଯାତ୍ରାରେ ନିର'ର ପ୍ରଗତିକୁ ପସନ୍ଦ କରନ୍ତି - ସେମାନଙ୍କର ମୂଲ୍ୟବୋଧ ଏବଂ ଆକାଂକ୍ଷା ପ୍ରତି ସତ୍ୟ ରହିବା ସହିତ ଜ୍ଞାନ ପାଇଁ ସର୍ବଦା ଆଗ୍ରହ ରଖିଥାନ୍ତି। ବର୍ଷ ବର୍ଷ ଧରି ଏହି ପ୍ଲାଟଫର୍ମ ଭାରତର ସବୁଠାରୁ ପ୍ରସିଦ୍ଧ କଳାକାର ଏବଂ ଚଳଚ୍ଚିତ୍ର ନିର୍ମାତା-ସୁଜୋୟ ଘୋଷ, ଅନୁରାଗ କଶ୍ୟପ, ନୀରଜ ଘାୟୱାନ, ଦିବାକର ବାନାର୍ଜୀ ଏବଂ ତିଗମାଂଶୁ ଧୂଳିଆଙ୍କ ସହିତ ସହଯୋଗ କରିଛି । ପ୍ରତ୍ୟେକେ ଏକ ପରିଷ୍କୃତ କଳାତ୍ମକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ଭିନ୍ନ, ଚି'ାପ୍ରବଣ କାହାଣୀରେ ଯୋଗଦାନ କରୁଛନ୍ତି। ରାଜକୁମାର ରାଓ ଏବଂ ପତ୍ରଲେଖା - ଉଭୟ ସେମାନଙ୍କର ଭିନ୍ନ ପସନ୍ଦ ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜଣାଶୁଣା । ଏମାନଙ୍କୁ ଏକାଠି କରି ଏହି ଅଭିଯାନ ବ୍ରାଣ୍ଡର ଦର୍ଶକଙ୍କ ସହିତ ଆବେଗିକ ସମ୍ପର୍କକୁ ଆହୁରି ଗଭୀର କରିଛି। ଅଭିଯାନ ବିଷୟରେ ସୂଚନା ପ୍ରଦାନ କରି ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ କାର୍ତିକ ମୋହିନ୍ଦ୍ରା କହିଛନ୍ତି ଯେ, 'ରୟାଲ ଷ୍ଟାଗ ବ୍ୟାରେଲ ସିଲେକ୍ଟ ସର୍ଟସ୍ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବାରେ ବିକଶିତ ହୋଇଛି ଯାହା ଜିଜ୍ଞାସୁ ଏବଂ ବିଚକ୍ଷଣ ଦର୍ଶକଙ୍କ ପାଇଁ ବିଶ୍ୱସ୍ତରୀୟ କାହାଣୀ ଆଣିଥାଏ, ଏହିପରି ଭାରତରେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ଗନ୍ତବ୍ୟସ୍ଥଳ ପାଲଟିଛି। ଆମର ନୂତନ ଅଭିଯାନ, 'ଫର୍ ଦି ସିଲେକ୍ଟ ୱାନ୍ସ' ସହିତ, ଆମେ ଆମର ବ୍ରାଣ୍ଡର ଚୟନିତ କାହାଣୀ କହିବା ଯାତ୍ରାର ଏହି ପରବର୍ତୀ ଅଧ୍ୟାୟକୁ ଜାରି ରଖିଛୁ ଯେଉଁମାନେ ସେମାନଙ୍କର ସ୍ୱତନ୍ତ୍ର ପସନ୍ଦ ମାଧ୍ୟମରେ ସଫଳତାକୁ ମୂର୍ତିମନ୍ତ କରନ୍ତି।' 'ଏହି ଫିଲ୍ମଟି ଉତ୍କୃଷ୍ଟ ଭାବରେ ବାଛିବାର କଳା ପ୍ରତି ଏକ ନୀରବ ଶ୍ରଦ୍ଧାଳି।' ବୋଲି ଏଫସିବି ନିଓର ସିସିଓ ମୟୂରେଶ ଦୁଭାଶୀ ପ୍ରକାଶ କରିଛନ୍ତି। ସେହିଭଳି ରାଜକୁମାର ରାଓ ତାଙ୍କ ଚିନ୍ତାଧାରା ବାଂଟି କହିଛନ୍ତି, ମୁଁ ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର ଅଭିଯାନର ଅଂଶ ହୋଇଥିବାରୁ ଗର୍ବିତ ଯାହା ବିବେଚନାମୂଳକ ପସନ୍ଦର ଶକ୍ତିକୁ ପାଳନ କରେ।' ନିଜ ଦୃଷ୍ଟିକୋଣ ପ୍ରକାଶ କରି ପତ୍ରଲେଖା କହିଛନ୍ତି, 'ମୁଁ ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ସର୍ଟସର କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକୁ ସେମାନଙ୍କର ଗଭୀରତା, କାରିଗରୀ ଏବଂ କାହାଣୀ କହିବା ପାଇଁ ଦୀର୍ଘ ସମୟ ଧରି ପ୍ରଶଂସା କରିଆସିଛି। ବିବେଚନା ଏବଂ ଉତ୍କର୍ଷତାକୁ ଚାମ୍ପିଅନ କରୁଥିବା ଏକ ବ୍ରାଣ୍ଡ ସହିତ ସହଯୋଗ କରି ମୁଁ ସମ୍ମାନିତ ଅନୁଭବ କରୁଛି।'

## ଷ୍ଟାର ୟୁନିୟନ୍ ଲାଇଫ୍ ଇନ୍ସୁରେନ୍ସ ପଲିସୀବଜାର ସହ ଭାଗୀଦାରି



ନୂଆଦିଲ୍ଲୀ: ଷ୍ଟାର ୟୁନିୟନ ଡାଇ-ଇଚି ଲାଇଫ୍ ଇନ୍ସୁରେନ୍ସ କମ୍ପାନୀ ଲିମିଟେଡ୍ ପଲିସୀବଜାର ସହିତ ଭାଗୀଦାରି କରିଛି। ଯାହା ମାଧ୍ୟମରେ 'ଏସ୍‌ୟୁଡି ଲାଇଫ୍ ନିଫ୍ଟି ଆଲଫା ୫୦ ଇଣ୍ଡେକ୍ସ ପେନ୍ସନ୍ ଫଣ୍ଡ'' ପ୍ରଦାନ କରାଯିବ। ଯାହା ହେଉଛି ଏକ ନୂତନ, ଉଚ୍ଚ ସମ୍ଭାବନା ସମ୍ପନ୍ନ ଇକ୍ୱିଟି ଫଣ୍ଡ ଯାହା 'ଏସ୍‌ୟୁଡି ଲାଇଫ୍ ପେନ୍ସନ୍ ପ୍ଲସ୍ ୟୁଲିପ୍', ପେନ୍ସନ୍ ପ୍ରଡକ୍ଟ ପାଇଁ ଡିଜାଇନ୍ କରାଯାଇଛି। ଏହି ନବୀନ ଫଣ୍ଡ ଗ୍ରାହକମାନେ ଦୀର୍ଘକାଳୀନ ଧନ ସୃଷ୍ଟି ପାଇଁ ଏକ ରଣନୈତିକ ଅବସର ମାଧ୍ୟମରେ ସଶକ୍ତ ହେବାକୁ ସାହାଯ୍ୟ କରିବ। ଏହି ଫଣ୍ଡ ନିବେଶକମାନେ ଭାରସାଯୋଗ୍ୟ ଅବସର ସୃଷ୍ଟି କରିବା ସହିତ ଭାରତର ବଜାର ବୃଦ୍ଧି ଗାଥାରେ ସକ୍ରିୟ ଭାଗିଦାର ହେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଦେଇଥାଏ, ଯାହା ତାଙ୍କ ଅବସର ସଞ୍ଚୟକୁ ମଜବୁତ କରିପାରିବ। ଉଦଘାଟନ ଅବସରରେ ମନ୍ତବ୍ୟ କରିବା ସମୟରେ, ଷ୍ଟାର ୟୁନିୟନ ଡାଇ-ଇଚି ଲାଇଫ୍ ଇନ୍ସୁରେନ୍ସ କମ୍ପାନୀ ଲିମିଟେଡ୍ର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ, ଅଭୟ ତିୱାରୀ କହିଲେ: 'ଏସ୍‌ୟୁଡି ଲାଇଫ ନିଫ୍ଟି ଆଲଫା ୫୦ ଇଣ୍ଡେକ୍ସ ପେନ୍ସନ୍ ଫଣ୍ଡ ସହିତ, ଆମେ ଗ୍ରାହକମାନେ ପାଇଁ ଏକ ରଣନୈତିକ ଆସେଟ୍ ପ୍ରସ୍ତୁତ କରୁଛୁ। ଏହି ଫଣ୍ଡ ହେଉଛି ଦୀର୍ଘକାଳୀନ ଅବସର ଯୋଜନା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଡିଜାଇନ୍ କରାଯାଇଥିବା ଉଚ୍ଚ କାର୍ଯ୍ୟକ୍ଷମତା ନିବେଶ ଉପାୟଗୁଡ଼ିକୁ ଉପଲବ୍ଧ କରାଇବା ପ୍ରତି ଆମ ନିବିଡ଼ ପ୍ରତିବଦ୍ଧତାର ଏକ ସୂଚକ। ଆମେ ବିଶ୍ୱାସ କରୁଛୁ ଏହା ଗ୍ରାହକମାନେ ପାଇଁ ଏକ ଶକ୍ତିଶାଳୀ ଉପକରଣ ହିସାବରେ କାମ କରିବ, ଯାହା ତାଙ୍କୁ ଏକ ସ୍ଥିର ଓ ମଜବୁତ ଆର୍ଥିକ ଭବିଷ୍ୟତ ଗଠନ କରିବାରେ ସମର୍ଥ କରିବ।' 'ଏହି ଫଣ୍ଡ ବର୍ତ୍ତମାନ ପଲିସୀବଜାର ଗ୍ରାହକମାନେ ପାଇଁ ଉପଲବ୍ଧ ହେବ, ଯାହା ଦୁଇଟି ସଂସ୍ଥାଙ୍କର ମୂଲ୍ୟମୁଖୀ, ନବୀନ ଆର୍ଥିକ ସମାଧାନ ପ୍ରଦାନ କରିବା ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଥିବା ଏକ ଅନନ୍ୟ ସହଯୋଗକୁ ଚିହ୍ନିତ କରେ।'

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଚେନ୍ନାଇ: ଭାରତୀୟ କ୍ରିକେଟର ପ୍ରତିଭାବାନ ୱିକେଟକିପର ତଥା ବିସ୍ଫୋରକ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କ ପ୍ରେମ କାହାଣୀ ବେଶ ରୋଚକ ଥିଲା । ଚାରୁଲତାଙ୍କ ସହ ପ୍ରେମ ସମ୍ପର୍କ ନିବୀଡ ହେବା ପରେ ଉଭୟ ବିବାହ କରିଥିଲେ । ମାର ଇଭାନିୟୋସ କଲେଜରେ ଉଭୟ ପରସ୍ପରକୁ ପ୍ରଥମ ଥର ପାଇଁ ଭେଟିଥିଲେ। ସଞ୍ଜୁ ଇଂରାଜୀ ସାହିତ୍ୟରେ ବିଏ କରୁଥିବା ବେଳେ ଚାରୁଲତା କେମେଷ୍ଟ୍ରିରେ ବିଏସସି କରୁଥିଲେ। କଲେଜରେ ଚାରୁଲତାଙ୍କୁ ପ୍ରଥମ ଥର ଦେଖିବା ମାତ୍ରେ ସଞ୍ଜୁ ବୋଲ୍ଡ ହୋଇ ଯାଇଥିଲେ। ଉଭୟ ଲାଜକୁଳା ସ୍ୱଭାବର ହୋଇଥିବାରୁ ମନ କଥା କହିପାରି ନଥିଲେ। ସଞ୍ଜୁ ସାହାସ କରି ଚାରୁଲତାଙ୍କୁ ଫେସବୁକରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ । ୨୨ ଅଗଷ୍ଟ ୨୦୧୩ ରାତି ୧୧ଟାରେ ସଞ୍ଜୁ ମେସେଜ ପଠାଇଥିଲେ । ବାସ ତା'ପରେ ଆରମ୍ଭ ହୋଇଥିଲା ପ୍ରେମର କାହାଣୀ । ଯାହା ଏବେ ବି ଚାଲୁ ରହିଛି । ୫ ବର୍ଷ କାଳ ପ୍ରେମ କରିବା ପରେ ଉଭୟ ୨୨ ଡିସେମ୍ବର ୨୦୧୮ରେ ବିବାହ କରିଥିଲେ। ଏହି ବିବାହରେ ପରିବାର ସଦସ୍ୟ ଏବଂ କିଛି ବନ୍ଧୁ ସାମିଲ ହୋଇଥିଲେ। ସଞ୍ଜୁ ଖ୍ରୀଷ୍ଟିଆନ ହୋଇଥିବା ବେଳେ ଚାରୁଲତା ହିନ୍ଦୁ ଧର୍ମର ଥିଲେ । ବିବାହରେ ଯେପରି ବିବାଦ ସୃଷ୍ଟି ନ ହେବ ସେଥିପ୍ରତି ଉଭୟଙ୍କ ପରିବାର ଧ୍ୟାନ ଦେଇଥିଲେ । ସଞ୍ଜୁ କ୍ରିକେଟରେ ନାମ କମାଇଥିବା ବେଳେ ଚାରୁଲତା ବ୍ୟବସାୟ କରୁଛନ୍ତି । ସଞ୍ଜୁ ଭାରତ ପକ୍ଷରୁ ୧୬ ଦିନିକିଆ ଓ ୪୨ ଟି୨୦ ମ୍ୟାଚ ଖେଳିଛନ୍ତି ।

### ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ପ୍ରଥମ ଦିନରେ ଭାରତର ଦବ୍‌ଦବା

ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଲିଡ୍ସରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ଏହି ଟେଷ୍ଟରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଭାରତ ପ୍ରଥମ ଦିନରେ ୩ୱିକେଟ ହରାଇ ୩୫୯ରନ୍ ସଂଗ୍ରହ କରି ନେଇଛି। ଓପନର ଭାବେ ଜୟସ୍ୱାଲ ଓ କେଏଲ୍ ରାହୁଲ ବ୍ୟାଟିଂ କରିବା ଆସିଥିଲେ। ଦୁହେଁ ଦୃଢ଼ ଭାବରେ ବ୍ୟାଟିଂ କରି ଏକ ଭଲ ପାର୍ଟନରସିପ୍ କରିଥିଲେ। ଦୁଇ ଓପନର ଯଶସ୍ୱୀ ଜୈସୱାଲ ଓ କେଏଲ ରାହୁଲ ପ୍ରଭାବୀ ପ୍ରଦର୍ଶନ କରି ୩୯ ବର୍ଷ ତଳର ରେକର୍ଡ ଭଙ୍ଗ କରିଛନ୍ତି। ଉଭୟ ପ୍ରଥମ ୱିକେଟରେ ୯୧ ରନ ଯୋଗ କରିଥିଲେ। ରାହୁଲଙ୍କୁ ୪୨ ରନରେ ବ୍ରେଡନ କର୍ସ ଆଉଟ କରିଥିଲେ। ଇଂଲଣ୍ଡରେ ଏହା ଭାରତର ଶ୍ରେଷ୍ଠ ଓପନିଂ ପାର୍ଟନରଶିପ। ଜୟସ୍ୱାଲ ୧୦୧ରନ୍ କରି ଆଉଟ ହୋଇଥିଲେ। ସେହିପରି କେଏଲ୍ ରାହୁଲ ୪୨ରନ୍ କରି ଆଉଟ ହୋଇଥିଲେ। ପରେ ଅଧିନାୟକ ଶୁବମନ ଗିଲ୍ ଦମ୍‌ଦାର ବ୍ୟାଟିଂ କରି ୧୨୭ରନ୍ କରି ଅପରାଜିତ ରହିଥିବା ବେଳେ ୱିକେଟକିପର ରିଷଭ ପନ୍ତ ୬୫ରନ୍ କରି କ୍ରିଜରେ ଅଛନ୍ତି। କ୍ୟାପ୍‌ଟେନ ଭାବେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଗିଲ୍‌ଙ୍କ ବ୍ୟାଟ୍‌ରୁ ବାହାରିଛି ଐତିହାସିକ ଶତକ । ଇଂଲଣ୍ଡ ବିପକ୍ଷରେ ଲିଡ୍ସରେ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶତକ ମାରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଲିଡ୍ସ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ବ୍ୟାଟ୍‌ର ଦମଦାର ବ୍ୟାଟିଂ କରିଥିଲେ । ପ୍ରଥମେ ଜୟସ୍ୱାଲ ଶତକ ହାସଲ କରି ଆଉଟ୍ ହୋଇଥିଲେ । ଏହାପରେ ଶୁଭମନ ଗିଲ୍ କ୍ୟାପ୍‌ଟେନ ଇନିଂସ ଖେଳି ୧୪୦ ବଲରେ



ନିଜର ଶତକ ପୂରଣ କରିଛନ୍ତି । ଟେଷ୍ଟ କ୍ରିକେଟ୍‌ରେ ଏହା ଶୁଭମନ୍ ଗିଲ୍‌ଙ୍କ ଷଷ୍ଠ ଶତକ। ହେଡିଂଲିରେ ଖେଳାଯାଉଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ସମସ୍ତଙ୍କ ନଜର ଗିଲ୍‌ଙ୍କ ଉପରେ ଥିଲା । ଟେଷ୍ଟ ଅଧିନାୟକ ଭାବରେ ତାଙ୍କର ଯାତ୍ରା ଏହି ଟେଷ୍ଟ ସିରିଜରୁ ଆରମ୍ଭ ହୋଇଛି । ମାତ୍ର ୨୫ ବର୍ଷ ବୟସରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଥିବା ଗିଲ୍ ପ୍ରଥମ ଦିନରେ ହିଁ ଏହାର ଉତ୍ତର ଦେଇଛନ୍ତି। ପ୍ରଥମ ଦିନର ଦ୍ୱିତୀୟ ସେସନ୍ ଆରମ୍ଭରେ ଗିଲ୍ ବ୍ୟାଟିଂ କରିବାକୁ ଆସିଥିଲେ । ଏହା ଅଧିନାୟକ ଭାବରେ ତାଙ୍କର ପ୍ରଥମ ଇନିଂସ ହେବା ସହ ପ୍ରଥମ ଥର ପାଇଁ ସେ ଚତୁର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଓହ୍ଲାଇଥିଲେ । ଏପରି ସ୍ଥିତିରେ ଗିଲଙ୍କ ପାଇଁ ଏହା ଏକ ପରୀକ୍ଷା ଥିଲା । ଦିନର ଶେଷ ସେସନ୍ ଶେଷ ହେବା ପୂର୍ବରୁ ଗିଲ୍ ଶତକ ମାରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ୭୫ତମ ଓଭରରେ ଜୋଶ୍ ଟଙ୍ଗଙ୍କୁ ଚୌକା ମାରି କ୍ୟାରିଅରର ଷଷ୍ଠ ଶତକ କରିଥିଲେ ଗିଲ୍ । ଗିଲ୍‌ଙ୍କ ଏହି ଶତକ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଆଜି ଏହି ରେକର୍ଡ କରିବା ସହ ସମାଲୋଚକଙ୍କୁ ମଧ୍ୟ କଡ଼ା ଜବାବ ଦେଇଛନ୍ତି । ଆଜିର ଏହି ଇନିଂସ ପୂର୍ବରୁ ଗିଲ୍ ଗତ ସାଢ଼େ ଚାରି ବର୍ଷ ମଧ୍ୟରେ ଏସିଆ ବାହାରେ କୌଣସି ଟେଷ୍ଟ ମ୍ୟାଚ୍‌ରେ ଅର୍ଦ୍ଧଶତକ ମଧ୍ୟ ମାରି ନଥିଲେ । ସେ ଗତ ୧୮ ଇନିଂସରେ ବିଫଳ ହୋଇଥିଲେ । କିନ୍ତୁ ଆଜିର ଇନିଂସରେ ସେ ପ୍ରଥମ ଅର୍ଦ୍ଧଶତକ ମାରିଲେ ଓ ପରେ ଏହାକୁ ଶତକରେ ପରିଣତ କରିଥିଲେ । ବିଦେଶ ମାଟିରେ ଏହା ତାଙ୍କର ଦ୍ୱିତୀୟ ଶତକ। ଇଂଲଣ୍ଡ ପକ୍ଷରୁ ବ୍ରେଡନ କାର୍ସ ଗୋଟିଏ ୱିକେଟ ନେଇଥିବା ବେଳେ ବ୍ରେନ୍ ଷ୍ଟୋକ୍ ୨ୱିକେଟ ଅକ୍ତିଆର କରିଥିଲେ।

### ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ସିରିଜ୍

# ବାଂଲାଦେଶ ୧୮୭ରନ୍‌ରେ ଅଗ୍ରଣୀ



ନୂଆଦିଲ୍ଲୀ: ବାଂଲାଦେଶ ଓ ଶ୍ରୀଲଙ୍କ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ୧୦ୱିକେଟ ହରାଇ ୪୯୫ରନ୍ ସଂଗ୍ରହ କରି ନେଇଛି। ଦଳ ପକ୍ଷରୁ ଶାହଦମ୍ୟାନ୍ ଇସ୍‌ଲାମ ୧୪, ଅନ୍‌ମୋଲ ହକ୍ ୦, ମୋମିନୁଲ୍ ୨୯, ଅଧିନାୟକ ହୋସେନ ଶାଣ୍ଟୋ ୧୪୮, ମୁସଫିକର ରହିମ ୧୬୩, ୱିକେଟକିପର ଲିଟନ୍ ଦାସ ୯୦, ଜାକର ଅଲ୍ଲି ୮, ନୟମ ଅଲ୍ଲି ୧୧, ତାଜୁଲ ଇସ୍‌ଲାମ ୬, ହାସନ ମାମୁଦ ୭ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଆସିଥା ଫରାନେଡୋ ୪ୱିକେଟ, ରଥନାୟକ ୩, ଥାରିନିଡା ରତ୍ନାକେ ୩ ୱିକେଟ ଅକ୍ତିଆର କରିଥିଲେ। ସେହିପରି ଶ୍ରୀଲଙ୍କା ଦୃଢ଼ତାର ସହ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଇନିଂସରେ ୪୮୫ରନ୍ ସଂଗ୍ରହ କରି ନେଇଛି। ଦଳ ପକ୍ଷରୁ ପାଥମ୍ ନିଶାଙ୍କ ଦୃଢ଼ତାର ସହିତ ବ୍ୟାଟିଂ କରି ୧୮୭ରନ୍ କରିଥିବା ବେଳେ ଲାହିରୁ ଯୁଦ୍ରା ୨୯, ଚଣ୍ଡିମାଲ ୫୪, ମାଥ୍ୟୁସ୍ ୩୯, କାମିଣ୍ଡୁ ମେଣ୍ଡିସ୍ ୮୭, ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ୧୯, ୱିକେଟକିପର କୁଶଲା ମେଣ୍ଡିସ୍ ୫, ରଥନାୟକ ୩୯, ଥାରିଣ୍ଡୁ ରତନାୟକ ୦, ପ୍ରବଧ ଜୟସୁରିୟା ୧୧ ଓ ଆସିଥା ଫର୍ଣ୍ଣାଡୋ ୪ ରନ୍ କରିଛନ୍ତି। ବାଂଲାଦେଶ ପକ୍ଷରୁ ହସାନ୍ ମାମୁଦ ୩, ତାଜୁଲ ଇସ୍‌ଲାମ ୧ ଓ ନୟମ ହାସନ ୫, ମୋମିନୁଲ ୧ ୱିକେଟ ଅକ୍ତିଆର କରିଥିଲେ। ସେହିପରି ବାଂଲାଦେଶ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୭୭ ରନ୍ କରିଛି। ଯାହାଫଳରେ ୧୮୭ରନ୍‌ର ଅଗ୍ରଣୀ ହାସଲ କରିଛି। ଦଳ ପକ୍ଷରୁ ସାଦମାନ୍ ଇସ୍‌ଲାମ ସର୍ବାଧିକ ୭୬ରନ୍ କରିଥିବା ବେଳେ ଅନମୋଲ ହକ୍ ୪, ମୋମିନଲ ହକ୍ ୧୪ରନ୍ କରିଛନ୍ତି। ସେହିପରି ନଜମୋଲ ହୋସେନ୍ ସାଣ୍ଟୋ ୫୬ ଓ ମୁସ୍‌ଫିକର ରହିମ୍ ୨୨ରନ୍ କରି ଅପରାଜିତ ଅଛନ୍ତି। ଶ୍ରୀଲଙ୍କ ପକ୍ଷରୁ ପ୍ରବଧ ଜୟସୁରିଆ, ଥାରିଣ୍ଡୁ ରତ୍ନାୟକ, ମିଲନ ପ୍ରିୟନାଥ ରତ୍ନାୟକ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

## ପାରାଦୀପ କ୍ରିକେଟ୍ ଏକାଡେମୀର ବନ୍ଧୁ ମିଳନ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ସ୍ଥିତ ଏନଏସି ଖେଳ ପଡିଆରେ ପାରାଦୀପ କ୍ରିକେଟ ଏକାଡେମୀର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। ଏକାଡେମୀର ଓଡ଼ିଶାର ପ୍ରସିଦ୍ଧ ପ୍ରାକ୍ତନ କ୍ରିକେଟ ଖେଳାଳି ତଥା ପ୍ରଶିକ୍ଷକ ଜର୍ଜ ପଲ ରବିନସନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପ୍ରଶିକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକ ମାନେ ଯୋଗଦେଇ କ୍ରିକେଟ ଏକାଡେମୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ପାରାଦୀପ ପୌରପାଳିକା ୧୨ ନମ୍ବର ୱାର୍ଡ ପାରିଷଦ ତଥା ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧକ୍ଷ ପ୍ରତାପ ଚନ୍ଦ୍ର ନାୟକଙ୍କ ଜନ୍ମ ଦିନ ଉପଲକ୍ଷେ କେକ୍ କଟାଯାଇ ଉପସ୍ଥିତ ସମସ୍ତ ପ୍ରଶିକ୍ଷଣାର୍ଥୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ କେକ୍ ଓ ମିଠା ବଣ୍ଟା ଯାଇଥିଲା।

# ହକି ଇଣ୍ଡିଆ ମାଷ୍ଟର୍ସ କପ୍: ଓଡ଼ିଶା ପୁରୁଷ ବିଜୟୀ

ଭୁବନେଶ୍ୱର: ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ ଲିଗ୍‌ରେ ଗୁରୁବାର ଓଡ଼ିଶାକୁ ମିଶ୍ର ସଫଳତା ମିଳିଛି। ଓଡ଼ିଶା ପୁରୁଷ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ବେଳେ ମହିଳା ଦଳ ପରାଜୟ ବରଣ କରିଛି। ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୁରୁଷ ଦଳ ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ଓଡ଼ିଶା ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ଏମ୍ ହରିକ୍ରିଷ୍ଣନ୍ (୧୭ ମିନିଟ୍)ଙ୍କ ଗୋଲ୍‌ରେ ପୁଡୁଚେରୀ ପ୍ରାରମ୍ଭିକ ଅଗ୍ରଣୀ



ନେଇଥିଲା। ୧୯ତମ ମିନିଟ୍‌ରେ ଲାଜରୁସ ଗୋଲ୍‌ଟି ଶୁଝି ସ୍ଥିତି ସମାନ କରିଥିଲେ। ୨୩ତମ ମିନିଟ୍‌ରେ ବି ଅଧିକେଶବନଙ୍କ ଗୋଲ୍‌ରେ ପୁଣି ପୁଡୁଚେରୀ ଆଗୁଆ ହୋଇଥିଲା। ଏହାପରେ ଶାନ୍ତିଏଲ୍ ମୁଣ୍ଡୁ (୩୨, ୪୧, ୪୩ ମିନିଟ୍)ଙ୍କ ହ୍ୟାଟ୍ରିକ୍ ଏବଂ ଲାଧୁ ଏକ୍କା (୫୨ ମିନିଟ୍)ଙ୍କ ଗୋଲ୍‌ରେ ଓଡ଼ିଶା ୬-୨ରେ ଆଗୁଆ ହୋଇଥିଲା। ୫୮ତମ ମିନିଟ ?ରେ ପୁଡୁଚେରୀର ଦେଲ୍ଲୀଗଣେଶ ଗୋଟିଏ ଗୋଲ୍ ଶୁଝିଥିଲେ। ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବଠୁ ହାରିଯାଇଛି। ପଞ୍ଜାବର ସଙ୍ଗୀତା ମିଞ୍ଜ (୩ ମିନିଟ୍), ଅଧିନାୟିକା ଅମନଦୀପ କୌର (୫ ମିନିଟ୍), ନୀତି (୨୬ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ୫୦ତମ ମିନିଟ୍‌ରେ ଓଡ଼ିଶାର ରଞ୍ଜିତା ବେକ୍ ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ।

# ବିକାଶ ମେଳା ଉପଲକ୍ଷେ ଗଣ ଦୌଡ଼




ରାୟଗଡ (ଭାସ୍କର ନ୍ୟୁଜ): ରାୟଗଡ଼ ବିକାଶ ମେଳା -୨୦୨୫ ଉପଲକ୍ଷେ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ୧୨ଜୁନରୁ ଆରମ୍ଭ ହୋଇଥିବା ବିକାଶ ମେଳା ଆସନ୍ତା ୨୧ଜୁନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ସ୍ଥାନୀୟ ସାଇ ଇଣ୍ଟେରନକ୍ଷସିନାଲ ଛକରୁ କୁଟୁଲାଗୁଡା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଗଣ ଦୌଡ଼କୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଶେଷ କରି ମହିଳା ମହାବିଦ୍ୟାଳୟ ଓ ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ବର୍ଗର ପ୍ରତଯୋଗୀ ଅଂଶଗ୍ରହଣ କରି ଦୀର୍ଘ ୫କିଲୋମିଟର ଦୂର ଅତି ଉତ୍ସାହର ସହିତ ଦୌଡ଼ିଥିଲେ। ଏଥିରେ ପୁରୁଷ ବର୍ଗରେ ଆର ଧନୀ ପ୍ରଥମ, ମନୋଜ ନାୟକ ଦ୍ୱିତୀୟ ଏବଂ ରୋହନ କାଡ୍ରାକା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବର୍ଗରେ ଲଳିତା ଟିଆକା ପ୍ରଥମ, ପିଙ୍କି ହୀମିରିକା ଦ୍ୱିତୀୟ ଓ ଦୀପିକା ବିଡ଼ିକା ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜୟୀ ପ୍ରାର୍ଥୀଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ବିକାଶ ଗଣ ଦୌଡ଼କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ସାଧାରଣ ପରିଚାଳକ ଉତ୍ତର କୁମାର ପଟେଲ ଯୋଗଦେଇଥିଲେ। ଷ୍ଟେଟ ବ୍ୟାଙ୍କ ରାୟଗଡ଼ ତରଫରୁ ପ୍ରସାହନ ଦିଆଯାଇଥିବା ବେଳେ ଜିଲ୍ଲା କ୍ରୀଡା ବିଭାଗ ଆୟୋଜନ କରିଥିଲେ। ଆଜିର ଗଣ ଦୌଡ଼ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ପିଏମ ଫାଇନାନ୍ସ ଜିଲ୍ଲାପରିଷଦ ରଶ୍ମୀକାନ୍ତ ପରିଡ଼ା, ପିଏମ ଗ୍ରାମୀଣ ଗୃହ ବିଭାଗ ପ୍ରଭାତ କୁମାର ଲେଙ୍କା, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚାରୀ ଆଦି ଯୋଗଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଯୋଗଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ଜନାବ ଶେଖ ଅଲେନୁର, କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ।

### କଳିଙ୍ଗ ବ୍ଲାକ ଟାଇଗର୍ସ ରଗ୍‌ବି ପ୍ରିମିୟର ଲିଗ୍

# କଳିଙ୍ଗ ବ୍ଲାକ ଟାଇଗର୍ସ ଓ ଚେନ୍ନାଇ ବୁଲ୍‌ସ ମ୍ୟାଚ୍ ଡ୍ର



ମୁମ୍ବାଇ: ମୁମ୍ବାଇର ଶାହାଜୀ କ୍ରୀଡା ସଙ୍କୁଳ (ଅନ୍ଧେରୀ ସ୍ପୋର୍ଟସ କଂପ୍ଲେକ୍ସ)ଠାରେ ଅନୁଷ୍ଠିତ ଜିଏମଆର ରଗ୍‌ବି ପ୍ରିମିୟର ଲିଗ୍ (ଆରପିଏଲ)ର ୮ତମ ମ୍ୟାଚରେ କଳିଙ୍ଗ ବ୍ଲାକ ଟାଇଗର୍ସ ପ୍ରତିପକ୍ଷ ଚେନ୍ନାଇ ବୁଲସ ସହିତ ରୋମାଞ୍ଚକାରୀ ୨୬-୨୬ରେ ଡ୍ର' ରଖିଛନ୍ତି। ଆରମ୍ଭରୁ ତୀବ୍ର ପ୍ରତିଯୋଗିତା ହୋଇଥିଲା ଏବଂ ମ୍ୟାଚ 'ଚଳିତ ସିଜନର ଚର୍ଚ୍ଚିତ ମ୍ୟାଚ ଭାବରେ ସ୍ପଷ୍ଟ ବାରି ହୋଇପଡୁଥିଲା' ଏବଂ ଏହା ଏପର୍ଯନ୍ତ' ନିରାଶ କରିନାହିଁ। ଏହି ଫଳାଫଳକୁ ନେଇ କଳିଙ୍ଗ ଟାଇଗର୍ସ ଅଧିନାୟକ ହ୍ୟାରୀ ମ୍ୟାକନଲଟି ତାଙ୍କ ଟିମର ସାମୂହିକ ପ୍ରୟାସରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। 'ଆଜି ଆମର ମାନସିକତା ଏକ ଟିମ ଭାବରେ ଖେଳିବା ଉପରେ ପର୍ଯ୍ୟବସିତ ଥିଲା। ଗତ ଦୁଇଟି ମ୍ୟାଚରେ ଆମେ ଏଭଳି କିଛି ମୁହୂର୍ତ୍ତର ସମ୍ମୁଖୀନ ହୋଇଥିଲୁ ଯେତେବେଳେ ଖେଳାଳିମାନେ ଆକ୍ରମଣ ଅଥବା ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିବାକୁ ନିଜଆଡୁ ପ୍ରଚେଷ୍ଟା କରିଥିଲେ, ଯାହା ସେମାନଙ୍କୁ ଏକାକୀ କରିଦେବା ସହିତ ବଲ ହାତଛଡା କରାଇଥିଲା ଏବଂ ଏହା ଅନ୍ୟ ଟିମ୍‌କୁ ସୁଯୋଗ ଦେଇଥିଲା। କିଛି ନୂଆ ଖେଳାଳି କିଭଳି ଟମ୍‌ର କୌଶଳାତ୍ମକ ଆଭିମୁଖ୍ୟକୁ ଆପଣେଇ ପାରିଥିଲେ ସେ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। 'ସେଭଳି କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଥିବାଭଳି ମୋର ମନେହେଉନାହିଁ, କିନ୍ତୁ ଖେଳ ଦୃଷ୍ଟିରୁ ଆମେ ଚାହିଁଥିଲୁ ଯେ ଖେଳାଳିମାନେ ବଲ୍‌କୁ ଶୀଘ୍ର ପାସ ଦିଅନ୍ତୁ ଏବଂ ତାହାପରେ ତାହାକୁ ଦମ୍‌ଦାର ଭାବରେ ଆଗକୁ ବଢାନ୍ତୁ। ତେଣୁ ଆମର ନୂଆ ଖେଳାଳିଙ୍କ ମଧ୍ୟରୁ ଅନେକ ଯେତେବେଳେ ବଲ୍ ପାଇଲେ ସେମାନେ ବଲ୍‌କୁ ପାସ ଦେବା ପରିବର୍ତ୍ତେ ତାହା କଲେ। ଏହି ଖେଳାଳିମାନଙ୍କୁ ନେଇ ମୁଁ ବାସ୍ତବରେ ଗର୍ବିତ ଅନୁଭବ କରୁଛି।



**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या–1, धनबाद**
**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/11/2025-26 जिसका सूचना एवं जनसम्पर्क विभाग के PR No.- 352381 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 22.05.2025 समय 04.00 बजे अपराहन् तक | 23.06.2025, समय 4 .00 बजे अपराह्न तक। |
| 2 | प्री बीड मीटिंग की तिथि एवं समय (क्षेत्रीय मुख्य अभियन्ता का कार्यालय, पेयजल एवं स्वच्छता विभाग, दुमका प्रक्षेत्र, दुमका) | 26.05.2025, 11.30 बजे पूर्वाह्न | 26.06.2025, 11.30 बजे पूर्वाह्न |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 02.06.2025 समय 05.00 बजे अपराहन् तक | 08.07.2025, 5.00 बजे अपराह्न तक। |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 0310. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 02.06.2025 समय 05.00 बजे अपराहन् तक | 08.07.2025, 5.00 बजे अपराह्न तक। |
| 5 | तकनीकी बीड खोलने की तिथि एवं समयः | 03.06.2025 समय 05.00 बजे अपराहन् | 09.07.2025, 5.00 बजे अपराह्न |

शेष सभी शर्तें यथावत रहेगी।

PR 355643 Drinking Water and Sanitation(25-26)D

कार्यपालक अभियन्ता,
पेयजल एवं स्वच्छता प्रमण्डल संख्या–1, धनबाद

JAPIT
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401040, 2401067 Fax.- 0651-2401040

**Corrigendum-I**
**(Ref. No. - JAP-IT/AMC/01/2025)**

The pre-bid queries reponse for "Selection of System Integrator for Annual Maintenance of Items Installed at MGM Medical College, Jamshedpur" (Ref. No. JAP-IT/AMC/01/2025) is uploaded and can be downloaded from https:\\Jharkhand tenders.gov.in.
**(PR-354028)**

Officer on Special Duty
PR 355575 Information Technology(25-26)D JAP-IT

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION,**
**ADVANCE PLANNING,**
**ROAD CONSTRUCTION DEPARTMENT,**
**RANCHI**
NirupanBhawan,3rd Floor,Room No. 401,56-Set,
Doranda,Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-12/2025-26 2nd Call
e-Tender Ref No:–RCD/SID/AP/RAN/12/2025-26
Date:- 16.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Chaingarha main raod to Bhurkunda (Sayal more) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District in the State of Jharkhand. (Tetative Length 6.35 K.m.) . *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 6.35Km |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online Mode only.The quotationers have to deposit a fixed amount of Rs 15,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 23.06.2025,10:30 AM |
| 7 | Last Date/Time of Bid Submission | 02.07.2025 12:00PM |
| 8 | Last Date/Time of Submission of Tender Fee & EMD | 02.07.2025 12:00PM |
| 9 | Date and Time of Bid opening | 03.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |
| 13 | PR No.- | 352922 Road (2025-26) D |

Note:- Only e-Tender shall be accepted.

Sd./- (Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.
PR.NO.355589 Road(25-26):D

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rdFloor,
Room No. 401,56-Set,Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-8/2025-26
1st Call
e-Tender Ref No:–RCD/PID/RANCHI/8/2025-26
Date:-18.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents& Earnest Money Deposit | Cost of tender documents is Rs. 5000/ (Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.06.2025,At 05:30 PM |
| 7 | Online Last Date/Time of Bid Submission | 07.07.2025, 12:00 noon |
| 8 | Date and Time of Bid opening | 08.07.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division,RCD, Ranchi, Mob No.-9471650883 |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

PR 355580
Road(25-26).D

Executive Engineer,
Planning & Investigation Division,
Road Construction Department, Ranchi.

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT**
**(RCD),RANCHI**
NirupanBhawan, 3rdFloor,Room No. 401,56-Set,Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-09/2025-26
1st Call
e-Tender Ref No:–RCD/PID/RANCHI/09/2025-26 Date:-18.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Land Acquisition Proposal, Detailed Resettlement and Rehabilitation Proposal & Detailed Forest Diversion Proposal for widening and strengthening/reconstruction of Road from Kating More to Hurumbil via Samarjobra Dandudih Road(Tentative length-19.135Km) in the State of Jharkhand. *Only Empanelled consultant with RCD under category-I vide letter No. 3063(S) WE Dated 22.08.2022 are allowed to bid. |
| 2 | Tentative Length | 19.135 Km |
| 3 | Period of Completion of Work | 30 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.06.2025,05:30 PM |
| 7 | Online Last Date/Time of Bid Submission | 07.07.2025, 12:00 NOON |
| 8 | Date and Time of Bid opening | 08.07.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.
PR.NO.355574 Road (25-26):D




# ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ

ବର୍ଷ ଏକ ଉପଲବ୍ଧି ଅନେକ










ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ଅନନ୍ୟ। ବର୍ଷକ ଭିତରେ ରାଜ୍ୟର ବିକାଶ ପାଇଁ ନିଆଯାଇଛି ଅନେକ ପଦକ୍ଷେପ। ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ଚାଷୀଙ୍କୁ ଧାନର ୮୦୦ ଟଙ୍କା ଲେଖାଏଁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ପର୍ଯ୍ୟନ୍ତ ସବୁ ବିଜେପି ସରକାରର କମାଲ। ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ପାଇଁ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଆଉ ଏକ ବଳିଷ୍ଠ ପଦକ୍ଷେପ। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସ୍ୱପ୍ନକୁ ସାକାର ପାଇଁ ଗୁରୁମନ୍ତ୍ର ଦେବା ଆମ ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ବିମାନବନ୍ଦରରୁ ଜନତା ମଇଦାନ ରୋଡ ଶୋ ତଥା ଜନତା ମଇଦାନରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଭରି ଦେଇଛି ଉତ୍ସାହ ଓ ଉଦ୍ଦୀପନା। ମୋଦିଙ୍କୁ ଲକ୍ଷ ଲକ୍ଷ ଜନତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମୋଦି ଜିନ୍ଦାବାଦ ନାରାରେ କମ୍ପି ଉଠିଥିଲା ରାଜଧାନୀ। ସେହି ବର୍ଷ ପୂର୍ତ୍ତି ସମାରୋହରେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହେବା ଏକ ବଡ ଉପଲବ୍ଧି। ସେହି ମହା ସମାରୋହର ଏକ ଝଲକ....































Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ବେନିୟମ ମଦ ବିକ୍ରି ଘଟଣା

# ଦରଖାସ୍ତ ପରେ କୋଠି ଭାଙ୍ଗିଲେ ଗ୍ରାମବାସୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ ବୁଧବାର ଦିନ ଗାଁରେ ମଦ ବିକ୍ରିକୁ ବିରୋଧ କରି ବନ୍ଦ କରିବାକୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ଥିଲେ। ଦରଖାସ୍ତ ଦେବାର ୨୪ଘଣ୍ଟା ନ ପୁରୁଣୁ ମଦ କୋଠି ଭାଙ୍ଗିଲେ ଗ୍ରାମବାସୀ। ମଦ ବିକ୍ରିକୁ ବିରୋଧ କରିବା ସ୍ୱାଗତ ଯୋଗ୍ୟ ହେଲେ ଆଇନକୁ ହାତକୁ ନେବା ଠିକ୍ ହୋଇନି ବୋଲି ଏବେ ମତ ପ୍ରକାଶ ପାଉଛି। ଏଭଳି ଘଟଣା ଛନ୍ନାଣବାହେଲି ପଞ୍ଚାୟତ ପଲସପାଣି ଗ୍ରାମରେ ଦେଖିବାକୁ ମିଳିଛି। କିଛି ଦିନ ତଳେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବାରଣ କରିବା ନିଷ୍ପତ୍ତି ନେଇଥିଲେ। ତେବେ ସରପଞ୍ଚଙ୍କ ଅବଗତ କରିବା ଓ ମଦ ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ସରପଞ୍ଚଙ୍କୁ ଲେଖିତ ଦରଖାସ୍ତ ଦେଇଥିଲେ। ହେଲେ ଦରଖାସ୍ତ ଦେବାର ୨୪ଘଣ୍ଟା ନ ପୁରୁଣୁ ଗ୍ରାମରେ ଏକ ବୈଠକ ବସି ମଦ କୋଠିକୁ ଭାଙ୍ଗିବାକୁ ନିଷ୍ପତ୍ତି ନେବା ସହ ଏକତ୍ରିତ ହୋଇ ଭାଙ୍ଗି ଦେଲେ। ଏଇଠି ପ୍ରଶ୍ନ ଉଠେ ଗ୍ରାମବାସୀଙ୍କ ଭରସା ସରପଞ୍ଚ କିମ୍ବା ପ୍ରଶାସନ ଉପରେ ପାଇନଥିବା ଯୋଗୁଁ ତରବରରେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଆଲୋଚନା ହୁଏ। ଅନ୍ୟପଟେ ବିରକୁଳ ଅବକାରୀ ବିଭାଗ ପ୍ରତି ଲୋକଙ୍କ ଭରସା ନ ଥିବା ବେଳେ ବିଭାଗର ସଲାସୁତୁରାରେ ବିଭିନ୍ନ ଗ୍ରାମର ବେନିୟମ ମଦ ବିକ୍ରି ହେଉଥିବା କାହାକୁ ଅଛପା ନାହିଁ। ବିଭାଗର ନିଷ୍କ୍ରିୟତା ଓ ଲାଭଖୋର ନୀତି ଯୋଗୁଁ ଦିନକୁ ଦିନ ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଛି। ଏଥିସହ ଅଞ୍ଚଳରେ ଅସାମାଜିକ କାର୍ଯ୍ୟ ଓ ବିଶୃଙ୍ଖଳା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ଏହା ଅଞ୍ଚଳ ପାଇଁ ଏକ ପ୍ରେରଣା ଯୋଗାଇ ଦେବ ବୋଲି ଚର୍ଚ୍ଚା ହେଉଛି।

# ବନ୍ୟା ଆଶ୍ରୟସ୍ଥଳୀରେ ଅଭ୍ୟାସ ମକ୍‌ଡ୍ରିଲ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ କଳାହାଣ୍ଡି ଜିଲ୍ଲାରେ ଥିବା ୪ ଗୋଟି ବନ୍ୟା ଆଶ୍ରୟସ୍ଥଳୀଠାରେ ୧୯ ତାରିଖ ଗୁରୁବାର ଦିନ ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି, କଲମପୁର ବ୍ଲକ ଅନ୍ତର୍ଗତ ବାଲିଗୁଡା, ଜୟପାଟଣା ବ୍ଲକ ଅନ୍ତର୍ଗତ ରସଡୁମେର ଏବଂ ଜୁନାଗଡ ବ୍ଲକ ଅନ୍ତର୍ଗତ କୁଟେନ ଗାଁ ଠାରେ ସମସ୍ତ ଗ୍ରାମବାସୀ, ପଂଚାୟତ ରାଜ ସଂସ୍ଥାର ସଦସ୍ୟ, ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଏକାଠି କରି ଏହି ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବେଲଖଣ୍ଡିସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ ଅଧକ୍ଷତା କରି ବନ୍ୟା ସମୟରେ ଗୋଷ୍ଠୀର ଭୂମିକା ଓ ମକଡ୍ରିଲର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବରେ ଡି. ଜି. ଏମ୍. ଓସଡାମା ଜୟଜଗତ ସାହୁ ଉପସ୍ଥିତ ରହି ଗୋଷ୍ଠୀସ୍ତରରେ ବିପର୍ଯ୍ୟୟ ଯୋଦ୍ଧା ତିଆରି କରି ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଗୋଷ୍ଠୀ କିପରି ସଶକ୍ତ ହେବ ସେହି ସମ୍ପର୍କରେ ମତପୋଷଣ କରିଥିଲେ। କେସିଙ୍ଗା ପଂଚାୟତ ସମିତି କେସିଙ୍ଗା ଅଧକ୍ଷ ଚନ୍ଦନ ସେନାପତି କାର୍ଯ୍ୟକ୍ରମରେ ଯୋଗଦାନ କରି ବନ୍ୟା ସମୟରେ ଗୋଷ୍ଠୀର ଭୂମିକା ଓ ବନ୍ୟା ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେସିଙ୍ଗା ଜନ୍ମେଜୟ ସ୍ୱାଇଁ, ତହସିଲଦାର କେସିଙ୍ଗା ପ୍ରଶାନ୍ତି ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୌଦାମିନୀ ମାଝୀ ଉପସ୍ଥିତ ରହି ଅଭ୍ୟାସ ମକଡ୍ରିଲର ନିରୀକ୍ଷଣ କରିଥିଲେ। ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ବନ୍ୟା ସମୟରେ ଆଶ୍ରୟସ୍ଥଳୀର ଭୂମିକା ଓ ସୁବିଧା ସୁଯୋଗ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଅଗ୍ନିଶମ ବାହିନୀ କେସିଙ୍ଗା ଏହି ମକଡ୍ରିଲ୍ ସମ୍ବନ୍ଧୀୟ ସମସ୍ତ କୌଶଳ ପ୍ରଦର୍ଶନ କରିଥିଲେ।

# ବିକାଶ ବାହାନକୁ ରେଗେଡାରେ ସ୍ୱାଗତ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ଓଡ଼ିଶାରେ ବିଜେପି ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ ଉପଲବ୍ଧି ଅନେକ' ବାର୍ତ୍ତା ନେଇ ଜନସଚେତନତା ସୃଷ୍ଟି କରୁଛି ବିକାଶ ବାହାନ ରଥ। ବୁଧବାର ଏହି ରଥକୁ କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଗେଡା ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଛି। ରେଗେଡା ସରପଞ୍ଚ ଦୀପ୍ତିରାଣୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିପିଡିଓ ସ୍ୱାଗତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରଦୀପ ମାଝୀ, ସମିତି ସଭ୍ୟା ଗେଲ କର୍ଣ୍ଣ,ନାଏ୍ବ ସରପଞ୍ଚ ସନ୍ଧ୍ୟା ରାଣୀ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ବାହାନ ରଥ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟ/ସଭ୍ୟା, ସଚେତନ ନାଗରିକ ଓ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ।

# ଗଛ କଟାକୁ ନେଇ ପରିବେଶ ପ୍ରେମୀ ମହଲରେ ଉଦବେଗ



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ଓ ଭବାନୀପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଛତିକୁଡା ଠାରୁ ନର୍ଲା ଯାଏଁ ବ୍ୟାପକ ଗଛ କଟାକୁ ନେଇ ପରିବେଶ ପ୍ରେମୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହାକୁ ନେଇ ସମାଜସେବୀ ତଥା ଆଇନଜୀବୀ ସରୋଜ କୁମାର ସାହୁ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ଜଣାଇଛନ୍ତି। ଏହି ରାଜରାସ୍ତାର ଉଭୟ ପାର୍ଶ୍ୱରେ ୧୦୦ ବର୍ଷର ପୁରୁଣା ଆମ୍ବ, ତେନ୍ତୁଳି ଓ ଅନ୍ୟାନ୍ୟ ବୃକ୍ଷ ଗୁଡ଼ିକୁ ରାସ୍ତା ପ୍ରଶସ୍ତିକରଣ ନାଁରେ କଟା ଯାଉଥିବା ଯୋଗୁଁ ସ୍ଥାନୀୟ ପ୍ରାକୃତିକ ପରିବେଶ କ୍ଷୟକ୍ଷତି ହୋଇଛି। ପୂର୍ବର ବିରାଟ ବିରାଟ ଗଛ ଗୁଡ଼ିକ ପଥଚାରୀ, ଯାତ୍ରୀଙ୍କୁ ଖରା ଓ ବର୍ଷା ଦାଉରୁ ସୁରକ୍ଷା ଦେଉ ଥିବା ଏବଂ ବର୍ତ୍ତମାନ ଏହାର ଅଭାବରେ ଲୋକମାନେ କଷ୍ଟ ପାଉଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସମାଧାନ ଦିଗରେ ସମାଜସେବୀ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ, ରାଜ୍ୟ ଗମନାଗମନ ପରିବହନ ମନ୍ତ୍ରୀ, ସ୍ଥାନୀୟ ବିଧାୟିକା ଓ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଛାୟା ପ୍ରଦାନକାରୀ ଚାରା ରୋପଣ ଓ ଏହାର ସୁରକ୍ଷାପାଇଁ ସରକାର ଯତ୍ନବାନ ହେବାକୁ ଉଲ୍ଲେଖ କରିଛନ୍ତି।

# ବିକାଶ ବାହନକୁ ଭବ୍ୟ ସ୍ୱାଗତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ରାଜ୍ୟର ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ତଥା ବର୍ଷ ଏକ ଉପଲବ୍ଧି ଅନେକ ଶୀର୍ଷକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଜିଲ୍ଲା ଓ ବ୍ଲକର ବିଭିନ୍ନ ପଞ୍ଚାୟତ ବିକାଶ ବାହନ ପରିକ୍ରମା କରୁଛି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ପ୍ରଶାସନ ଦ୍ୱାରା ବ୍ଲକର ବିଭିନ୍ନ ପଞ୍ଚାୟତ ବିକାଶ ବାହନ ପରିକ୍ରମା କରୁଥିବାବେଳେ ଆଜି ଗୋବର୍ଦ୍ଧନପୁର ପଞ୍ଚାୟତ ମଧୁପୁରଠାରେ ଏହାକୁ ଭବ୍ୟ ସ୍ୱାଗତ କରାଯାଇଛି। ଏଥିରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବିଶଦ ଭାବେ ବୁଝାଇଥିଲେ। ଏପରିକି ପ୍ରଶାସନ ଏବେ ଲୋକଙ୍କ ଦୁଆର ମୁହଁରେ ପହଞ୍ଚିଛି। ଲୋକେ ସଚେତନ ହେଲେ, ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜାଣିଲେ ହିଁ ଜିଣିବେ ବୋଲି ନିଜ ଉଦ୍‌ବୋଧନରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଡିଓ ଶ୍ରୀ ପାତ୍ରଙ୍କ ସହିତ ସହକାରୀ ଯନ୍ତ୍ରୀ ସୁବାସ ବେହେରା, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକ, କୃଷି ଅଧିକାରୀ ତନ୍ମୟ ମିଶ୍ର, କନିଷ୍ଠ ଯନ୍ତ୍ରୀ ଅମିତ କୁମାର ସିଂ, ରାଜସ୍ୱ ନିରୀକ୍ଷକ ପ୍ରିୟବ୍ରତ ପୃଷ୍ଟି, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ମିଳନ ରାଉତରାୟ, ମହିଳା ସ୍ୱାସ୍ଥ୍ୟ କର୍ମୀ ରସବତୀ ସୁନାନୀ, ମହିଳା ଓ ଶିଶୁ ବିକାଶ ବିଭାଗର ପରିଦର୍ଶିକା ରମା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିକାଶ ବାହନ ଯାତ୍ରା ନୋଡାଲ ଅଧିକାରୀ ତଥା ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆକର୍ଷଣୀୟ ଷ୍ଟଲ ପ୍ରଦର୍ଶିତ ହୋଇଥଲା।

# ଏସ୍‌ବିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ



୨୦ ଟଙ୍କାର ବୀମାରେ ପାଇଲେ ୨ଲକ୍ଷ ଟଙ୍କା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପାଟଣା ଶାଖା ପକ୍ଷରୁ ଜଣେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ କରଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପାଟଣା ଶାଖା କାର୍ଯ୍ୟାଳୟରେ ହିତାଧିକାରୀ ଉଦୟ କୁମାର ମହାରଣାଙ୍କୁ ବିଡିଓ ଧର୍ମରାଜ୍ ମାଝୀ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶିର ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଜୟପାଟଣା ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ପ୍ରଭାକର ଦାସ, କ୍ଷେତ୍ର ଅଧିକାରୀ ଅମର ଶର୍ମା ଏବଂ ସମ୍ୟକ ସାହୁ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୁଚନାଯୋଗ୍ୟ ଯେ,ଜୟ ପାଟଣା ନିକଟସ୍ଥ ମୁଖିଗୁଡ଼। ଓଏଚପିସି କଲୋନୀର ରଞ୍ଜିତା ମହାରଣା ଜୟ ପାଟଣା ବ୍ୟାଙ୍କ ଶାଖାରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ପାଇଁ ୨୦ ଟଙ୍କା ମାତ୍ର ଜମା କରି ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। ତାଙ୍କର ପରଲୋକ ହୋଇଯିବାରୁ ତାଙ୍କର ସ୍ୱାମୀ ଉଦୟ କୁମାର ମହାରଣାଙ୍କୁ ଉକ୍ତ ବୀମା ରାଶି ଆଜି ପ୍ରଦାନ କରଯାଇଥିଲା।

# ସ୍ୱାସ୍ଥ୍ୟକର୍ମୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଖଇରମାଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟ କରି ଆସୁଥିବା ବାଳକୃଷ୍ଣ ଭୋଇଙ୍କୁ ୧୮ତାରିଖ ବୁଧବାର ଦିନ ଆରୋଗ୍ୟ ମନ୍ଦିର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଆଶା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଖଇରମାଳ ସ୍ୱାସ୍ଥ୍ୟ କେନ୍ଦ୍ରର ସିଏଚ୍‌ଓ, ମୃତ୍ୟୁଞ୍ଜୟ ନାଏକ, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଧର୍ମେନ୍ଦ୍ର ହରିଜନ, ଆଶାକର୍ମୀ ସବିତା ସାହୁ, ମଥୁରା ପଧାନ, ଅମୃତାଞ୍ଜନୀ ବାଗ, କସ୍ତୁରୀ ପାତ୍ର ଓ ଉଲାପୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ଅବସର ଗ୍ରହଣ କରୁଥିବା ଶ୍ରୀ ଭୋଇଙ୍କ ଜନସେବା ଓ ଲୋକପ୍ରିୟତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ଆଶା ପାଣିଗ୍ରାହୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସମସ୍ତ କର୍ମଚାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବାଳକୃଷ୍ଣ ଭୋଇଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଦୀର୍ଘ ୩୬ ବର୍ଷକାଳ ଚାକିରୀ ଜୀବନର ଲୋକସମ୍ପର୍କ ଓ ନିଃସ୍ୱାର୍ଥପର ରୋଗୀସେବା ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦାୟ ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଭୋଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର,ସହକର୍ମୀ ଓ ଆଶାକର୍ମୀ ମାନଙ୍କ ସହଯୋଗ କିଭଳି ତାଙ୍କୁ ସେବା ଯୋଗାଇ ଦେବାରେ ସାହାଯ୍ୟ କରିଥିଲା ତାହା ବର୍ଣ୍ଣନା କରିଥିଲେ।

## ନାଗେଶ୍ୱରଙ୍କ ବିୟୋଗରେ ମର୍ମାହତ ଅଞ୍ଚଳବାସୀ

କୋକସରା, (ଭାସ୍କର ନ୍ୟୁଜ୍) : ବ୍ଲକ ଆମପାଣି ଗ୍ରାମର ଜଣେ ଯୁବକ ନାଗେଶ୍ୱର ମହାପାତ୍ରଙ୍କ ଗତକାଲି ରାତିରେ ହୃଦଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ଖବର ସକାଳୁ ପ୍ରଚାରିତ ହେବାପରେ କେହି ବିଶ୍ୱାସ ମଧ କରି ପାରିନଥିବା ବେଳେ ଗ୍ରାମର ଜଣେ ମେଳାପୀ, ପରୋପକାରୀ, ଯୁବକଙ୍କ ଏମିତି ଅକାଳ ବିୟୋଗରେ ଅଞ୍ଚଳବାସୀ ସ୍ତବ୍ଧ ହୋଇ ଯାଇଥିଲେ।



ତ । ଙ୍କ ବାସଭବନରେ ଜ୍ଞାତି କୁଟୁମ୍ବ, ଆତ୍ମୀୟ ସ୍ୱଜନ ଓ ଅଞ୍ଚଳବାସୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶବଧାରରେ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇଥିବା ବେଳେ ତାଙ୍କ ପୁଅ ତରୁଣ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ହାତୀ ଉପଦ୍ରବ ପାଇଁ ଲୋକେ ହନ୍ତସନ୍ତ



ନର୍ଲା, (ଭାସ୍କର ନ୍ୟୁଜ୍) : କିଛିଦିନ ହେଲା କଳାହାଣ୍ଡି ଜିଲ୍ଲାର ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜର ଉଲିଶିର୍ଜା, ବାଙ୍କେଲ୍, ପାଣିମୁଣ୍ଡା ଅଞ୍ଚଳରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସନ୍ଧ୍ୟା ନଇ ଆସିଲେ ହାତୀ ପଲ ଆସି ଚାଷୀଙ୍କ ଆମ୍ବ ବଗିଚାରେ ପଶି ଆମ୍ବ ଖାଇବା ସହିତ ଆମ୍ବ ଗଛକୁ ଭାଙ୍ଗି ଚୂରମାର୍ କରୁଛନ୍ତି। ଗାଁରେ ବନ ସୁରକ୍ଷା କମିଟି ଥିବା ସହିତ ବନ ବିଭାଗର କର୍ମଚାରୀ ମାନେ ମଧ ପଇନ୍ତରା ମାରୁଛନ୍ତି କିନ୍ତୁ ସେମାନେ ମଧ ହାତୀ ଘଉଡାଇ ବାରେ ବିଫଳ ହେଉ ଥିବା ସ୍ଥାନୀୟ ଚାଷୀମାନେ ପ୍ରକାଶ୍ କରିଛନ୍ତି। ପ୍ରକୃତରେ ହାତୀ ଗାଁ ମୁହାଁ ହେବାର କାରଣ ହେଉଛି ଜଙ୍ଗଲ କ୍ଷୟ, ମଣିଷ ନିଜର ସ୍ୱାର୍ଥ ପାଇଁ ଜଙ୍ଗଲକୁ କାଟି ପଦା କରି କପା, ମକା, ହରଡ ଭଳି ଚାଷ କରୁଥିବାରୁ ହାତୀଙ୍କ ଖାଇବା ପାଇଁ କିଛି ମିଳୁ ନାହିଁ। ଫଳରେ ଭୋକ ବିକଳରେ ଗାଁ ମୁହାଁ ହେଉଛନ୍ତି। ବାଙ୍କେଲ୍ ଗାଁର ଅନେକ୍ ଚାଷୀଙ୍କ ଆଖପାଖ ୧୦୦ରୁ ଉର୍ଦ୍ଧ୍ୱ ଆମ୍ବ ଗଛକୁ ଭାଙ୍ଗି ଦେଇ ଥିବା ଦେଖିବାକୁ ମିଳିଛି। ସରକାର୍ ଏଥି ପ୍ରତି ଦୃଷ୍ଟି ଦେଇ ଚାଷୀଙ୍କୁ କ୍ଷତି ପୂରଣ ଦେବା ସହିତ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# କାମ ସାରି ଭୁଲିଗଲେ ଠିକାଦାର: ଗ୍ରାମ୍ୟ ଉନ୍ନୟନ ବିଭାଗ ସାଜିଛି ନିଦାବିଷ୍ଟୁ

- ଉଜୁଡିଗଲାଣି ବିଶ୍ୱନାଥପୁର-ମୁଷାନାଳ ରାସ୍ତା
- ହାତୀଶାଳ ଘାଟି ପାଲଟିଛି ମରଣଯନ୍ତା




ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ମୂଷାନାଳକୁ ସଂଯୋଗ କରୁଥିବା ରାସ୍ତା ସଂପୂର୍ଣ୍ଣ ଭାବେ ଉଜୁଡ଼ିଯାଇଛି। ଚାରିଚକିଆ କି ଭାରୀଯାନ ତ ଦୂରର କଥା ବାଇକ ଆରୋହୀ ବି ଏହି ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ବିଶ୍ୱନାଥପୁରଠାରୁ ଡୁମେରମୁଣ୍ଡା, କନ୍ଧଟୋପି, ହାତୀଶାଳ, ଖଜୁରୀଗୁଡ଼ା, ଲୁମାଗାଁ, ବଚକା ଛକ, ଡଙ୍ଗାଜୋର ଛକ, ରାଜେନ୍ଦ୍ରପୁର ଛକ, ବନ୍ଧପାରୀ, ମୂଷାନାଳ ପର୍ଯ୍ୟନ୍ତ ୧୬ କିମି ବିଶିଷ୍ଟ ରାସ୍ତାର ବିଭିନ୍ନ ସ୍ଥାନରେ ଶହଶହ ଖାଲଖମା ପୁରି ରହିଛି। କିଛି ଦିନ ହେଲା ଲଗାଣ ବର୍ଷା ହେବା ଫଳରେ ଏହି ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଡୁମେରମୁଣ୍ଡା-କନ୍ଧଟୋପି ନିକଟରେ ଥିବା ମଟରନାଳ ଉପରେ ତିଆରି ହୋଇଥିବା ପୋଲ ଦୁଇପଟୁ ଦବିଯାଇଥିବାବେଳେ ରାସ୍ତା ସାରା କାଦୁଅମୟ ହୋଇପଡିଛି। ଫଳରେ ଏହି ପୋଲ ଦେଇ ଭାରୀଯାନ ତ ଦୂରର କଥା ବାଇକଟିଏ ବି ଯିବା ମୁସ୍କିଲ ହୋଇପଡିଛି। ଏପରିକି ପୋଲ ନିର୍ମାଣ ପରେ ପୋଲର ଉଭୟପଟେ ଏପ୍ରୋଚ ରାସ୍ତା ନିର୍ମାଣ କରାଯିବାର ପ୍ରାବଧାନ ରହିଥିଲେ ହେଁ ଠିକାଦାର ଏପ୍ରୋଚ ରାସ୍ତା ନିର୍ମାଣ ନକରିବାରୁ ଲୋକେ ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିପରି ଏହି ରାସ୍ତାର ହାତୀଶାଳ ଘାଟି ହଠାତ ବୁଲାଣି ଓ ଉଚ୍ଚତା ଥିବାରୁ ଏହି ଘାଟିରେ ନିତିପ୍ରତି ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବା ଏକ ସାଧାରଣ ଘଟଣା ପାଲଟିଲାଣି। ତେବେ ହାତୀଶାଳ ଘାଟିରେ ଘାଟ କଟିଂ ସହିତ ଉଚ୍ଚତା ହ୍ରାସ କରିବା, ବୁଲାଣିକୁ ସିଧା କରିବା ଅତ୍ୟନ୍ତ ଆବଶ୍ୟକ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁ ଜାଣି ସୁଦ୍ଧା ଲୋକଙ୍କୁ ବିପଦ ମୁହଁକୁ ଠେଲିଦେଇ ସତେ ଯେମିତି ମଜା ଦେଖୁଛି। ଏପରିକି ବିଶ୍ୱନାଥପୁରଠାରୁ ମୂଷାନାଳ ରାସ୍ତା କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଭବାନୀପାଟଣା ଡିଭିଜନ ଅନ୍ତର୍ଗତ ହୋଇଥିବାବେଳେ ଲାଞ୍ଜିଗଡ ବ୍ଲକର ଦୁର୍ଗମ ତଥା ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଡୁଥିବା ଓ ଘାଟି ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ଏହି ରାସ୍ତାର ସମସ୍ୟା ପ୍ରତି ବିଭାଗ ଯେମିତି ଆଖି ବୁଜିଦେଇଛି। ରାସ୍ତା ନିର୍ମାଣ ପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମରାମତି ଓ ତଦାରଖ ଦାୟିତ୍ୱ ସମ୍ପୃକ୍ତ ଠିକାଦାରଙ୍କ ହୋଇଥିବାବେଳେ ଠିକାଦାରମାନେ ବିଲ ପାଇସାରିଲା ପରେ ରାସ୍ତାକୁ ଭୁଲି ଯାଉଛନ୍ତି ଏବଂ ସମାନ ଢଙ୍ଗରେ ବିଭାଗ ମଧ ନିଦାବିଷ୍ଟୁ ସାଜିଛି। ଯାହାଫଳରେ ବିଶ୍ୱନାଥପୁର-ମୂଷାନାଳ ରାସ୍ତା ସଂପୂର୍ଣ୍ଣ ଉଜୁଡ଼ିଯାଇଥିବାବେଳେ ବିଭାଗୀୟ ଅଧିକାରୀମାନେ ଦେଖି ନଦେଖିଲା ପରି ଜାଣି ନଜାଣିଲା ପରି ନିରବ ରହିଛନ୍ତି। ରାସ୍ତାର ଏହି ସମସ୍ୟାକୁ ନେଇ ଧିରେ ଧିରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଏହା ଆନ୍ଦୋଳନର ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଣୁ ସମୟ ଥାଉଁଣୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ରାଶିଫଳ


ଶନିବାର, ୨୧ ଜୁନ୍ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ଘରୋଇ ଜୀବନ ପ୍ରତି ଧ୍ୟାନ ଦେବେ ଏବଂ କିଛି ବଡ ଖର୍ଚ୍ଚ ମଧ ହୋଇପାରେ।




**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ।



**ମିଥୁନ:** ସେହିପରି ଭାଗ୍ୟ ମଧ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।




**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ ବହୁତ ଖୁସି ସମୟ ପାଇବେ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।




**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।




**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଦିନଟି ଭଲ।



**ମୀନ:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯